## ଅଲ୍ଲାଃ ତାଲାଙ୍କ ବାଣୀ

اِنَّ الَّذِیۡنَ اٰمَنُوۡا وَالَّذِیۡنَ هَادُوۡا
وَالصّٰبِـُٔوۡنَ وَالنَّصٰرٰی مَنۡ اٰمَنَ بِاللّٰهِ
وَالۡیَوۡمِ الۡاٰخِرِ وَعَمِلَ صَالِحًا فَلَا خَوۡفٌ
عَلَیۡهِمۡ وَلَا هُمۡ یَحۡزَنُوۡنَ ○ (المائدہ:70)

ଅନୁବାଦ- ଯେଉଁମାନେ ବିଶ୍ୱାସକାରୀ ଓ ଯେଉଁମାନନେ ଇହୁଦୀ ଏବଂ ସାବି ଓ ଖ୍ରୀଷ୍ଟିୟାନ, (ଏମାନଙ୍କ ମଧ୍ୟରୁ) ଯେଉଁମାନେ ଅଲ୍ଲାଃ ଓ ଅନ୍ତିମ ଦିବସ ଉପରେ ପ୍ରକୃତରେ ବିଶ୍ୱାସ କରିଛନ୍ତି ଏବଂ ସତ୍‌କାର୍ଯ୍ୟ କରିଛନ୍ତି, ସେମାନଙ୍କର ଭବିଷ୍ୟତ ପାଇଁ) କୌଣସି ଭୟ ନାହିଁ କି (ଅତୀତ ପାଇଁ) ସେମାନେ ଦୁଃଖିତ ହେବେ ନାହିଁ । *(ଅଲ୍‌ମାଇଦା: ୭୦)*


بِسۡمِ اللّٰهِ الرَّحۡمٰنِ الرَّحِیۡمِ نَحۡمَدُهٗ وَنُصَلِّیۡ عَلٰی رَسُوۡلِهِ الۡکَرِیۡمِ وَعَلٰی عَبۡدِهِ الۡمَسِیۡحِ الۡمَوۡعُوۡدِ
وَلَقَدۡ نَصَرَکُمُ اللّٰهُ بِبَدۡرٍ وَّاَنۡتُمۡ اَذِلَّةٌ

ଖଣ୍ଡ 6 | ସଂଖ୍ୟା 32

ସାପ୍ତାହିକ ବଦର
Weekly BADAR Qadian
କାଦିଆନ
Odia

ବାର୍ଷିକ ଦେୟ: ୫୭୫/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

12 ଅଗଷ୍ଟ 2021 | 12 ଜହୁର୍ 1400 ହି.ଶ | 02 ମୋହରମ୍ 1443 ହି.କ


## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ] କୁଶଳ ଓ ମଙ୍ଗଳରେ ଅଛନ୍ତି । **(ଅଲ୍‌ହମ୍‌ଦୋଲିଲ୍ଲାଃ)**

ହୁଜୁର ଅନ୍‌ୱ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥**

**ଅଲ୍ଲାଃଙ୍କ ଦୂତ ଓ ସାଧୁସନ୍ଥମାନଙ୍କର ବିରୋଧ କରିବା ଏବଂ ସେମାନଙ୍କୁ ନିର୍ଯ୍ୟାତନା ଦେବା ଦ୍ୱାରା କେବେ ବି ଭଲ ଫଳ ମିଳିନଥାଏ । ଯଦି କିଏ ଏ କଥା ଭାବୁଥାଏ ଯେ ମୁଁ ସେମାନଙ୍କୁ ହଇରାଣ ହରକତ କରି ଓ ଦୁଃଖ କଷ୍ଟ ଦେଇ ଆରାମ୍‌ରେ ରହିବି ବୋଲି, ସେ ଭିଷଣ ଭୂଲ କରୁଛି ଓ ତା'ର ମନ ତାକୁ ଧୋକା ଦେଉଅଛି ।**

### ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

ଏହା ଏକ ରୀତିମତ କଥା ଯେ ଯେତେବେଳେ କୌଣସି ବ୍ୟକ୍ତି କାହାକୁ ଭଲ ପାଉଥାଏ ଓ ଏପରି ଭଲ ପାଉଥାଏ ଯେପରି ସେ ତା' ନିଜ ସନ୍ତାନକୁ ଭଲ ପାଉଥାଏ । ସେହିପରି ଆଉ ଜଣେ ବ୍ୟକ୍ତି ଯିଏ ବାରମ୍ବାର ଏକଥା କହୁଥାଏ ଯେ ଇଏ ମରିଯାଉ ବା ଏହିପରି କୌଣସି କଥା କୁହେ ଯଦ୍ୱାର ମନକୁ ଦୁଃଖ ପହଂଚିଥାଏ ବା ତାକୁ ଦୁଃଖ ପହଂଚାଏ, ତା'ହେଲେ ସେହି ବ୍ୟକ୍ତି ଜଣକ ତା' ଉପରେ କିପରି ଖୁସି ହୋଇପାରିବ ଏବଂ ସେହି ବାପା, ଯାହାର ସନ୍ତାନ ନିମନ୍ତେ ସେହି ବ୍ୟକ୍ତି ଅଭିଶାପ ଦେଇଥାଏ ବା ହୃଦୟ ବିଦାରକ ଭାଷର ତା'ପାଇଁ ବ୍ୟବହାର କରିଥାଏ ସେ ଏପରି ବ୍ୟକ୍ତିକୁ କିପରି ଭଲ ପାଇପାରେ ? ସେହିପରି ଅଓଲିୟାଅଲ୍ଲାଃ (ଅର୍ଥାତ ଅଲ୍ଲାଃଙ୍କ ତରଫରୁ ଆସିଥିବା ସାଧୁସନ୍ଥମାନେ) ମଧ ଇତ୍‌ଫାଲୁଲ୍ଲାଃ (ଅର୍ଥାତ ଅଲ୍ଲାଃଙ୍କ ସନ୍ତାନ) ସଦୃଶ ହୋଇଥାନ୍ତି । କାରଣ ସେମାନେ ଶାରୀରିକ ଯୌବନର ବସ୍ତ୍ରକୁ ବାହାର କରିଦେଇଥାନ୍ତି ଏବଂ ଅଲ୍ଲାଃ ତାଲାଙ୍କ କରୁଣାର କୋଳରେ ଲାଳନ ପାଳନ ହୋଇଥାନ୍ତି ଏବଂ ଅଲ୍ଲାଃ ସେମାନଙ୍କର ତ୍ରଷ୍ଟି, ଅଭିଭାବକ ଓ ସେମାନଙ୍କ ପାଇଁ ଆତ୍ମସମ୍ମାନ ଦେଖାଇଥାଏ । ଯେତେବେଳେ ଜଣେ ବ୍ୟକ୍ତି (ସେ କେଡ଼େ ନମାଜି ତଥା ରୋଜାଦାର ହୋଇଥାଉ) ସେମାନଙ୍କର ବିରୋଧ କରିଥାଏ ଓ ସେମାନଙ୍କୁ ଦୁଃଖ ପହଂଚାଇବା ପାଇଁ ଅଂଟା ଭିଡ଼ିଥାଏ, ସେତେବେଳେ ଅଲ୍ଲାଃ ତାଲାଙ୍କ ଆତ୍ମସମ୍ମାନ/ ଇର୍ଷାଭାବ ଯୋଶ୍ ମରିଥାଏ ଏବଂ ସେମାନଙ୍କୁ ବିରୋଧ କରୁଥିବା ଲୋକମାନଙ୍କ ଉପରେ ତାହାର କ୍ରୋଧ ପ୍ରଜ୍ଜ୍ୱଳିତ ହୋଇଥାଏ । ଏହା ଏଥିପାଇଁ କି ଯେ, ସେମାନେ ଅଲ୍ଲାଃଙ୍କ ପ୍ରୀୟଜନଙ୍କୁ ଦୁଃଖ ଦେବାକୁ ଚାହିଁଲେ । ସେତେବେଳେ ପୁଣି ନା ତାଙ୍କର ନମାଜ କାମରେ ଲାଗିଥାଏ ନା ରୋଜା । କାରଣ ନମାଜ୍ ଏବଂ ରୋଜା ଜରିଆରେ ତାହାଙ୍କୁ ପ୍ରସନ୍ନ କରିବାର ଥିଲା ଯାହାଙ୍କୁ ଅନ୍ୟ ଏକ କର୍ମ ଦ୍ୱାରା ନାରାଜ କରିଦେଇଛନ୍ତି । ତା'ହେଲେ ପୁଣି ସେହି ପ୍ରସନ୍ନତାର ସ୍ଥାନ କିପରି ମିଳିବ ଯେ ପର୍ଯ୍ୟନ୍ତ ଈଶ୍ୱରଙ୍କ କ୍ରୋଧ ଦୂର ନହୋଇଛି ଏବଂ ସେହି ଅବୋଧ ଲୋକଟି ଉକ୍ତ କ୍ରୋଧର କାରଣ ବିଷୟରେ ଅବଗତ ନଥାଏ ବରଂ ସେ ନିଜ ନମାଜ ଓ ରୋଜା ପାଇଁ ଗର୍ବ କରୁଥାଏ । ପରିଣାମ ଏହା ହୋଇଥାଏ ଯେ ଈଶ୍ୱରଙ୍କ କ୍ରୋଧ ଦିନକୁ ଦିନ ବଢ଼ି ଚାଲିଥାଏ । ଫଳତଃ ସେ ଈଶ୍ୱରଙ୍କ ନିକଟତର ହେବା ପରିବର୍ତ୍ତେ ତା'ଠାରୁ ଦିନକୁ ଦିନ ଦୁରେଇ ଦୁରେଇ ଯାଏ ଏପରି କି ତାକୁ ଅଲ୍ଲାଃଙ୍କ ଦରବାରରୁ ବାହାର କରିଦିଆଯାଇଥାଏ । ସେହିପରି ଯେଉଁ ବ୍ୟକ୍ତି ସମ୍ପୁର୍ଣ୍ଣରୂପେ ସମର୍ପିତ ହୋଇଯାଇଛି, ଈଶ୍ୱରଙ୍କ ଦରବାରରେ ପଡ଼ିରହିଛି, ଈଶ୍ୱରଙ୍କ କୋଳରେ ପ୍ରତିପୋଷଣ ହେଉଅଛି, ଈଶ୍ୱରଙ୍କ କରୁଣା ତାକୁ ଆଚ୍ଛାଦନ କରିରଖିଛି, ଏପରିକି ତା'ର ବାକ୍ୟ ଈଶ୍ୱରଙ୍କ ବାକ୍ୟ ହୋଇଥାଏ, ତା'ର ବନ୍ଧୁ ଈଶ୍ୱରଙ୍କ ବନ୍ଧୁ ଏବଂ ତା'ର ଶତ୍ରୁ ଈଶ୍ୱରଙ୍କ ଶତ୍ରୁ ହୋଇଯାଇଥାଏ । ଅତଏବ ଅଲ୍ଲାଃଙ୍କ ସହିତ ଶତ୍ରୁତା କରି କୌଣସି ବ୍ୟକ୍ତି ଜଣେ ସିଦ୍ଧ ମୋମିନ୍ (ଈଶ୍ୱର ବିଶ୍ୱାସୀ) କିପରି ହୋଇପାରେ ? ଏହିପରି ତା'ର ଇମାନ୍ (ବିଶ୍ୱାସ) ଦୂର୍ବଳ ହୋଇଯାଇଥାଏ ଏବଂ ତାକୁ ମଗ୍‌ଜୁବ୍ ଆଲୈହିମ୍ (ଅର୍ଥାତ ଯାହାଙ୍କ ଉପରେ ଅଲ୍ଲାଃଙ୍କ କ୍ରୋଧ ହୋଇଥାଏ ସେମାନଙ୍କ) ମଧରେ ପରିଣତ କରିଥାଏ । ଅଲ୍ଲାଃଙ୍କ ଦୂତ ଓ ସାଧୁସନ୍ଥମାନଙ୍କର ବିରୋଧ କରିବା ଏବଂ ସେମାନଙ୍କୁ ନିର୍ଯ୍ୟାତନା ଦେବା ଦ୍ୱାରା କେବେ ବି ଭଲ ଫଳ ମିଳିନଥାଏ । ଯଦି କିଏ ଏ କଥା ଭାବୁଥାଏ ଯେ ମୁଁ ସେମାନଙ୍କୁ ହଇରାଣ କରି ଓ ଦୁଃଖ କଷ୍ଟ ଦେଇ ଆରମ୍‌ରେ ରହିବି ବୋଲି, ସେ ଭିଷଣ ଭୂଲ କରୁଛି ଓ ତା'ର ମନ ତାକୁ ଧୋକା ଦେଉଅଛି ।

***(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୩୧୪ ମୁଦ୍ରଣ ପ୍ରକାଶନ ୨୦୧୮ କାଦିୟାନ)***

**ଈଶ୍ୱରଙ୍କ କୃପାରୁ ନବୀ ନିରୀହ ହୋଇଥାନ୍ତି । ଜଣେ ନବୀ ଇଗ୍‌ଫିର୍‌ଲି (ଅର୍ଥାତ ହେ ଅଲ୍ଲାଃ ମତେ କ୍ଷମା କର) କହିବାର ତାତ୍ପର୍ଯ୍ୟ କ'ଣ ?**

**ମୋମିନ୍ (ଅର୍ଥାତ ଈଶ୍ୱର ବିଶ୍ୱାସୀ)ମାନଙ୍କର ଭିନ୍ନ ଭିନ୍ନ ସ୍ତର ଅନୁଯାୟୀ ଇଗ୍‌ଫିର୍‌ଲିର ଭିନ୍ନ ଭିନ୍ନ ଅର୍ଥ**

ସୟଦନା ହଜ୍‌ରତ୍ ମୁସ୍‌ଲେହ ମଉଦ ର:ଅ ସୁରଃ ଇବ୍ରାହିମ୍‌ର ଆୟତ ନଂ-୪୨ **ରବ୍‌ବନଗ୍‌ଫିର୍‌ଲି ୱ୍ୱଲିୱ୍ୱାଲିଦୟା ୱ୍ୱଲିଲ୍‌ମୁମିନିନା ୟୋମା ୟକୁମୁଲ୍ ହିସାବ୍** ର ବ୍ୟାଖ୍ୟା କରି କହିଛନ୍ତି:-

ବାସ୍ତବିକ ଈଶ୍ୱରଙ୍କ ସମ୍ବନ୍ଧରେ ଜ୍ଞାନ ନ ରଖିଥିବା ଜଣେ ମଣିଷର ଦୃଷ୍ଟିକୋଣ ସିମୀତ ଥାଏ । ତା'ର ନଜର ମଣିଷ ପର୍ଯ୍ୟନ୍ତ ହିଁ ଯାଇଥାଏ ଏବଂ ମଣିଷ ମଧରେ ହିଁ ସନ୍ତୁଷ୍ଟ ରହିଥାଏ । କିନ୍ତୁ ଆରିଫ୍ (ଈଶ୍ୱରଙ୍କୁ ଚିହ୍ନିଥିବା ବ୍ୟକ୍ତି)ଙ୍କ ନଜର ଉପରକୁ ପଡ଼ିଥାଏ ପୁଣି ଉଚ୍ଚରୁ ଉଚ୍ଚତର ହୋଇଚାଲେ । ସେ ଏକଥା ବୁଝି ନେଇଥାଏ ଯେ ଅଲ୍ଲାଃଙ୍କ ମୁକାବିଲାରେ ମଣିଷର ଅସ୍ତିତ୍ୱ କ'ଣ । ସୂର୍ଯ୍ୟ ସାମାନାରେ ଗୋଟିଏ କଣିକାର ସ୍ଥିତି କ'ଣ ? କାରଣ ମଣିଷ ତ' ତାହାଙ୍କ ଦ୍ୱାରା ହିଁ ସୃଷ୍ଟ । ମଣିଷର ଜୀବନ ବି ଈଶ୍ୱରଙ୍କ ପ୍ରଦତ ଓ ହିଦାୟତ ଅର୍ଥାତ ମାର୍ଗଦର୍ଶନ ମଧ ତାହାଙ୍କଠାରୁ ଆସିଥାଏ । ଗାଲିବ୍ କେଡ଼େ ସୁନ୍ଦର କଥା କହିଛନ୍ତି:-

ଜାନ୍ ଦି ଦିହୁଇ ଉସି କି ଥି
ହକ୍ ତୋ ୟେ ହୈ କେ ହକ୍ ଆଦା ନ ହୁଆ

(ଅର୍ଥାତ:- ଜୀବନ ଦେଲି ! ଏହି ଜୀବନ ତ' ସେହି ଅଲ୍ଲାଃ ହିଁ ଦେଇଥିଲେ କିନ୍ତୁ ହକ୍ କଥା ହେଉଛି ଏହା କି ତାହାଙ୍କ ହକ୍ ପ୍ରଦାନ କରି ହେଲାନାହିଁ)

ଅତଏବ ନବୀ ଯେହେତୁ ଆରିଫ୍ (ଈଶ୍ୱରଙ୍କୁ ଚିହ୍ନିବାର ଜ୍ଞାନ

## ନବୀ ସ:ଆ:ସଙ୍କ ବାଣୀ

**ଉଚିତ ସ୍ଥାନରେ ଧନ ଖର୍ଚ୍ଚ କରିବା ଏବଂ ଅନ୍ୟମାନଙ୍କୁ ଶିକ୍ଷାଦାନ କରିବାର ବୈଶିଷ୍ଟ୍ୟ**

(୧୪୦୯) ହଜ୍‌ରତ୍ ଇବ୍‌ନେ ମସ୍‌ଉଦ୍ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ସେ କହିଲେ, ମୁଁ ନବୀ ସ:ଆ:ସଙ୍କଠାରୁ ଶୁଣିଛି ଯେ ଆପଣ ସ:ଆ:ସ କହୁଥିଲେ: ଇର୍ଷା କରିବା ଉଚିତ ନୁହେଁ କିନ୍ତୁ କେବଳ ଦୁଇ ଜଣଙ୍କ ଉପରେ (ଇର୍ଷା କରିବା ଉଚିତ) । ଜଣେ ହେଉଛି ଏପରି ବ୍ୟକ୍ତି ଯାହାକୁ ଅଲ୍ଲାଃ ତାଲା ଧନସମ୍ପତି ଦେଇଥିବେ ଓ ପୁଣି ସେ ଉକ୍ତ ଧନକୁ ଉଚିତ ସ୍ଥାନରେ ଖର୍ଚ୍ଚ କରୁଥିବ ଏବଂ ଆଉ ଜଣେ ବ୍ୟକ୍ତି ହେଉଛନ୍ତି ସେ ଯାହାକୁ ଅଲ୍ଲାଃ ସଠିକ୍ ଜ୍ଞାନ ଦେଇଥିବେ ଓ ସେ ନିଜେ ତା' ଉପରେ ପରିଚାଳିତ ହେଉଥିବ ଏବଂ ଲୋକମାନଙ୍କୁ ବି ତାହା ଶିକ୍ଷା ଦେଉଥିବ ।

**ଶୁଦ୍ଧ ଓ ପବିତ୍ର ଧନରୁ ସଦ୍‌କାଃ (ଦାନ) ଏବଂ ଜକାତ ଦିଅ**

(୧୪୧୦) ହଜ୍‌ରତ୍ ଅବୁ ହୁରୈରା ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ରସୁଲୁଲ୍ଲାଃ ସ:ଆ:ସ କହିଛନ୍ତି:- ଯେଉଁ ବ୍ୟକ୍ତି ଶୁଦ୍ଧ ରୋଜଗାରରୁ ଗୋଟିଏ ଖଜୁରୀ ବରାବର ମଧ ସଦ୍‌କାଃ (ପୂଣ୍ୟଦାନ) ଦିଏ, ଅଲ୍ଲାଃ ସେହି ସଦ୍‌କାଃକୁ ନିଜ ଦକ୍ଷିଣ ହସ୍ତରେ ଗ୍ରହଣ କରିଥାନ୍ତି ଏବଂ ଅଲ୍ଲାଃ ଶୁଦ୍ଧ ଓ ପବିତ୍ର ବସ୍ତୁକୁ ହିଁ ଗ୍ରହଣ କରିଥାନ୍ତି । ପୁଣି ସଦ୍‌କାଃ ଦେଉଥିବା ବ୍ୟକ୍ତିର ଧନକୁ ବଢ଼ାଇଥାନ୍ତି । ଏହାର ଉଦାହରଣ ହେଉଛି ଏପରି ଯେପରି ତୁମମାନଙ୍କ ମଧ୍ୟରୁ ଜଣେ ବାଛୁରୀ ପାଳିଥାଏ । ପୁଣି ସେହି (ସଦ୍‌କାଃ) ପାହାଡ଼ ସମାନ ହୋଇଯାଇଥାଏ ।

***(ସହି ବୁଖାରୀ, ଖଣ୍ଡ-୩, କିତାବୁଲ୍ ଜକାତ୍, ମୁଦ୍ରଣ ୨୦୦୮ କାଦିଆନ୍)***

ରଖିଥିବା ବ୍ୟକ୍ତି) ହୋଇଥାଏ ତେଣୁ ସେ ନିଜର ଅସ୍ତିତ୍ୱକୁ ଦେଖିଥାଏ ଓ ଏହା ଜାଣିଥାଏ ଯେ ଯାହା କିଛି ମୁଁ କରୁଅଛି ତାହା ମୁଁ ନୁହେଁ ବରଂ ଈଶ୍ୱର ହିଁ କରୁଛନ୍ତି । ତେଣୁ ସେ ପ୍ରାର୍ଥନା କରିଥାଏ ଯେ ହେ ଅଲ୍ଲାଃ ମୋ ଅସ୍ତିତ୍ୱକୁ ଯଥାସମ୍ଭବ ଲୁଚାଇ ରଖ ଓ ତୁମ୍ଭର ଅସ୍ତିତ୍ୱକୁ ଯଥା ସମ୍ଭବ ଅଧିକରୁ ଅଧିକ ପ୍ରକାଶ କର । **ଇଗ୍‌ଫିର୍‌ଲି** ର ଅର୍ଥ ଏପରି କ୍ଷେତ୍ରରେ ଏହା ହୋଇଥାଏ କି ହେ ଈଶ୍ୱର ! ତୁମ୍ଭକୁ ମୋ ପ୍ରେମର ରାଣ ଦେଇ ନିବେଦନ କରୁଅଛି ଯେ ତୁମେ ମୋ ଉପରେ ତୁମ୍ଭର ପର୍ଦା ପକାଇ ଦିଅ । ଅର୍ଥାତ ମୋ ଅସ୍ତିତ୍ୱକୁ ଲିଭାଇ ତୁମ୍ଭର ଅସ୍ତିତ୍ୱ ମୋ ମାଧ୍ୟମରେ ପ୍ରକାଶ ହେଉ । ଏକଥା ସ୍ପଷ୍ଟ ଯେ ଯେତେମାତ୍ରାରେ ଭକ୍ତଙ୍କ ଜରିଆରେ ଅଲ୍ଲାଃଙ୍କ ଅସ୍ତିତ୍ୱ ପ୍ରକାଶ ହେବ ସେତେମାତ୍ରାରେ ସେ ନିଜର ପୂର୍ଣ୍ୟ ଉଦ୍ଦେଶ୍ୟରେ ସଫଳତା ପ୍ରାପ୍ତ କରିବ ।

ହଁ ଯେତେବେଳେ ଏହି ଶବ୍ଦଟି ଅନ୍ୟମାନଙ୍କ ପାଇଁ ବ୍ୟବହାର ହୋଇଥାଏ ସେତେବେଳେ ସେମାନଙ୍କ ସ୍ତର ଅନୁଯାୟୀ ଏହାର ଅର୍ଥ କରାଯିବ । ଯଦି ଜଣେ ଉଚ୍ଚ ସ୍ତରର ମୋମିନ୍ (ଈଶ୍ୱର ବିଶ୍ୱାସୀ) ଏହି ଶବ୍ଦକୁ ବ୍ୟବହାର କରିବ ତା'ହେଲେ ଏହାର ଅର୍ଥ ଏପରି ହେବ କି ଏପରି ସମସ୍ତ ଦୃବଳତା ଯାହା ମତେ ସିଦ୍ଧତା ପ୍ରାପ୍ତ କରିବାରୁ ବଂଚିତ କରୁଅଛନ୍ତି, ସେଥିରୁ ମତେ ବଚାଂନ୍ତୁ । ଯଦି ମଧ୍ୟମ ଧରଣର ମୋମିନ୍ ପାଇଁ ଏହି ଶବ୍ଦ ବ୍ୟବହାର କରାଯାଏ ତା'ହେଲେ ଏହାର ଅର୍ଥ ହେବ କି ମୋର ଦୋଷ ଦୃବଳତାଗୁଡ଼ିକୁ ଘୋଡ଼ାଇ ଦେଇ ମତେ ଉନ୍ନତି କରିବା ପାଇଁ ଶକ୍ତି ପ୍ରଦାନ କର ଏବଂ ଯଦି ସାଧାରଣ ମୋମିନ୍ ଏହି ଶବ୍ଦକୁ ବ୍ୟବହାର କରେ ତା'ହେଲେ ଏହାର ଅର୍ଥ ହେବ ଯେ ମୋ ଇମାନ୍‌ର ପାଦକୁ ସ୍ଥିର ରଖ । ମୋ ପାପ ମତେ ବୁଡ଼େଇ ନ ଦେଉ ଏବଂ ଜଣେ ସତ୍ୟର ସନ୍ଧାନକାରୀ ଯଦି ଏହି ଶବ୍ଦ ବ୍ୟବହାର କରେ, ତା'ହେଲେ ଏହାର ଅର୍ଥ ହେବ ଯେ ମୋ ପାପ ମତେ ମାର୍ଗଦର୍ଶର୍ନ ପାଇବାରୁ ବଂଚିତ ନ କରିଦେଉ ତେଣୁ ମୋ ପାପକୁ କ୍ଷମା କରିଦିଅ । ଏହି ଶବ୍ଦଟିର ବ୍ୟବହାର ଭିନ୍ନ ଭିନ୍ନ ଅବସ୍ଥାରେ ଭିନ୍ନ ଭିନ୍ନ ଅର୍ଥ ଦେଇଥାଏ । ଉଦାହରଣ ସ୍ୱରୁପ ଯେମିତି ଜବ୍‌ବାର ଶବ୍ଦଟି ଯେତେବେଳେ ଅଲ୍ଲାଃଙ୍କ ନିମନ୍ତେ ବ୍ୟବହାର ହୋଇଥାଏ ତେବେ ତାହାର ଅର୍ଥ ମୁସ୍‌ଲେହ୍ ଅର୍ଥାତ ସୁଧାରକ ହୋଇଥାଏ ଏବଂ ଯଦି ଏହି ଶବ୍ଦ ମଣିଷ ପାଇଁ ବ୍ୟବହାର ହୁଏ ତା'ହେଲେ ଏହାର ଅର୍ଥ ବିଦ୍ରୋହୀ ଏବଂ ଆଇନ ଭଙ୍ଗକାରୀ ହୋଇଥାଏ । ମନେରଖିବା ଉଚିତ ଯେ ଅଲ୍ଲାଃ **ଅଲ୍ଲାହୁ ୟଜ୍‌ତବି ମିର୍ ରୁସୁଲିହି ।** ସୁତରାଂ ଯେବେ ଅଲ୍ଲାଃ ତାଲା ସେମାନଙ୍କୁ ବାଛି ନେଇଛନ୍ତି, ତେବେ ପୁଣି ସେମାନଙ୍କଠାରେ ପାପ କାହୁଁ ଆସିପାରେ । ଯେବେ ସେମାନଙ୍କୁ ସଂସାରଠାରୁ ଅଲଗା କରି ଈଶ୍ୱରଙ୍କ ନିକଟରେ ବସାଇ ଦିଆଗଲା, ତା'ହେଲେ ପୁଣି ସେମାନଙ୍କ ନିକଟକୁ ଶୈତାନ୍ କାହୁଁ ଆସିବ । ଶୈତାନ୍ ତ' ଅଲ୍ଲାଃଙ୍କ ନାମ ଶୁଣି ମଧ୍ୟ ପଳାୟନ କରିଥାଏ । ସେହିପରି ଅନ୍ୟ ଏକ ସ୍ଥାନରେ ଅଲ୍ଲାଃ ତାଲା କହିଛନ୍ତି **ଇନ୍ନା ଇବାଦି ଲୈସା ଲକା ଆଲୈହିମ୍ ସୁଲ୍‌ତାନ୍** ଅର୍ଥାତ ମୋ ଭକ୍ତଙ୍କ ଉପରେ ତୁମର (ଅର୍ଥାତ ଶୈତାନର) କୌଣସି ନିୟନ୍ତ୍ରଣ ନାହିଁ । ଅତଏବ ଯେବେ ଏ ନିୟମ ରହିଛି ଯେ ଯିଏ ଉପାସନାର ନିମ୍ନ ସୋପାନରେ ଥାଏ ଅଲ୍ଲାଃ ତାଲା ତାକୁ ବି ଶୈତାନ୍‌ର ଆଧିପତ୍ୟରୁ ସୁରକ୍ଷିତ ରଖିଥାଏ । ତେଣୁ ଅଲ୍ଲାଃ ତାଲାଙ୍କ ଅମ୍ବିୟାମାନେ, ଯେଉଁମାନେ ଅଲ୍ଲାଃଙ୍କ ବିଶେଷ ସୁରକ୍ଷା ବଳୟ ମଧ୍ୟରେ ରହିଥାନ୍ତି, ସେମାନଙ୍କ ନିକଟକୁ ଶୈତାନ୍ କିପରି ଯାଇପାରିବ ? ***(ତଫ୍‌ସୀର୍ କବୀର୍, ଖଣ୍ଡ-୩, ପୃ- ୪୮୯.......୨୦୧୦ କାଦିଆନ୍)***

⌘⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୦ ର ଅବଶିଷ୍ଟାଂଶ ......*

ଏଠାରେ ଗୋଟିଏ ବହୁତ ବଡ଼ ୟୁନିର୍ଭସିଟି ମଧ୍ୟ ରହିଛି । ଏହି ସହରରେ ୫୦ ହଜାର ବିଦ୍ୟାର୍ଥୀ ଶିକ୍ଷା ଅର୍ଜନ କରୁଛନ୍ତି ।

ଏହି ଇଲାକାରେ ୧୯୭୭ ମସିହାରେ ଅହେମଦୀ ଆସି ବସବାସ ଆରମ୍ଭ କଲେ ଏବଂ ୧୯୭୮ ମସିହାରେ ଏଠାରେ ଯମାତ୍‌ର ସ୍ଥାପନ ହେଲା । ଏବେ ୨୦୦ରୁ ଅଧିକ ଲୋକ ଆମର ଏହି ଯମାତ୍‌ରେ ଅଛନ୍ତି । ଅହେମଦୀ ଛାତ୍ରମାନେ ବିଭିନ୍ନ ୟୁନିଭରସିଟିରେ ଶିକ୍ଷା ଆହୋରଣ କରୁଛନ୍ତି । ଏଠିକାର ଯମାତ୍ ଇଦ୍ ମିଲନ ପାର୍ଟି, ରିଲିଜିୟସ୍ ଫାଉଣ୍ଡରର୍ସ ଡ଼େ, ପବିତ୍ର କୁର୍‌ଆନ୍‌ର ପଦର୍ଶନୀ ଅନୁଷ୍ଠିତ କରୁଛନ୍ତି । ଜାନୁୟାରୀ ପହିଲା ଦିନ ୱକାରେ ଅମଲ୍ କରି ସଫାଇ କାର୍ଯ୍ୟକ୍ରମ କରୁଛନ୍ତି ଏବଂ ବୃକ୍ଷ ରୋପଣ କାର୍ଯ୍ୟରେ ଆମ ଯମାତ୍ ଭାଗ ନେଉଅଛି ।

ଏଠାରେ ମସ୍‌ଜିଦ୍ ନିର୍ମାଣ ହେବା ପୂର୍ବରୁ ଅନେକ କାର୍ଯ୍ୟକ୍ରମ କରାଯାଇଅଛି ଏବଂ ପଡ଼ୋଶୀମାନଙ୍କ ସନ୍ଦେହକୁ ଦୂର କରାଯାଇଅଛି ଚର୍ଚ୍ଚରେ ମଧ୍ୟ ଗୋଟିଏ ବଡ଼ ପ୍ରୋଗ୍ରାମ ଅନୁଷ୍ଠିତ କରାଗଲା ଆମ ଇମାମ୍ ସାହେବ ଚର୍ଚ୍ଚରେ ଯାଇ ଜୁମା ନମାଜ ମଧ୍ୟ ପଢ଼ାଇଲେ । ଏବେ ଏହି ଲୋକମାନଙ୍କୁ ଅନୁଭବ ହୋଇଗଲା ଯେ, ଆମେମାନେ ହେଉଛୁ ଶାନ୍ତି ପ୍ରୀୟ ଲୋକ ଏବଂ ଏହି ମସ୍‌ଜିଦ୍‌ଟି ତାଙ୍କ ପଡ଼ୋଶୀର ହକ୍‌କୁ ପ୍ରଦାନ କରିବ ।

ମସ୍‌ଜିଦ୍‌ଟି ନିର୍ମାଣ କରାଯାଇଥିବା ଜମିର ମୋଟ କ୍ଷେତ୍ରଫଳ ହେଉଛି ୨୬୮୦ ବର୍ଗମିଟର ଏହାକୁ ୨୨ ମାର୍ଚ୍ଚ ୨୦୧୨ ମସିହାରେ କିଣା ଯାଇଥିଲା । ଏହାକୁ କିଣିବାରେ ଲୋକାଲ୍ ଅଥୋରିଟି ବହୁତ ସାହାଯ୍ୟ କରିଛନ୍ତି । ଏଠାରେ ମସ୍‌ଜିଦ୍‌ର ଭିର୍ତିପସ୍ତର ୫ ଜୁନ୍ ୨୦୧୨ ମସିହାରେ ହଜୁର ଅନଓ୍ୱର ଅ:ବ:ଅ ସ୍ଥାପନ କରିଥିଲେ । ଯେଉଁ ମସ୍‌ଜିଦ୍‌ଟି ନର୍ମାଣ କରାଯାଇଅଛି ସେଥିରେ ୭୬.୩୦ ବର୍ଗମିଟର କ୍ଷେତ୍ରଫଳରେ ଅଲଗା ଅଲଗା ଦୁଇଟି ହଲ୍ ରହିଛି ଗୋଟିଏ ପୁରୁଷମାନଙ୍କ ପାଇଁ ଓ ଅନ୍ୟଟି ମହିଳାମାନଙ୍କ ପାଇଁ ।

ମୀନାରର ଉଚ୍ଚତା ହେଉଛି ୧୪ ମିଟର ଓ ମସ୍‌ଜିଦ୍ ଉପରେ ଥିବା ଗୁମ୍ବଦର ଗୋଲେଇ ହେଉଛି ୬ ମିଟର ।

ଅମୀର ସାହେବ ଜର୍ମାନୀଙ୍କ ପରିଚୟମୂଳକ ଅଭିଭାଷଣ ପରେ ଆଚେନ ସହରର ଲର୍ଡ଼ ମେୟର ମାର୍କେଲ୍ ଫିଲିପ୍ ନିଜର ଅଭିଭାଷଣ ଉପସ୍ଥାପନ କରି କହିଲେ,

ସର୍ବପ୍ରଥମେ ମୁଁ ମହାମହିମ ଖଲିଫତୁଲ୍ ମସିହିଲ୍‌ଙ୍କୁ ସ୍ୱାଗତ ଜଣାଉଛି ଓ ଆଜିକାର ଏହି ସଭାରେ ସାମିଲ ହୋଇଥିବା ସମସ୍ତ ଶ୍ରୋତାମାନଙ୍କୁ ସଲାମ୍ ଜଣାଉଛି ।

ମେୟର ସାହେବ କହିଲେ, ଆଜିର ଦିନଟି ଆଚେନ୍ ସହର ପାଇଁ ଗୋଟିଏ ଖୁସିର ଦିନ କାରଣ ଏଠାରେ ଖୁଦାତାଲାଙ୍କର ଗୋଟିଏ ନୂଆ ଘର ତିଆରି କରାଯାଇଅଛି ଓ ଆଜି ଏହାର ଉଦ୍‌ଘାଟନ ହେଉଅଛି ଏବଂ ଆମକୁ ଏ କଥାରେ ବହୁତ ଖୁସି ଓ ଗର୍ବ ଅନୁଭବ ହେଉଛି ଯେ, ଏହି ମସ୍‌ଜିଦ୍‌ଟି ନିର୍ମାଣ ହେବା ସମୟରେ ଏଠିକାର ବାସିନ୍ଦାମାନଙ୍କ ତରଫରୁ କୌଣସି ପ୍ରତିବନ୍ଧକ ସୃଷ୍ଟି କରାଯାଇନାହିଁ ଓ କୌଣସି ଅସୁବିଧାର ସମ୍ମୁଖିନ ହେବାକୁ ପଡ଼ିନାହିଁ ବରଂ ଏ ସହରରେ ଏକତା ଦେଖିବାକୁ ମିଳିଛି ।

ପୁଣି ସେ ମହାଶୟ କହିଲେ, ଯିଏ ଅଟ୍ଟାଳିକା ବନାଇଥାଏ ସେ ସେଠାରେ ରହିବାକୁ ମଧ୍ୟ ଚାହିଁଥାଏ ତେଣୁ ଆଜି ଏହି ମସ୍‌ଜିଦ୍ ନିର୍ମାଣ ହେବାରୁ ଜଣାପଡ଼ିଲା ଯେ, ଆଜି ଏହି ସ୍ଥାନଟି ଆପଣଙ୍କର ମାତୃଭୂମି ହୋଇଗଲା ଓ ଆପଣମାନେ ଏଠାରେ ସ୍ଥାୟୀ ଭାବରେ ରହିବାକୁ ଚାହୁଁଛନ୍ତି ଏବଂ ଯେଉଁଭଳି ଆଜି ଆପଣମାନେ ଏହି ଉତ୍ସବରେ ଯୋଗ ଦେବାପାଇଁ ବହୁତ ଲୋକଙ୍କୁ ନିମନ୍ତ୍ରଣ କରିଛନ୍ତି ଏହା ଏକଥା ସ୍ପଷ୍ଟ କରୁଅଛି ଯେ, ଆପଣମାନେ ଗୋପନ ଅବସ୍ଥାରେ ଏବଂ ଅଲଗା ହୋଇ ରହିବାକୁ ଚାହୁଁନାହାନ୍ତି ବରଂ ସମସ୍ତଙ୍କ ସହିତ ମିଳିମିଶି ରହିବାକୁ ଚାହୁଁଛନ୍ତି ଓ ଏହି ପରିବେଶର ଅଂଶବିଶେଷ ହୋଇ ରହିବାକୁ ଚାହୁଁଛନ୍ତି ।

ପୁଣି ସେ ମହାଶୟ କହିଲେ, କିଛି ଲୋକେ ଏପରି ଥାନ୍ତି ଯେଉଁମାନେ ସହରର ଶାନ୍ତିକୁ ବର୍‌ବାଦ୍ କରିବାକୁ ଚାହିଁଥାନ୍ତି ଏବଂ ବିଭ୍ରାଟ ସୃଷ୍ଟି କରିବା ପାଇଁ ଚାହିଁଥାନ୍ତି । ଏତଦ୍‌ଭିନ୍ନ ଚରମପନ୍ଥୀମାନେ ମଧ୍ୟ ଅଛନ୍ତି କିନ୍ତୁ ଆମେ ଏହା ଚାହିଁବା ଯେ, ଆମେ କିପରି ମିଳିମିଶି ଏଠାରେ ଶାନ୍ତି ଭଙ୍ଗ ହେବାକୁ ଦେବାନାହିଁ ଏବଂ ଏହି ମସ୍‌ଜିଦ୍‌ର ଉଦ୍‌ଘାଟନ ଏକଥାକୁ ସ୍ପଷ୍ଟ କରୁଅଛି ଯେ, ସେହି ବିଭ୍ରାଟକାରୀ ଲୋକମାନେ ଅଧିକ ସଂଖ୍ୟାରେ ନାହାନ୍ତି ।

ଶେଷରେ ମେୟର ସାହେବ ନିଜର ଶୁଭକାମନା ପ୍ରକାଶ କରି କହିଲେ ଯେ, ଏହି ମସ୍‌ଜିଦ୍‌ଟି ସର୍ବଦା ପ୍ରେମ ଓ ସ୍ନେହର ସହିତ ମିଳାମିଶା କରିବାର ସ୍ଥାନ ହେବ । ଈଶ୍ୱରଙ୍କର କୃପା ଓ ଶାନ୍ତି ଆମ ସମସ୍ତଙ୍କ ଉପରେ ବର୍ଷଣ ହେଉ ।

ତା'ପରେ Dr. Stephanie Waletzki (ମହାଶୟାଙ୍କ ସମ୍ବନ୍ଧ ଇଂଟିଗ୍ରେସନ ମିନିଷ୍ଟ୍ରି ସହିତ ରହିଛି) ସେ Norderhein Westfalen ପ୍ରଦେଶର ଶ୍ରମମନ୍ତ୍ରୀ ଏବଂ ଇଂଟିଗ୍ରେସନ୍ Hon'ble Guntram Schneider ସାହେବଙ୍କ ବାର୍ତା ପଢ଼ି ଶୁଣାଇଲେ ।

ମନ୍ତ୍ରୀ ସାହେବ କହିଲେ, ‘‘ମସ୍‌ଜିଦ୍ ମନ୍‌ସୁର୍’’ର ଉଦ୍‌ଘାଟନୀ ଅବସରରେ ସମସ୍ତ ଅହେମଦୀମାନଙ୍କୁ ହୃଦୟର ଅନ୍ତରରୁ ଶୁଭେଚ୍ଛା ଏବଂ ସଲାମ ଉପସ୍ଥାପନ କରୁଅଛି । ଖଲିଫତୁଲ୍ ମସିହି ସ୍ୱୟଂ ଆମ ସହରରେ ତଥା ଆଜିକାର ଏହି ପ୍ରୋଗ୍ରାମରେ ଯୋଗ ଦେବା ଆମ ପାଇଁ ବହୁତ ବଡ଼ ସମ୍ମାନର କଥା । ଖଲିଫତୁଲ୍ ମସିହିଙ୍କ ଆଗମନ ଦ୍ୱାରା ଆଚେନ୍ ସହରର ଗୁରୁତ୍ୱ ସ୍ପଷ୍ଟ ହେଉଅଛି । ମୁଁ ସମସ୍ତ ଅତିଥିମାନଙ୍କୁ ମଧ୍ୟ ଏଠାରେ ସ୍ୱାଗତ ଜଣାଉଅଛି ।

କିଛି ବର୍ଷ ପୂର୍ବେ କୋଲନ୍ ଠାରେ ଗୋଟିଏ ମସ୍‌ଜିଦ୍‌ର ଉଦ୍‌ଘାଟନ ହୋଇଥିଲା ତା'ପରେ ଯମାତ୍ ଆମର ଏହି ପ୍ରଦେଶରେ ଅନେକ ମସ୍‌ଜିଦ୍ ତିଆରି କରିଛି । ଯମାତ୍ ଏଠାରେ ବହୁତ ଉନ୍ନତି କରିଛି । ଅହେମଦୀମାନେ ଏଠିକାର କର୍ମଠ ନାଗରୀକ ଅଟନ୍ତି ଏବଂ ସେମାନେ ଭିନ୍ନ ଭିନ୍ନ ପ୍ରୋଗ୍ରାମ ଅନୁଷ୍ଠିତ କରୁଛନ୍ତି । ଆପଣ ନିଜର ପ୍ରୋଗ୍ରାମ ଜରିଆରେ ଓ ଏ ଇଲାକାରେ ଖିଦ୍‌ମତ୍ (ସେବାକାର୍ଯ୍ୟ) ଜରିଆରେ ଅନ୍ୟ ସମ୍ପ୍ରଦାୟର ଲୋକମାନଙ୍କୁ ବତାଇବାକୁ ଚାହୁଁଛନ୍ତି ଯେ, ଆପଣମାନେ ଆପୋଷରେ ମିଳିମିଶି ରହିବାକୁ ଚାହୁଁଛନ୍ତି ।

*କ୍ରମଶଃ......*

## ଜରୁରୀ ଘୋଷଣା

### ହଜୁର ଅନଓ୍ୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦୁହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-

ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।

*(ମୁନିର୍ ଅହ୍‌ମଦ୍ ଜାୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)*

# : ଖୁତ୍‌ବା ଜୁମା :

**ହଜ୍‌ରତ୍ ଉମର୍ ର:ଅ ଅଦାଲତ୍‌ରେ ସମାନତା ଏବଂ ନ୍ୟାୟ ବଜାୟ ରଖିବା ପାଇଁ ଆଦେଶ ଦେଇଥିଲେ**

**ହଜ୍‌ରତ୍ ଉମର୍ ର:ଅ ଶରିୟତ୍‌ର କାନୁନ୍ ସହିତ ପରିଚୟ କରାଇବା ନିମନ୍ତେ ଇଫ୍‌ତା ବିଭାଗ ସ୍ଥାପନ କଲେ ଏବଂ କିଛି ସାହାବାଙ୍କୁ ମନୋନୀତ କଲେ ଯେ ଏମାନଙ୍କ ବ୍ୟତୀତ ଅନ୍ୟ କାହାଠାରୁ ଫତ୍‌ୱା ନ ନିଆଯାଉ ।**

**ହଜ୍‌ରତ୍ ଉମର୍ ର:ଅ ଦେଶରେ ଶାନ୍ତି ସ୍ଥାପନ ନିମନ୍ତେ ଅହ୍‌ଦାସ୍ ଅର୍ଥାତ ପୋଲିସ୍ ବିଭାଗ ସ୍ଥାପନ କରିଥିଲେ**

**ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ମହାନ ଖଲିଫା ରାଶିଦ୍ ଫାରୁକ୍ ଆଜମ୍ ହଜ୍‌ରତ୍ ଉମର୍ ର:ଅଙ୍କ ଗୁଣଗାରିମାର ବିଶ୍ୱାସବର୍ଦ୍ଧକ ବର୍ଣ୍ଣନା**

**ଯିଏ ଏହା ଚାହୁଁଛି ଯେ ଅଲ୍‌କଓ୍ୱିୟୁଲ୍ ଅମିନ୍ ଅର୍ଥାତ ମଜ୍‌ବୁତ୍ ଏବଂ ଅମାନତ୍‌ଦାର ବ୍ୟକ୍ତିଙ୍କୁ ଦେଖିବ,
ସେ ଏହି ବ୍ୟକ୍ତି (ଅର୍ଥାତ ହଜ୍‌ରତ୍ ଉମର୍ ର:ଅ)ଙ୍କୁ ଦେଖନ୍ତୁ ।**

**ହେ ଲୋକମାନେ ! ଉମର୍ ଏବଂ ତାଙ୍କ ବଂଶର ଲୋକମାନଙ୍କ ପାଇଁ, ସେ ନିକଟ ସମ୍ପର୍କୀୟ ହୋଇଥାଉ ବା ଦୂର ସମ୍ପର୍କୀୟ, ତାଙ୍କର ଏଥିରେ ସେତିକି ହିଁ ହକ୍ (ଅଧିକାର) ଅଛି ଯେତିକି ଜଣେ ସାଧାରଣ ମୁସଲମାନର ହକ୍ ରହିଛି ।
ତା'ଠାରୁ ଅଧିକ ନୁହେଁ (ହଜ୍‌ରତ୍ ଉମର୍ ର:ଅ)**

**ଅଓ୍ୱଲିୟାତେ ଉମରଙ୍କର ୪୪ ଟି ବର୍ଣ୍ଣନା**

**ଛଅଜଣ ମର୍‌ହୁମୀନ୍: ମୋକରମ୍ Suripto Hadi Siswoyo sb of Indonesia, ମୋକରମ୍ ଚୌଧୁରୀ ବଶିର୍ ଅହ୍‌ମଦ୍ ଭଟ୍ଟି ସାହେବ ସୁପୁତ୍ର ଅଲ୍ଲାଃଦାଦ୍ ସାହେବ୍ ଭୋଡ୍ଡୁ ଜିଲ୍ଲା ନନ୍‌କାନା ସାହେବ୍, ମୋକରମ୍ ହମିଦୁଲ୍ଲାଃ ଖାଦିମ୍ ମଲ୍‌ହି ସାହେବ୍ ରବ୍‌ୱା, ମୋକରମ୍ ମୁହମ୍ମଦ ଅଲୀ ଖାନ୍ ସାହେବ୍ ପେଶାଓ୍ୱର, ମୋକରମ୍ ସାହାବ୍‌ଜାଦା ମେହେଦୀ ଲତିଫ୍ ସାହେବ୍ ଅଫ୍ ମେରିଲ୍ୟାଣ୍ଡ ଆମେରୀକା, ଅଜିଜମ୍ ଫୈଜାନ୍ ଅହ୍‌ମଦ୍ ସମୀର୍ ସୁପୁତ୍ର ଶହ୍‌ଜାଦ୍ ଅକ୍‌ବର୍ ସାହେବ୍ କାର୍‌କୁନ୍ (କର୍ମଚାରୀ) ଦଫ୍‌ତର୍ ପ୍ରାଇଭେଟ୍ ସେକ୍ରେଟାରୀ ରବ୍‌ୱାଙ୍କର ଗୁଣ ଗାରିମାର ବର୍ଣ୍ଣନା ଏବଂ ନମାଜ ଯନାଜାଃ ଗାଏବ୍ ପାଠ**

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ
(ପ୍ରଦତ୍: ୦୯ ଜୁଲାଇ ୨୦୨୧ ଅନୁଯାୟୀ ୦୯ ୱଫା ୧୪୦୦ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اَشْهَدُ اَنْ لَّا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ

اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ ۔ بِسْمِ اللّٰهِ الرَّحْمٰنِ الرَّحِيْمِ ۔

اَلْحَمْدُ لِلّٰهِ رَبِّ الْعٰلَمِيْنَ ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔ اِيَّاكَ نَعْبُدُ وَاِيَّاكَ نَسْتَعِيْنُ ۔

اِهْدِنَا الصِّرَاطَ الْمُسْتَقِيْمَ ۔ صِرَاطَ الَّذِيْنَ اَنْعَمْتَ عَلَيْهِمْ ۙ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ ۔

ବିଗତ ଖୁତ୍‌ବାରୁ ହଜ୍‌ରତ୍ ଉମର୍ ର:ଅଙ୍କ ଜୀବନୀ ଚର୍ଚ୍ଚା ଅଭ୍ୟାହତ ରହିଛି । ସେହି କ୍ରମରେ ଏହାର ଅବଶିଷ୍ଟାଂଶ ଚର୍ଚ୍ଚା କରିବି । ହଜ୍‌ରତ୍ ଉମର୍ ର:ଅ ସ୍ଥାୟୀ ରୂପେ କଜା ଅର୍ଥାତ ନ୍ୟାୟାଳୟ ବିଭାଗ ସ୍ଥାପନ କରିଥିଲେ । ଏପରି କି ସମସ୍ତ ଜିଲ୍ଲାରେ ନ୍ୟାୟାଳୟମାନ ସ୍ଥାପନ କଲେ ଏବଂ ସେଥିରେ କାଜି ଅର୍ଥାତ ବିଚାରକ ନିଯୁକ୍ତ କରିଥିଲେ । ପୁଣି ହଜ୍‌ରତ୍ ଉମର୍ ର:ଅ ନ୍ୟାୟାଳୟ ସମ୍ବନ୍ଧୀୟ ଆଇନଗତ ନିର୍ଦ୍ଦେଶନାମା ମଧ୍ୟ ଜାରି କରିଥିଲେ ।

*(ଅଲ୍‌ଫାରୁକ୍......ପୃ-୧୯୫-୧୯୮......କରାଚି ୨୦୦୪)*

କାଜିମାନଙ୍କର ଚୟନ କ୍ଷେତ୍ରରେ ମାହିରିନେ ଫିକାଃ ଅର୍ଥାତ ଇସ୍‌ଲାମିୟ ନିତି ନିୟମର ବିଶେଷଜ୍ଞମାନଙ୍କୁ ମନୋନୀତ କରୁଥିଲେ କିନ୍ତୁ ହଜ୍‌ତର୍ ଉମର୍ ର:ଅ କେବଳ ଏତିକିରେ ସନ୍ତୁଷ୍ଟ ନଥିଲେ ବରଂ ସେମାନଙ୍କର ପରୀକ୍ଷା ନେଉଥିଲେ, ସେମାନଙ୍କୁ ସମ୍ମାନ ସୂଚକ ଦରମା ପ୍ରଦାନ କରୁଥିଲେ ଅର୍ଥାତ ସେମାନଙ୍କର ବେତନ ମଧ୍ୟ ଧାର୍ଯ୍ୟ ଥିଲା । କାରଣ ଏହା ଦ୍ୱାରା ସେମାନେ ଭୂଲ ନିଷ୍ପତି ନେବେ ନାହିଁ । ଧନୀ ତଥା ସମ୍ମାନୀତ ବ୍ୟକ୍ତିଙ୍କୁ କାଜି ରୂପେ ନିଯୁକ୍ତ କରୁଥିଲେ କାରଣ ନ୍ୟାୟ ପ୍ରଦାନ ସମୟରେ ବିଚାରକ ଯେପରି କାହାରି ଚାପ ତଥା ଭୟ ଦ୍ୱାରା ପ୍ରଭାବିତ ପକ୍ଷପାତ ନ କରନ୍ତୁ । ହଜ୍‌ରତ୍ ଉମର୍ ର:ଅ ନ୍ୟାୟ ଓ ସମନ୍ୱୟତାର ଏତେ ଧ୍ୟାନ ରଖୁଥିଲେ ଯେ, ହଜ୍‌ରତ୍ ଉବୈ ବିନ୍ କାଆବ୍ ର:ଅଙ୍କ ସହିତ ହଜ୍‌ରତ୍ ଉମର୍ ର:ଅଙ୍କର କୌଣସି ଏକ ବିଷୟରେ କିଛି ବିବାଦ ଥିଲା ତେଣୁ ହଜ୍‌ରତ୍ ଉବୈ ର:ଅ ହଜ୍‌ରତ୍ ଜୈଦ୍ ବିନ୍ ସାବିତ୍ ର:ଅଙ୍କ ଅଦାଲତରେ ମୋକଦ୍ଦମା କରିଲେ । ଉକ୍ତ ପ୍ରସଙ୍ଗ ଯେତେବେଳେ ଜୈଦ୍ ବିନ୍ ସାବିତ୍ ର:ଅଙ୍କ ଅଦାଲତରେ ପହଂଚିଲା । ହଜ୍‌ରତ୍ ଜୈଦ୍ ର:ଅ ବିଚାର ନିମନ୍ତେ ଉଭୟ ପକ୍ଷଙ୍କୁ ଡ଼କାଇଲେ ଏବଂ ହଜ୍‌ରତ୍ ଉମର୍ ର:ଅଙ୍କ ପ୍ରତି ସମ୍ମାନ ଜଣାଇଲେ ଓ ବିଶେଷ ସ୍ଥାନର ଆୟୋଜନ କଲେ । ଏଥିରେ ହଜ୍‌ରତ୍ ହଜ୍‌ରତ୍ ଉମର୍ ର:ଅ କହିଲେ ଏହା ତୁମର ପ୍ରଥମ ଜୁଲୁମ୍ । ଏହା କହି ହଜ୍‌ରତ୍ ଉମର୍ ର:ଅ ଉବୈ ର:ଅଙ୍କ ସାଥିରେ ଯାଇ ବସିପଡ଼ିଲେ ।

*(ଅଲ୍‌ଫାରୁକ୍......ପୃ-୧୯୯-୨୦୦......କରାଚି ୨୦୦୪)*

ଆମେ ଏଠାରେ ଦୁଇପକ୍ଷ ନ୍ୟାୟ ପାଇଁ ଆବେଦନ କରିଅଛୁ ତେଣୁ ଆମକୁ ଦୁଇପକ୍ଷ ପରି ଦେଖ ଏବଂ ଆମକୁ ଅଲଗା ସମ୍ମାନ ଦେଇ ସାଥିରେ ବସାଅ ନାହିଁ ।

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ଏହି ଘଟଣାର ଚର୍ଚ୍ଚା କରି କୁହନ୍ତି ହଜ୍‌ରତ୍ ଉମର୍ ର:ଅଙ୍କର ଏକଦା ହଜ୍‌ରତ୍ ଉବୈ ବିନ୍ କାଆବ୍ ର:ଅଙ୍କ ସାଥିରେ ଝଗଡ଼ା ହୋଇଗଲା ଏବଂ ଉକ୍ତ ମାମଲା କାଜି ନିକଟରେ ଉପସ୍ଥାପିତ ହେଲା । ସେ ହଜ୍‌ରତ୍ ଉମର୍ ର:ଅଙ୍କୁ ଡ଼କାଇ ପଠାଇଲେ, ହଜ୍‌ରତ୍ ଉମର୍ ର:ଅ ଯେତେବେଳେ ଭିତରକୁ ପ୍ରବେଶ କଲେ ସେତେବେଳେ କାଜି ଖଲିଫାଙ୍କୁ ସମ୍ମାନ ଜଣାଇ ନିଜ ଆସନ ଛାଡ଼ି ଦେଲେ କିନ୍ତୁ ହଜ୍‌ରତ୍ ଉମର୍ ର:ଅ ବିରୋଧି ପକ୍ଷ ନିକଟରେ ଯାଇ ବସି ପଡ଼ିଲେ ଏବଂ କାଜିକୁ କହିଲେ, ତୁମେ ନିଜ ଆସନ ଛାଡ଼ି ପ୍ରଥମ ଅନ୍ୟାୟ କରିବସିଛ ବର୍ତମାନ ମୋ ମଧରେ ଓ ମୋ ବିରୋଧି ମଧରେ କୌଣସି ପାତର ଅନ୍ତର କରିବା ଉଚିତ ନୁହେଁ" ।

*(ଅହ୍‌ମଦିୟତ୍ ଯାନି ହକିକି ଇସ୍‌ଲାମ୍, ଅନଓ୍ୱାରୁଲ୍ ଉଲୁମ୍ ଖଣ୍ଡ-୮, ପୃ-୩୦୦)*

ହଜ୍‌ରତ୍ ଉମର୍ ର:ଅ ଆଇନ ସହିତ ପରିଚିତ ହେବାପାଇଁ ଦାରୁଲ୍ ଇଫ୍‌ତା ନାମକ ଏକ ବିଭାଗ ସ୍ଥାପନ କରିଥିଲେ ଏବଂ କିଛି ସାହାବାମାନଙ୍କୁ ଏହି କାର୍ଯ୍ୟ ନିମନ୍ତେ ଚୟନ କରିଥିଲେ ଯେ ଏମାନଙ୍କ ବ୍ୟତୀତ ଅନ୍ୟ କାହାଠାରୁ ଫତ୍‌ୱା ନିଆଯିବ ନାହିଁ । ସୁତରାଂ ଆପଣ ର:ଅ ହଜ୍‌ରତ୍ ଅଲୀ, ହଜ୍‌ରତ୍ ଉସ୍‌ମାନ ର:ଅ, ହଜ୍‌ରତ୍ ମୁଆଜ୍ ବିନ୍ ଜବଲ୍ ର:ଅ, ହଜ୍‌ରତ୍ ଅବ୍ଦୁଦଲ୍ ରହ୍‌ମାନ୍ ବିନ୍ ଅଓଫ୍ ର:ଅ, ହଜ୍‌ରତ୍ ଉବୈ ବିନ୍ କାଆବ୍ ର:ଅ ତଥା ହଜ୍‌ରତ୍ ଜୈଦ୍ ବିନ୍ ସାବିତ୍ ର:ଅ, ହଜ୍‌ରତ୍ ଅବୁ ହୁରୈରା ର:ଅ ଓ ହଜ୍‌ରତ୍ ଅବୁ ଦର୍‌ଦା ର:ଅଙ୍କ ନାମ ଚୟନ କରିଥିଲେ । ଏହି ବ୍ୟକ୍ତିମାନଙ୍କ ବ୍ୟତିତ ଅନ୍ୟ କୌଣସି ବ୍ୟକ୍ତିଙ୍କଠାରୁ ଫତ୍‌ୱା ଗ୍ରହଣ କରାଯାଉନଥିଲା ଏମାନଭ୍‌କ ବ୍ୟତୀତ ଯଦି କିଏ ଫତ୍‌ୱା ଦେଉଥିଲା, ତା'ହେଲେ ହଜ୍‌ରତ୍ ଉମର୍ ର:ଅ ତାଙ୍କୁ ମନା କରିଦେଉଥିଲେ । ଆପଣ ର:ଅ ଏହି ମୁଫ୍‌ତିମାନଙ୍କର ସମୟ ସମୟରେ ଯାଂଚ କରୁଥିଲେ ।

*(ଅଲ୍‌ଫାରୁକ୍......ପୃ-୨୦୨......କରାଚି ୨୦୦୪)*

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ବର୍ଣ୍ଣନା କରନ୍ତି ଯେ ଫତ୍‌ୱାର ଏକ ବିଭାଗ ଅଛି । ରସୁଲେ୍ କରିମ୍ ସ:ଆ:ସ ଏବଂ ତାଙ୍କ ପରେ ଖଲିଫାମାନଙ୍କ ସମୟରେ ଏ ନିୟମ ଥିଲା ଯେ ଶରିୟତ ପ୍ରସଙ୍ଗରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଫତ୍‌ୱା ଦେବାର ଅନୁମତି ନଥିଲା । ହଜ୍‌ରତ୍ ଉମର୍ ର:ଅ ଏ ସମ୍ବନ୍ଧରେ ଏତେମାତ୍ରାରେ ସଚେତନ ଥିଲେ ଯେ ହଜ୍‌ରତ୍ ଉମର୍ ର:ଅଙ୍କ କାଳରେ ଜଣେ ବଡ଼ ସାହାବି ପ୍ରାୟତଃ ତାଙ୍କ ନାମ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍ ଥିଲା ଓ ସେ ବହୁତ ଜ୍ଞାନୀ ବ୍ୟକ୍ତି ଥିଲେ । ସେ ଲୋକମାନଙ୍କୁ କୌଣସି ସମସ୍ୟା ସମ୍ପର୍କରେ କହିଲେ, ଅତଏବ ହଜ୍‌ରତ୍ ଉମର୍ ର:ଅଙ୍କୁ ଯେତେବେଳେ ଏ ସଂପର୍କରେ ସୁଚନା ପ୍ରାପ୍ତ ହେଲା

ସେତେବେଳେ ଆପଣ ର:ଅ ଶିଘ୍ର ତାଙ୍କୁ ଡ଼କାଇ କାରଣ ଦର୍ଶାଇବା ପାଇଁ ନିର୍ଦ୍ଦେଶ ଦେଲେ ଏବଂ କହିଲେ, କ'ଣ ତୁମେ ଅମୀର ଅଟ ? କ'ଣ ତୁମକୁ ମୁଁ ଅମୀର ରୂପେ ନିଯୁକ୍ତ କରିଛି ଯେ, ତୁମେ ଫତ୍ୱା ଦେଉଛ । ଲୋକମାନଙ୍କୁ ନିଷ୍ପତି ଦେଉଛ, ଲୋକମାନଙ୍କ ବିଚାର କରୁଛ ? ପ୍ରକୃତରେ ଯଦି ପ୍ରତ୍ୟେକ ବ୍ୟକ୍ତିଙ୍କୁ ଫତ୍ୱା ଦେବାର ଅଧିକାର ପ୍ରଦାନ କରିଦିଆଯାଏ ତାହେଲେ ପରିସ୍ଥିତି ଅତି ଜଟିଳ ହୋଇଯିବ ଏବଂ ଜନସାଧାରଣଙ୍କ ପାଇଁ ଅନେକ ଫତ୍ୱା ପରୀକ୍ଷାର କାରଣ ସାବ୍ୟସ୍ତ ହେବ । କାରଣ ବେଳେବେଳେ ଗୋଟିଏ ମାମଲାର ଦୁଇଟି ଭିନ୍ନ ଭିନ୍ନ ନିଷ୍ପତି ଦିଆଯାଇଥାଏ ଏବଂ ଉଭୟ ରାୟ ସଠିକ୍ ହୋଇଥାଏ ଅର୍ଥାତ ପରିସ୍ଥିତି ଅନୁକୂଳ ଫତ୍ୱା ନିଆଯାଇଥାଏ । ଯଦି ମାମଲାକୁ ଗଭୀର ଭାବରେ ଅନୁଧ୍ୟାନ କରାଯାଏ ତେବେ ସେଥିରେ ନମନିୟତା ରହିଥାଏ, ଯାହା ଏଭଳି ରାୟ ଦେବା ଉପଯୋଗୀ ବୋଲି ହୃଦୟଙ୍ଗମ ହୋଇଥାଏ । ଅର୍ଥାତ ମଣିଷ ଅନୁଭବ କରିଥାଏ କି ଉଭୟ ରାୟ ସଠିକ୍ ଅଟେ କିନ୍ତୁ ସାଧାରଣ ଜନତାଙ୍କ ପକ୍ଷେ ଏହା ବୁଝିବା କଷ୍ଟକର ହୋଇଥାଏ କି, ଉଭୟ ରାୟ କିଭଳି ସଠିକ୍ ହେଲା ? ତେଣୁ ସେମାନେ ଧର୍ମ ସଙ୍କଟରେ ପଡିଯାଇଥାନ୍ତି ।

***(ଖୁତାବ୍ ଜଲ୍‌ସା ସାଲାନା ୧୭ ମାର୍ଚ୍ଚ ୧୯୧୯, ଅନୱାରୁଲ୍ ଉଲୁମ୍, ଖଣ୍ଡ-୪, ପୃ-୪୦୪)***

ହଜ୍‌ରତ୍ ଉମର୍ ର:ଅ ଦେଶରେ ଶାନ୍ତି, ସୌହାର୍ଦ୍ଦ୍ୟ ଓ ବଜାରର ନିରୀକ୍ଷଣ ପାଇଁ ଅହଦାସ୍ ଅର୍ଥାତ ପୋଲିସ୍ ବିଭାଗ ପ୍ରଚଳନ କରିଥିଲେ ଏହି ବିଭାଗର ଉତର ଦାୟିତ୍ୱ ଏହା ଥିଲା ଯେ ସେ ଆଇନ ଶୃଙ୍ଖଳା ପ୍ରତିଷ୍ଠା କରିବା ସହିତ ବଜାର ଉପରେ ନଜର ରଖିବ । ଯଦି କାହାର ହକ୍ ମରାଯାଉଥାଏ, ଏହି ବିଭାଗ ତାକୁ ତା'ର ହକ୍ ଦେଉଥିଲା । ପ୍ରଶାସନିକ ସମସ୍ୟାଗୁଡ଼ିକୁ ଦେଖିବା ଇତ୍ୟାଦି ଏହାର କାର୍ଯ୍ୟ ଥିଲା । ଏହା ସବୁ କାଜିଙ୍କ ନିକଟରେ ମାମଲା ପେଶ୍ କରିବା ପୂର୍ବରୁ ସମାଧାନ ହେଉଥିଲା । ହଜ୍‌ରତ୍ ଉମର ର:ଅ ନିୟମିତ ଭାବରେ କାରାଗାରର ନିର୍ମାଣ ମଧ୍ୟ କରାଯାଇଥିଲା । ଏହା ପୂର୍ବରୁ କାରାଗାରର ବ୍ୟବସ୍ଥା ପ୍ରଚଳନ ନଥିଲା, ଅଭିଯୁକ୍ତମାନଙ୍କୁ କଠୋର ଦଣ୍ଡ ଦିଆଯାଇ ମୁକ୍ତ କରିଦିଆଯାଉଥିଲା ।

ଏହିପରି ହଜ୍‌ରତ୍ ଉମର୍ ର:ଅ ବଇତୁଲ୍ ମାଲ୍ ସ୍ଥାପନ କରିଥିଲେ । ହଜ୍‌ରତ୍ ଉମର୍ ର:ଅଙ୍କ ପୂର୍ବରୁ ଯେତେ ମାତ୍ରାରେ ଅର୍ଥ ଆସୁଥିଲା ତାହାକୁ ସଙ୍ଗେ ସଙ୍ଗେ ଗରୀବ ଓ ଅଭାବି ଲୋକଙ୍କ ମଧ୍ୟରେ ବାଂଟି ଦିଆଯାଉଥିଲା । ହଜ୍‌ରତ୍ ଅବୁବକର ର:ଅଙ୍କ ସମୟ କାଳରେ ଗୋଟିଏ ଘର ଖରିଦ୍ କରି ତାହାକୁ ବଇତୁଲ୍ ମାଲ୍ କରାଯାଇଥିଲା ଅର୍ଥାତ ବଇତୁଲ୍ ମାଲ୍ ପାଇଁ ଉତ୍ସର୍ଗ କରିଦିଆଯାଇଥିଲା କିନ୍ତୁ ତାହା ବନ୍ଦ ରହୁଥିଲା ଅର୍ଥାତ କାମରେ ଆସୁନଥିଲା କାରଣ ଯାହା କିଛି ଅର୍ଥ ଆସୁଥିଲା ତାହାକୁ ସଙ୍ଗେ ସଙ୍ଗେ ଲୋକମାନଙ୍କ ମଧ୍ୟରେ ବାଂଟି ଦିଆଯାଉଥିଲା । ପନ୍ଦର ହିଜ୍‌ରୀରେ ବେହେରନ୍‌ରୁ ପାଂଚ ଲକ୍ଷ ଅର୍ଥ ଆସିଥିଲା ହଜ୍‌ରତ୍ ଉମର୍ ର:ଅ ସାହାବାମାନଙ୍କ ସହିତ ପରାମର୍ଶ କଲେ ଯେ ଏହି ଅର୍ଥ ରାଶିକୁ କ'ଣ କରାଯିବ ? ଗୋଟିଏ ରାୟ ଏହା ଥିଲା ଯେ ସିରିଆର ସୁଲ୍‌ତାନ୍‌ମାନେ ଗୋଟିଏ ଟ୍ରେଜେରୀ ବିଭାଗ ସ୍ଥାପନ କରିଛନ୍ତି । ଏହି ରାୟକୁ ହଜ୍‌ରତ୍ ଉମର୍ ର:ଅ ପସନ୍ଦ କଲେ ଓ ସମସ୍ତ ସାହାବାମାନଙ୍କ ପରାମର୍ଶ କ୍ରମେ ମଦିନାରେ ବଇତୁଲ୍ ମାଲ୍ ବିଭାଗ ସ୍ଥାପନ କରାଗଲା । ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଅର୍‌କମ୍ ରାଜକୋଷ ବିଭାଗର ଅଫିସର ନିଯୁକ୍ତ ହୋଇଥିଲେ ପରେ ମଦିନା ବ୍ୟତୀତ ସମଗ୍ର ରାଜ୍ୟଗୁଡ଼ିକରେ ତାହାର ରାଜଧାନୀ ଗୁଡ଼ିକରେ ବଇତୁଲ୍ ମାଲ୍ ପ୍ରତିଷ୍ଠା କରାଗଲା । ହଜ୍‌ରତ୍ ଉମର୍ ର:ଅ ଅଟ୍ଟାଳିକା ନିର୍ମାଣରେ ମିତବ୍ୟୟତା ଅବଲମ୍ବନ କରୁଥିଲେ କିନ୍ତୁ ଆପଣ ର:ଅ ବଇତୁଲ୍ ମାଲ୍ ବିଭାଗ ପାଇଁ ଭବ୍ୟ ଭବନ ନିର୍ମାଣ କରାଇଲେ ଏବଂ ତାହା ଉପରେ ପ୍ରହରୀମାନ ନିଯୁକ୍ତ କରିଥିଲେ । ***(ଅଲ୍‌ଫାରୁକ୍......ପୃ-୨୦୩-୨୦୫.....କରାଚି ୨୦୦୪)***

ଏଥିପାଇଁ ସିକ୍ୟୁରିଟିର ସମ୍ପୁର୍ଣ୍ଣ ବ୍ୟବସ୍ଥା ଥିଲା । ବଇତୁଲ୍ ମାଲ୍‌ର ଧନ ସମ୍ପତିର ସୁରକ୍ଷା ନିମନ୍ତେ ଖୁଦ୍ ହଜ୍‌ରତ୍ ଉମର୍ ର:ଅ ନିରିକ୍ଷଣ କରୁଥିଲେ । ଇତିହାସରେ ଗୋଟିଏ ଘଟଣା ଉଲ୍ଲେଖ ଅଛି ଯେ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କର ଜଣେ ସ୍ୱାଧିନ ଗୁଲାମ ବର୍ଣ୍ଣନା କରିଛନ୍ତି ଯେ, ଏକଦା ପ୍ରଚଣ୍ଡ ଗ୍ରୀଷ୍ମ ତାପରେ ହଜ୍‌ରତ୍ ଉସ୍‌ମାନ୍ ର:ଅ ନିଜ ସ୍ୱାଧିନ ପ୍ରାପ୍ତ ଦାସଙ୍କ ସହିତ ନଜଦ୍ ରାସ୍ତାରେ ଆଲିୟା ଉପତ୍ୟାକାରେ ଥିଲେ ଯେ, ସମ୍ମୁଖରୁ ଜଣେ ବ୍ୟକ୍ତି ଦୁଇଟି ଓଟକୁ ଘଉଡ଼ାଇ ଆଣୁଥିବାର ଦୃଶ୍ୟମାନ ହେଲା । ହଜ୍‌ରତ୍ ଉସ୍‌ମାନ୍ ର:ଅ ନିଜ ଦାସଙ୍କୁ କହିଲେ, ଉକ୍ତ ବ୍ୟକ୍ତିକୁ କ'ଣ ହୋଇଯାଇଛି ଯଦି ଏହି ବ୍ୟକ୍ତି ମଦିନାରେ ଉପସ୍ଥିତ ଥାଆନ୍ତା ଏବଂ ପାଗ କୋହଲା ହେବା ପରେ ବାହାରିଥାନ୍ତା ତାହେଲେ ଏହା ତ' ତା ପକ୍ଷରେ ଉତମ ହୋଇଥାଆନ୍ତା । ଯେତେବେଳେ ସେ ନିକଟବର୍ତୀ ହେଲା ହଜ୍‌ରତ୍ ଉସ୍‌ମାନ୍ ର:ଅ କହିଲେ ଦେଖ ସେ ଲୋକ ଜଣକ କିଏ ? ମୁଁ କହିଲି ସେ ତ' ଚାଦରରେ ଘୋଡ଼ାଇ ହୋଇଛନ୍ତି ଓ ଦୁଇଟି ଯବାନ ଅଟସକୁ ଓଡ଼ାଇ ନେଉଛି । ପୁଣି ଯେବେ ସେ ଆହୁରି ନିକଟକୁ ଆସିଲେ ସେତେବେଳେ ଜଣାପଡ଼ିଲା ଯେ, ସେ ହେଉଛନ୍ତି ଅମୀରୁଲ୍ ମୁମିନିନ୍ ହଜ୍‌ରତ୍ ଉମର୍ ବିନ୍ ଖତାବ୍ ର:ଅ, ହଜ୍‌ରତ୍ ଉସ୍‌ମାନ୍ ର:ଅ କହିଲେ, ହଜୁର ଇଏ କ'ଣ ? ହଜ୍‌ରତ୍ ଉମର୍ ର:ଅ ଉତର ଦେଲେ ସଦ୍‌କାର ଓଟମାନଙ୍କ ମଧ୍ୟରୁ ଦୁଇଟି ଓଟ ପଛରେ ରହିଯାଇଥିଲେ ତେଣୁ ମୁଁ ସଂଙ୍ଗି ଯାଇଥିଲି ଏବଂ ଭାବିଲି ଯଦି ଏହି ଦୁଇଟି ଓଟ ମୋ ଦ୍ୱାରା ହଜି ଯାଆନ୍ତି ତାହେଲେ ଅଲ୍ଲାଃ ତାଲା ଏ ପ୍ରସଙ୍ଗରେ ନିଶ୍ଚିତ ପ୍ରଶ୍ନ କରିବେ ସେତେବେଳେ ମୁଁ କ'ଣ ଉତର ଦେବି ? ହଜ୍‌ରତ୍ ଉସ୍‌ମାନ୍ ର:ଅ କହିଲେ, ହେ ଅମୀରୁଲ୍ ମୁମିନିନ୍ ଆପଣ ଛାଇ ତଳେ ବସିଯାଆନ୍ତୁ ଜଳ ପାନ କରନ୍ତୁ ଆମେ ଆପଣଙ୍କ ସକାଶେ ଯଥେଷ୍ଟ, ଆମେ ଏହି ସେବା ପାଇଁ ଉପସ୍ଥିତ ଅଛୁ । ମୁଁ ଲୋକଙ୍କୁ ପଠାଇ ସମସ୍ତ ବ୍ୟବସ୍ଥା କରିଦେଉଛି । ହଜ୍‌ରତ୍ ଉମର୍ ର:ଅ ସେମାନଙ୍କୁ କହିଲେ, ତୁମେମାନେ ଯାଇ ଛାଇରେ ବସ । ହଜ୍‌ରତ୍ ଉସ୍‌ମାନ୍‌ଙ୍କ ସ୍ୱାଧିନ ପ୍ରାପ୍ତ ଦାସ କହିଲେ, ଆମ ନିକଟରେ ଯାହା କିଛି ଅଛି ତାହା ଆପଣଙ୍କ ପାଇଁ ଯଥେଷ୍ଟ ହେବ । କିନ୍ତୁ ହଜ୍‌ରତ୍ ଉମର୍ ର:ଅ ପୂର୍ନବାର ସେହି ସମାନ୍ କଥା କହିଲେ ଯେ, ତୁମେ ଯାଇ ଛାଇରେ ବସ ଏବଂ ସେ ଚାଲିଗଲେ । ହଜ୍‌ରତ୍ ଉସ୍‌ମାନ ର:ଅ କହିଲେ, ଯେଉଁ ବ୍ୟକ୍ତି ଏହା ଚାହୁଁଛି ଯେ, ସେ ଅଲ୍‌କୱିୟୁଲ୍ ଅମିନ୍ ଅର୍ଥାତ ଶକ୍ତିଶାଳୀ ସନ୍ତକ ରକ୍ଷୀକୁ ଦେଖୁ ତେବେ ସେ ଏହି ବ୍ୟକ୍ତିକୁ ଦେଖିନେଉ ।

ଅନ୍ୟ ଏକ ବର୍ଣ୍ଣନାରେ ଏହା ଉଲ୍ଲେଖ ରହିଛି ଯେ, ଉମର୍ ବିନ୍ ନାଫେ ଅବୁ ଇସାଙ୍କଠାରୁ ବର୍ଣ୍ଣନା କରନ୍ତି, ହଜ୍‌ରତ୍ ଅବୁ ଇସା କହୁଥିଲେ, ମୁଁ ହଜ୍‌ରତ୍ ଉମର୍ ବିନ୍ ଖତାବ୍ ର:ଅ, ହଜ୍‌ରତ୍ ଉସ୍‌ମାନ୍ ବିନ ଅଫାନ୍ ଓ ହଜ୍‌ରତ୍ ଅଲୀ ବିନ୍ ତାଲିବ୍ ର:ଅଙ୍କ ସହିତ ସଦ୍‌କାଃ କରିବା ସମୟରେ ଆସି ପହଂଚିଲି । ହଜ୍‌ରତ୍ ଉସ୍‌ମାନ୍ ର:ଅ ଛାଇ ତଳେ ବସିଥିଲେ ଓ ହଜ୍‌ରତ୍ ଅଲୀ ର:ଅ ତାଙ୍କ ନିକଟରେ ଛିଡ଼ା ହୋଇ ସେହି କଥା ତାଙ୍କୁ କହିଚାଲିଥିଲେ ଯେଉଁ କଥାଗୁଡ଼ିକ ହଜ୍‌ରତ୍ ଉମର୍ ର:ଅ କହୁଥିଲେ । ପ୍ରଚଣ୍ଡ ଗ୍ରୀଷ୍ମତାପ ସତ୍ୱେ ହଜ୍‌ରତ୍ ଉମର୍ ର:ଅ ଖରାରେ ଛିଡ଼ା ହୋଇଥିଲେ ଏବଂ ଆପଣଙ୍କ ନିକଟରେ ଦୁଇଟି କଳା ଚାଦର ଥିଲା ଗୋଟିଏ ଚାଦର ଆପଣ ନିଜ ଅଙ୍ଗରେ ବାନ୍ଧି ନେଇଥିଲେ ତ ଆଉ ଅନ୍ୟ ଚାଦରଟିକୁ ଆପଣ ନିଜ ମୁଣ୍ଡରେ ବାନ୍ଧି ରଖିଥିଲେ ତତ୍‌ସହିତ ସଦ୍‌କାଃ ପାଇଁ ଆସିଥିବା ଓଟ ଗୁଡ଼ିକୁ ନିରୀକ୍ଷଣ କରୁଥିଲେ, ଓଟର ରଙ୍ଗ ଓ ବୟସ ଇତ୍ୟାଦି ତଥ୍ୟ ଲେଖୁଥିଲେ । ହଜ୍‌ରତ୍ ଅଲୀ ର:ଅ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କୁ କହିଲେ, କିତାବୁଲ୍ଲାଃରେ ତୁମେ ସୋଏବ୍ ର:ଅଙ୍କ ଝିଅଙ୍କର ଏହି କଥନ ଶୁଣିଛି କି ? **ଇନ୍ନା ଖୈରା ମନିସ୍ ତାଜର୍‌ତଲ୍ କୱିୟୁଲ୍ ଅମିନ୍** ***(ଅଲ୍ କସମ:୨୭)*** ଅର୍ଥାତ: ନିଃସନ୍ଦେହ ରୂପେ ଯେଉଁ ବ୍ୟକ୍ତିଙ୍କୁ ବି ତୁମେ ଚାକର ରଖିବ ସେହି ଚାକର ଉତ୍କୃଷ୍ଟ ବ୍ୟକ୍ତି ସାବ୍ୟସ୍ତ ହେବ ଯିଏ ଶକ୍ତିଶାଳୀ ଓ ବିଶ୍ୱସ୍ତ ସନ୍ତକରକ୍ଷୀ ହେବ । ପୁନଶ୍ଚ ହଜ୍‌ରତ୍ ଅଲୀ ର:ଅ ହଜ୍‌ରତ୍ ଉମର୍ ର:ଅଙ୍କ ଆଡ଼କୁ ଇଙ୍ଗିତ କରି କହିଲେ ଯେ ଇଏ ହେଉଛନ୍ତି ସେହି ଶକ୍ତିଶାଳୀ ଓ ବିଶ୍ୱସ୍ତ ସନ୍ତକରକ୍ଷୀ ବ୍ୟକ୍ତି । ***(ଉସଦୁଲ୍ ଗାବାଃ........ ଖଣ୍ଡ-୩, ପୃ-୬୬୭.......... ବେରୁତ୍ ୨୦୦୩) (ଉମ୍‌ଦତୁଲ୍ କାରିଶରହ୍ ବୁଖାରୀ.....ଖଣ୍ଡ-୧୬, ପୃ-୨୭୯....ବେରୁତ)***

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ବର୍ଣ୍ଣନା କରନ୍ତି ଯେ, ହଜ୍‌ରତ୍ ଉମର୍ ର:ଅଙ୍କର ଗୋଟିଏ ଘଟଣା ଏହିପରି ରହିଛି ଯେ, ହଜ୍‌ରତ୍ ଉସ୍‌ମାନ୍ ର:ଅ ବର୍ଣ୍ଣନା କରନ୍ତି ଏକଦା ମୁଁ ବାହାରେ କୁବାଠାରେ ବସିଥିଲି ଏବଂ ସେତେବେଳେ ଏଭଳି ପ୍ରଚଣ୍ଡ ଗ୍ରୀଷ୍ମତାପ ଅବତୀର୍ଣ୍ଣ ହେଉଥିଲା ଯେ, କବାଟ ଖୋଲିବାକୁ ମୁଁ ସାହାସ ଜୁଟାଇ ପାରୁନଥିଲି । ଇତି ମଧ୍ୟରେ ମୋ ଦାସ ଆସି କହିଲେ, ଦେଖନ୍ତୁ ଏଭଳି ଭୟଙ୍କର ଗ୍ରୀଷ୍ମତାପରେ ମଧ୍ୟ ଜଣେ ବ୍ୟକ୍ତି ବାହାରେ ଘୁରି ବୁଲୁଛି । ମୁଁ ପରଦା ଉଠାଇ ଦେଖିବାରୁ ମତେ ଜଣେ ବ୍ୟକ୍ତି ଦୃଶ୍ୟମାନ ହେଲେ ଯାହାର ମୂଖ ପ୍ରଚଣ୍ଡ ଗ୍ରୀଷ୍ମତାପ ଯୋଗୁଁ ଜଳିଗଲା ପରି ଦେଖାଯାଉଥିଲା । ମୁଁ ଦାସଙ୍କୁ କହିଲି, ସମ୍ଭବତଃ ଏ ଜଣେ ଯାତ୍ରୀ ତଥା ପରଦେଶୀ ହୋଇଥିବେ । କିନ୍ତୁ କିଛି ସମୟ ବିତି ଥିଲା କି ନାହିଁ ଯେ ସେହି ବ୍ୟକ୍ତିଜଣକ ମୋ କୁବା ନିକଟରେ ପହଂଚିଲା । ମୁଁ ଦେଖିବାକୁ ପାଇଲି ଯେ, ସେ ହେଉଛନ୍ତି ଅମୀରୁଲ୍ ମୁମିନିନ୍ ହଜ୍‌ରତ୍ ଉମର୍ ବିନ୍ ଖତାବ୍ ର:ଅ । ତାଙ୍କୁ ଚିହ୍ନି ମୁଁ ବ୍ୟତିବ୍ୟସ୍ତ ହୋଇ ସଙ୍ଗେ ସଙ୍ଗେ ବାହାରକୁ ବାହାରିଗଲି ଏବଂ କହିଲି ଏ ଅସମୟରେ ଆପଣ କୁଆଡ଼େ ବାହାରିଛନ୍ତି ? ହଜ୍‌ରତ୍ ଉମର୍ ର:ଅ କହିଲେ, ବଇତୁଲ୍ ମାଲ୍‌ର ଗୋଟିଏ ଓଟ ହଜିଯାଇଥିଲା ତାକୁ ଖୋଜିବାକୁ ବାହାରିଛି" । ଏହି ଘଟଣାଟି ପୂର୍ବେ ମଧ୍ୟ ଥରେ ଆଲୋଚନା ହୋଇସାରିଛି ।

ଏକଦା ହଜ୍‌ରତ୍ ଉମର୍ ର:ଅ ବଇତୁଲ୍ ମାଲ୍‌ର ଅର୍ଥରୁ କିଛି ଅର୍ଥ ବାଂଟୁଥିଲେ କି ତାଙ୍କ ସୁପୁତ୍ରୀ ଆସିଲେ ଏବଂ ଗୋଟିଏ ଦୀର୍‌ହମ୍ (ଅର୍ଥାତ ମୁଦ୍ରା) ନିଜ ପାଟିରେ ପୁରାଇ ଦେଲେ ହଜ୍‌ରତ୍ ଉମର୍ ର:ଅ ପାଟି ଭିତରେ ଆଙ୍ଗୁଳି ପୁରାଇ ଉକ୍ତ ଦିର୍‌ହମ୍‌ଟିକୁ ବାହାର କରିଦେଲେ ଓ ସେହି ମୁଦ୍ରାକୁ ଆଣି ବଇତୁଲ୍ ମାଲ୍‌ରେ ରଖିଦେଲେ ପୁଣି କହିଲେ, ହେ ଲୋକମାନେ ! ଉମର ଓ ତା ପରିଜନମାନଙ୍କ ପାଇଁ ସେତିକି ହିଁ ଅଧିକାର ରହିଛି ଯେତିକି ଜଣେ ସାଧାରଣ ମୁସଲମାନର ଅଧିକାର ରହିଛି ତା'ଠାରୁ ଅଧିକା ନୁହେଁ । ସେହିପରି ଏକଦା ହଜ୍‌ରତ୍ ଅବୁ ମୁସା ର:ଅ ବଇତୁଲ୍ ମାଲ୍‌ରେ ପହଁରା (ଝାଡୁ) ମାରୁଥିଲେ କି ତାଙ୍କୁ ଗୋଟିଏ ଦିର୍‌ହମ୍ ମିଳିଲା, ଦୈବାତ୍ ହଜ୍‌ରତ୍ ଉମର୍ ର:ଅଙ୍କ ଜଣେ ଛୋଟ ପିଲା ସେହି ରାସ୍ତାଦେଇ ଅତିକ୍ରମ କରୁଥିଲା ଅବୁ ମୁସା ର:ଅ ସେହି ପିଲାଟିକୁ ସେହି ଦିର୍‌ହମ୍‌କୁ ଦେଇଦେଲେ । ହଜ୍‌ରତ୍ ଉମର୍ ର:ଅ ସେହି ଦିର୍‌ହମ୍‌କୁ ପିଲାଟିର ହାତରେ ଦେଖିନେଲେ । ତାହାକୁ କେଉଁଠାରୁ ଆଣିଛ ବୋଲି ପଚାରିଲେ । ସେ କହିଲା ଏହାକୁ ମତେ ଅବୁ ମୁସା ଦେଇଛନ୍ତି । ଏହି ମୁଦ୍ରାଟି ବଇତୁଲ୍ ମାଲ୍‌ର ବୋଲି ଜାଣିବା ପରେ ହଜ୍‌ରତ୍ ଉମର୍ ର:ଅ ଅବୁ ମୁସା ର:ଅଙ୍କୁ କହିଲେ:- ହେ ଅବୁ ମୁସା ! କ'ଣ ମଦିନା ବାସୀଙ୍କ ମଧ୍ୟରୁ ହଜ୍‌ରତ୍ ଉମର୍ ର:ଅଙ୍କ ପରିବାର ବର୍ଗଙ୍କଠାରୁ ଅଧିକ ହୀନ ଓ ଅଭାବି ତୋ ନିକଟରେ ଅନ୍ୟ କୌଣସି ଘର ନଥିଲା ? ତୁ ଚାହିଁଥିଲୁ ଯେ ମୁହମ୍ମଦ ସ:ଆ:ସଙ୍କ ସମ୍ପ୍ରଦାୟର ପ୍ରତ୍ୟେକ ଲୋକ ଆମଠାରୁ ଏହି ଜୁଲମ ବିଷୟ ପଚାରିବେ ? ପୁଣି ହଜ୍‌ରତ୍ ଉମର୍ ର:ଅ ସେହି ରାଶି ବଇତୁଲ୍ ମାଲ୍‌କୁ ଫେରସ୍ତ କରିଦେଲେ ।

***(ଅଜାଲତୁଲ୍ ଖିଫାଆ...... ଖଣ୍ଡ-୩, ପୃ-୨୮୬.......କରାଚି)***

ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ଆରମ୍ଭ କରିଥିଲେ ଯଥା ଜଳସେଚନ ବ୍ୟବସ୍ଥା ପାଇଁ ହଜ୍‌ରତ୍ ଉମର୍ ର:ଅ କେନାଲ୍ ଖନନ କରିଥିଲେ (୧) କେନାଲ୍ ଅବୁ ମୁସା: ଏହା ଦଜ୍‌ଲା ନଦୀରୁ ନଅ ମାଇଲ୍ କେନାଲ୍ ଖୋଳି ବସ୍‌ରା ପର୍ଯ୍ୟନ୍ତ ନିଆଯାଇଥିଲା (୨) ମାକଲ କେନାଲ୍: ଏହା ମଧ୍ୟ ଦଜ୍‌ଲା ନଦୀରୁ ବାହାରିଥିଲା (୩) ଅମୀରୁଲ୍ ମୁମିନିନ୍ କେନାଲ୍: ଏହାକୁ ନୀଳ ନଦୀରୁ ବାହାର କରି ବହିରା ଏ କୁଲଜୁମ୍‌ରେ ମିଶାଯାଇଥିଲା । ଯେତେବେଳେ ଅଠର ହିଜ୍‌ରୀରେ ଦୁର୍ଭିକ୍ଷ ପଡ଼ିଲା ସେତେବେଳେ ହଜ୍‌ରତ୍ ଉମର୍ ର:ଅଙ୍କ ଆଦେଶ କ୍ରମେ ହଜ୍‌ରତ୍ ଅମ୍‌ରୋ ବିନ୍ ର:ଅ .......... ଠାରୁ କୁଲ୍‌ଜୁମ୍ ଦରିଆ ପର୍ଯ୍ୟନ୍ତ କେନାଲ୍ ଖନନ କରିଥିଲେ ଯାହା ମାଧ୍ୟମରେ ସାମୁଦ୍ରିକ ଜାହାଜମାନ ମଦିନାର ବନ୍ଦର ପର୍ଯ୍ୟନ୍ତ ପହଂଚି ପାରୁଥିଲା । ଉକ୍ତ

କେନାଲ ଟି ୨୯ ମାଇଲ ଦୀର୍ଘତା ବିଶିଷ୍ଟ ଥିଲା ଓ ତାହା ମାତ୍ର ଛଅ ମାସରେ ନିର୍ମାଣ କରାଯାଇଥିଲା ବା ପ୍ରସ୍ତୁତ କରାଯାଇଥିଲା । ହଜ୍‌ରତ୍ ଅମ୍‌ରୋ ବିନ୍ ଆ:ସ ରୋମ୍‌ର ସମୁଦ୍ର ଓ କୁଲ୍‌ଜୁମ୍ ସମୁଦ୍ରକୁ ପରସ୍ପର ସହ ଯୋଡ଼ିବା ପାଇଁ ମନସ୍ଥ କରିଥିଲେ । ଉଭୟ ସମୁଦ୍ର ମଧ୍ୟରେ ଦୂରତା ୭୦ ମାଇଲ ଥିଲା । ଆପଣ ଉଭୟ ପଟୁ କେନାଲ ଖନନ କରି ଯୋଡିବାକୁ ଯୋଜନା ମଧ୍ୟ କରିଥିଲେ ଏବଂ କହିଲେ, ମିଶର ଦେଶର ସମୁଦ୍ର ତଟରେ ଗୋଟିଏ ସହର ଅବସ୍ଥିତ କିନ୍ତୁ ହଜ୍‌ରତ୍ ଉମର୍ ର:ଅ ତାଙ୍କର ଏହି ପ୍ରସ୍ତାବରେ ରାଜି ହେଲେ ନାହିଁ କାରଣ ୟୁନାନୀମାନଙ୍କ ହସ୍ତରେ ହାଜିମାନେ ଫେରିଯିବାର ତାଙ୍କୁ ଆଶଙ୍କା ରହିଥିଲା । ଯଦି ହଜ୍‌ରତ୍ ଉମର୍ ବିନ୍ ଆସଙ୍କୁ ତାଙ୍କର ଏହି ପ୍ରସ୍ତାବରେ ଅନୁମୋଦନ ମିଳିଯାଇଥାନ୍ତା ତେବେ ସୁଇସ୍ କେନାଲ ନିର୍ମାଣ କରିବାର ଗୌରବ ଆରବବାସୀଙ୍କ ଭାଗରେ ଆସିଯାଇଥାନ୍ତା, ଯାହାକି ପରବର୍ତୀ ସମୟରେ ନିର୍ମାଣ କରାଯାଇଥିଲା ।

ସେହିପରି ହଜ୍‌ରତ୍ ଉମର୍ ର:ଅ ଜନସାଧାରଣଙ୍କ କଲ୍ୟାଣ ନିମନ୍ତେ ମସଜିଦ୍, ଅଦାଲତ, ସେନା ଛାଉଣୀ, ବ୍ୟାରିକେଡ୍, ସଡ଼କ ନିର୍ମାଣ, ପୋଲ ନିର୍ମାଣ, ଅତିଥିଶାଳା, ପାନ୍ଥଶାଳା ଏବଂ ଫାଣ୍ଡି ଇତ୍ୟାଦି ନିର୍ମାଣ କରିଥିଲେ । ଅନେକ ସହର ହଜ୍‌ରତ୍ ଉମର୍ ର:ଅ ଜନବସତି ଉପଯୋଗୀ କରିଥିଲେ । ସେହି ସହରଗୁଡ଼ିକୁ ସ୍ଥାପନ କରିବା ସମୟରେ ପ୍ରତିରକ୍ଷା, ଅର୍ଥନୀତି ଏବଂ ଆର୍ଥିକ ହିତକୁ ବିଚାର କରିଥିଲେ । ସେହି ସହରଗୁଡ଼ିକ ଯୁଦ୍ଧ ସମୟରେ ଓ ଶାନ୍ତି ସମୟରେ ଲାଭଦାୟକ ଥିଲା । ହଜ୍‌ରତ୍ ଉମର୍ ର:ଅଙ୍କ ଇଏ ଚେଷ୍ଟା ଥିଲା ଯେ ଆରବର ସୀମାବର୍ତୀ ଇଲାକରେ ଲାଗି ରହିଥିବା ଅଣଆରବୀୟ ଇଲାକରେ ସହର ସ୍ଥାପନ କରିବେ ଫଳତଃ ହଠାତ୍ ଆକ୍ରମଣୁ ବଂଚାଯାଇପାରିବ । .......... ହଜ୍‌ରତ୍ ଉମର୍ ର:ଅ ବସ୍‌ରାଃ, କୁଫା, ଫୁସ୍‌ତାତ୍ ଇତ୍ୟାଦି ସହର ଆବାଦ୍ କରିଛନ୍ତି ।

ହଜ୍‌ରତ୍ ଉମର୍ ର:ଅ ଏହି ସହରଗୁଡ଼ିକୁ ସୁଦୃଢ଼ ଏବଂ ଭିତିରେ ସ୍ଥାପନ କରିଥିଲେ । ସଡ଼କ ଓ ଚଲାପଥକୁ ଚଉଡ଼ା କରିଥିଲେ ।

***(ସିରତ୍ ଅମିରୁଲ୍ ମୁମିନିନ୍.... ପୃ-୨୧୪-୨୧୭,୨୨୧ ବେରୁତ ୨୦୦୭)***

ସେହିପରି ହଜ୍‌ରତ୍ ଉମର୍ ର:ଅ ସେନା ବ୍ୟବସ୍ଥାକୁ ଅତି ଶୃଙ୍ଖଳିତ କରିଥିଲେ, ସେନାର ପଦବୀ ଅନୁଯାୟୀ ପଦାଧିକାରୀମାନଙ୍କର ବେତନ ଧାର୍ଯ୍ୟ କରିଥିଲେ ହଜ୍‌ରତ୍ ଉମର୍ ର:ଅ ସେନାକୁ ଦୁଇ ଭାଗରେ ବିଭକ୍ତ କରିଥିଲେ । ଗୋଟିଏ ହେଉଛି ନିୟମିତ ସେନା ଅନ୍ୟଟି ସ୍ୱେଚ୍ଛାସେବୀ ସେନା । ଆପଣ ର:ଅ ସୈନିକମାନଙ୍କୁ ଶୃଙ୍ଖଳିତ କରିବାପାଇଁ ବିଶେଷ ଧ୍ୟାନ ଦେଇଥିଲେ । ଅତଏବ ଆପଣ ତାଗିଦ୍ ମୂଳକ ଆଦେଶ ଜାରି କରିଥିଲେ ଯେ, ଯେଉଁ ରାଷ୍ଟ୍ରରେ ମୁସଲମାନମାନେ ବିଜୟ ଲାଭ କରନ୍ତି ସେଠାରେ କୌଣସି ପ୍ରକାରର କୃଷି କିମ୍ବା ବ୍ୟବସାୟ ବୃତି ଅବଲମ୍ବନ କରିବେ ନାହିଁ ବରଂ ସେଠାକାର ବାସିନ୍ଦାମାନଙ୍କୁ ଏହି ଅଧିକାର ଲାଭ ହେବ । ଆଜିକାଲି ମୁସଲମାନ ରାଷ୍ଟ୍ରଗୁଡ଼ିକରେ ସୈନ୍ୟମାନେ କେବଳ ବାଣିଜ୍ୟ ବ୍ୟବସାୟରେ ଅଭ୍ୟସ୍ତ ଅଛନ୍ତି ତାହା ନୁହେଁ ବରଂ ଗୋଟିଏ ଦେଶ ସମ୍ପର୍କରେ ଏହା ମଧ୍ୟ କୁହାଯାଏ ଯେ, ସେନାର ବଡ଼ ବଡ଼ ଅଫିସରମାନେ ଏହା ଦେଖୁଥାନ୍ତି ଯେ, କେଉଁଠି ପ୍ଲଟ, ଆପାର୍ଟମେଂଟ ହେବାର ଅଛି ସେଠାରେ ସେମାନେ କମିଶନ ମଧ୍ୟ ହାସଲ କରିବେ ବା ତାଙ୍କୁ କିଛିଟା କମିଶନ୍ ମିଳିଯିବ ଏହିପରି ଭାବରେ ସେହି ସୈନିକମାନଙ୍କର ବ୍ୟକ୍ତିଗତ ଦକ୍ଷତାରେ ମଧ୍ୟ ଅବନତୀ ଘଟୁଛି ଏବଂ ସେମାନଙ୍କର ଉଦ୍ଦେଶ୍ୟ ସଂସାର ପ୍ରାପ୍ତିରେ ଲାଗି ରହିଛି ।

ହଜ୍‌ରତ୍ ଉମର୍ ର:ଅଙ୍କ ଖିଲାଫତ୍ ଶାସନରେ ଉଭୟ ଗ୍ରୀଷ୍ମପ୍ରବଣ ଓ ଶୀତଳ ଦେଶମାନଙ୍କ ଉପରେ ଆକ୍ରମଣ କରିବା ସମୟରେ ପାଣିପାଗର ଧ୍ୟାନ ରଖାଯାଉଥିଲା । ସୈନ୍ୟବାହିନୀର ପରିଶ୍ରମ ଓ ଯୁଦ୍ଧ ସରଞ୍ଜାମ ଦ୍ୱାରା ସେମାନଙ୍କୁ ଅଳଙ୍କୃତ କରାଯାଉଥିଲା । ସୈନିକମାନଙ୍କୁ ସୁସ୍ଥଶବଳ ରଖିବାପାଇଁ ଏବଂ ସେମାନଙ୍କର କୌଣସି ପ୍ରକାର କ୍ଷତି ସାଧିତ ନ ହେବା ଦିଗରେ ହଜ୍‌ରତ୍ ଉମର୍ ର:ଅ ବେଶ୍ ଦୃଢ଼ ନିର୍ଦ୍ଦେଶ ଦେଇଥିଲେ । ସୈନିକମାନଙ୍କୁ ପହଂରିବା, ତୀର ଚାଳନା କରିବା ଓ ଚାଲିବାର ଅଭ୍ୟାସ କରାଯାଉଥିଲା । ପ୍ରତି ୪ମାସରେ ଥରେ ସେମାନଙ୍କୁ ନିଜ ପରିବାରବର୍ଗଙ୍କ ନିକଟକୁ ଯିବାକୁ ଛୁଟି ମିଳିଯାଉଥିଲା । ସେମାନଙ୍କୁ ଦସ୍ତିଲା କରିବା ସକାଶେ ଆଦେଶ ରହିଥିଲା ଯେ, ସୈନିକମାନେ ପେଡ଼ାଲ୍ ମାଧ୍ୟମରେ ବାହନ ଉପରେ ଆରୋହଣ କରିବ ନାହିଁ ବରଂ ଡ଼େଇଁ କରି ଘୋଡ଼ାରେ ବସିବେ ବା ଘୋଡ଼ା ଚଢ଼ିବେ । ନରମ ବସ୍ତ୍ର ପରିଧାନ କରିବେନାହିଁ, ସୂର୍ଯ୍ୟତାପରୁ ବର୍ତି ରହିବେ, ପୋଖରୀରେ ସ୍ନାନ କରିବେ ନାହିଁ । ଏତଦ୍ ଦ୍ୱାରା ଅଧିକ ଆରାମ କରିବାର ଅଭ୍ୟାସ ପଡ଼ିଯାଇଥାଏ । ହଜ୍‌ରତ୍ ଉମର୍ ର:ଅ ମୁସଲମାନ ସେନାକୁ ବସନ୍ତ ଋତୁରେ ଶସ୍ୟଶ୍ୟାମଳ ଅଂଚଳକୁ ପ୍ରେରଣ କରିଦେଉଥିଲେ । ସେନା ଶିବିର ଓ ଛାଉଣି ନିର୍ମାଣ ସମୟରେ ଜଳବାୟୁ ଉପରେ ବିଶେଷ ଧ୍ୟାନ ଦିଆଯାଉଥିଲା କାରଣ ଏତଦ୍‌ଦ୍ୱାରା ସୈନିକ ମାନଙ୍କର ଉତମ ପରିବେଶ ଓ ସତେଜ ବାୟୁ ଚଳାଚଳ ଦ୍ୱାରା ସ୍ୱାସ୍ଥ୍ୟ ଯେପରି ଠିକ୍ ରହିବ । ପ୍ରତ୍ୟେକ ଜିଲ୍ଲାରେ ସେନା ଛାଉଣୀ ନିର୍ମାଣ କରାଯାଇଥିଲା । ସେନାମାନଙ୍କୁ ମୁଖ୍ୟ କେନ୍ଦ୍ର ଇଲାକାରେ ମୃତୟନ କରାଯାଉଥିଲା ଉଦାହରଣ ସ୍ୱରୂପ ମଦିନା, କୁଫା, ବସରା, ମସୁଲ୍, ଫସ୍‌ତାତ୍, ଦମିସ୍କ, ହମଶ୍, ଉଦ୍ଦୁନ୍, ଫିଲେସ୍ତିନ ଆଦିରେ ସର୍ବଦା ସେନା ମୁତୟନ ରହୁଥିଲେ । ଏହି କେନ୍ଦ୍ରୀୟ ସେନାରେ ଗୋଟିଏ ସମୟରେ ୪ ହଜାରରୁ ଉର୍ଦ୍ଧ ଅଶ୍ୱ ରହୁଥିଲେ । ଉକ୍ତ ଘୋଡ଼ାମାନଙ୍କ ଜଙ୍ଘରେ ଜୈଶ୍ ଫି ସବିଲିଲ୍ଲାଃ ଲେଖାଯାଇ ଦାଗ ଲଗାଯାଇଥିଲା ଅର୍ଥାତ ଅଲ୍ଲାଃର ମାର୍ଗରେ ସେନା । ହଜ୍‌ରତ୍ ଉମର୍ ର:ଅ ସମୟକାଳରେ ଇସ୍‌ଲାମୀୟ ସେନା ଯୁଦ୍ଧ ଅସ୍ତ୍ରଶସ୍ତ୍ରରେ ଉନ୍ନତି କରି ନୂତନ ସାଜସାମାନ ତିଆରି କରିନେଇଥିଲା । ଯେଉଁ ସରଞ୍ଜାମ ଦ୍ୱାରା ଶତ୍ରୁପକ୍ଷର ଦୁର୍ଗକୁ ଧୂଳିସାତ କରିଦିଆଯାଉଥିଲା । ସେହି ନବନିର୍ମିତ ସରଞ୍ଜାମରେ ସୈନିକମାନେ ବସିଯାଉଥିଲେ ଏବଂ ଦୁର୍ଗର ପଚେରୀ ଭେଦ କରି ତାହାକୁ ଶୁଆଇ ଦେଉଥିଲେ । ***(ଅଲ୍‌ଫାରୁକ୍......ପୃ-୨୧୬-୨୧୮......କରାଚି ୨୦୦୪)***

***(ସିରତ୍ ସାହାବା, ଖଣ୍ଡ-୧, ପୃ-୧୨୬, ୧୨୭.....କରାଚି ୨୦୦୪)***

ଇସ୍‌ଲାମୀୟ ଶାସନକାଳରେ ଅନେକ ଅଣମୁସଲମାନ ସମ୍ପ୍ରଦାୟର ବ୍ୟକ୍ତିମାନେ ମଧ୍ୟ ବଡ଼ ବଡ଼ ପଦବୀରେ ଅଧିଷ୍ଠିତ ଥିଲେ ଏପରି ନୁହେଁ କି କେବଳ ମୁସଲମାନମାନଙ୍କୁ ଉଚ୍ଚ ଆସନରେ ଅଧିଷ୍ଠିତ କରାଯାଉଥିଲା ବରଂ ଅଣମୁସଲମାନ ଓ ଅନ୍ୟ ଧର୍ମର ଲୋକମାନଙ୍କୁ ମଧ୍ୟ ଉଚ୍ଚ ଆସନ ପ୍ରାପ୍ତ ଥିଲା ।

ଅଲାମା ସବିଲି ନୁମାନି ଏହାର ଚର୍ଚ୍ଚା କରି ଉଲ୍ଲେଖ କରିଛନ୍ତି: ହଜ୍‌ରତ୍ ଉମର୍ ର:ଅ ମୁସଲମାନ ସେନାକୁ ବ୍ୟାପକତା ପ୍ରଦାନ କରିଥିଲେ । ସେଥିପାଇଁ ସେ କୌଣସି ଅଣ ସମ୍ପ୍ରଦାୟ ଓ ଅଣମୁସଲମାନ ରାଷ୍ଟ୍ର ମଧ୍ୟରେ ପ୍ରଭେଦ କିମ୍ବା ପାର୍ଥକ୍ୟ କରିନଥିଲେ, ପକ୍ଷପାତ କରିନଥିଲେ । ସେନାରେ ଅନେକ ଅଗ୍ନିପୂଜକ ଅର୍ଥାତ ଅଗ୍ନିକୁ ପୂଜା କରୁଥିବା ଧର୍ମର ଲୋକମାନଙ୍କ ସ୍ୱେଚ୍ଛାସେବୀ ହିସାବରେ ଯୋଗ ଦେଇଥିଲେ । ସେମାନଙ୍କୁ ମୁସଲମାନ ସେନାଙ୍କ ସମ ମାସିକ ଭତା ମିଳୁଥିଲା । ସେହିପରି ସେନାରେ ମଜୁସିମାନେ ସାମିଲ ଥିବାର ମଧ୍ୟ ଜଣାପଡ଼ିଛି

ଇତିହାସରୁ ଏହା ପ୍ରମାଣିତ ଯେ, ହଜ୍‌ରତ୍ ଉମର୍ ର:ଅଙ୍କ ଶାସନ କାଳରେ ଅଣମୁସଲମାନ ବ୍ୟକ୍ତିମାନଙ୍କୁ ମଧ୍ୟ ଯୁଦ୍ଧ ସମୟରେ ସେନାଧିକାରୀ ରୂପେ ନିଯୁକ୍ତ କରାଯାଇଥିଲା । ଏହିପରି ସେ ଲେଖିଛନ୍ତି ଯେ, ୟୁନାନି ଓ ରୋମି ବୀରମାନେ ମଧ୍ୟ ମୁସଲମାନ ସେନାରେ ସାମିଲ ଥିଲେ । ଅତଏବ ମିଶର ବିଜୟ ସମୟରେ ସେମାନଙ୍କ ମଧ୍ୟରୁ ୫୦୦ ଜଣ ସୈନିକ ମୁସଲମାନ ସେନାରେ ସାମିଲ ଥିଲେ । ଆଜି ଦେଖନ୍ତୁ ପାକିସ୍ତାନରେ ଏମାନେ କହୁଛନ୍ତି ଯେ, ଅହେମଦିମାନଙ୍କୁ ସେନାରୁ ବାହାର କରିଦେବା ଉଚିତ । ଯଦି ଇତିହାସର ଅଧ୍ୟୟନ କରାଯାଏ ତେବେ ଜଣାଯିବ ଯେ, ପାକିସ୍ତାନ ସେନାରେ ନିଜ ପ୍ରାଣର ଆହୁତି ଯେଉଁମାନେ ଦେଇଥିଲେ ସେମାନଙ୍କ ମଧ୍ୟରେ ସବୁଠାରୁ ଅଧିକ ଏହି ଅହେମଦି ଉଚ୍ଚ ପଦାଧିକାରୀମାନେ ଥିଲେ । ଦେଶ ରକ୍ଷା କରିବାରେ ସେମାନେ ନିଜ ବଳିଦାନ ଦେଇଛନ୍ତି, ସେ ଯାହା ହେଉ ନା କାହିଁକି ଏହା ହେଉଛି ସେହି ବିରୋଧିମାନଙ୍କର କାର୍ଯ୍ୟ ହଜ୍‌ରତ୍ ଉମର୍ ର:ଅଙ୍କ ସମ୍ବନ୍ଧରେ ଆସୁଛି ଯେ, ଯେତେବେଳେ ଉମର ବିନ୍ ଆ:ସ ଫୁସ୍‌ତାତ୍ ଅଂଚଳ ବସତି ଉପଯୋଗୀ କଲେ ଏହାକୁ ଅଲଗା କରି ସ୍ଥାପନ କରାଗଲା । ସେତେବେଳେ ଅର୍ଥାତ ମିଶରର ବିଜୟ ସମୟରେ ଇହୁଦୀମାନଙ୍କ ମଧ୍ୟରୁ ଏକ ହଜାର ବୀର ମୁସଲମାନ ସେନାରେ ସାମିଲ ଥିଲେ ଏବଂ ସେମାନଙ୍କ ମଧ୍ୟରୁ ଅନେକଙ୍କୁ ଉଚ୍ଚ ପଦରେ ଅଧିଷ୍ଠିତ କରାଯାଇଥିଲା । ଏପରି କି ଇରାନୀମାନଙ୍କୁ ମଧ୍ୟ ଅଫିସର ପଦବୀ ମିଳିଥିଲା । ସେମାନଙ୍କ ମଧ୍ୟରୁ କେତେକଙ୍କ ନାମ ମଧ୍ୟ ଇତିହାସ ପୃଷ୍ଠାରେ ଉଲ୍ଲେଖ ରହିଛି ଯେପରି ସୟାହ୍, ଖୁସ୍‌ରୁ ସେହ୍‌ରିୟାର୍, ଶେରୋୟିୟା, ଶହରୱ୍ୟା ଏବଂ ଅଫରୋଦ୍ଦିନ୍ ଇତ୍ୟାଦି ଏହି ଅଫିସରମାନଙ୍କୁ ବେତନ ମଧ୍ୟ ମିଳୁଥିଲା ଏବଂ ନିୟମିତ ରୂପେ Payrollରେ ସେମାନଙ୍କ ନାମ ଦରଜ ଥିଲା । ଚାରି ଖଲିଫାଙ୍କ ଅନ୍ତେ ହଜ୍‌ରତ୍ ଅମୀର ମାଅଭିୟା ସମ୍ବନ୍ଧରେ ଉଲ୍ଲେଖ ରହିଛି ଯେ, ତାଙ୍କ ସମୟ କାଳରେ ଜଣେ ଖ୍ରୀଷ୍ଟଧର୍ମାଲମ୍ବୀ ଯାହାର ନାମ ଇବ୍‌ନେ ଆସାଲ୍ ଥିଲା, ସେ ରାଜକୋଷର ମନ୍ତ୍ରୀ ପଦରେ ଅଧିଷ୍ଠିତ ଥିଲେ । ତଫ୍‌ସୀର୍ କବୀରରେ ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ଲେଖିଛନ୍ତି ଅଫରୋଦ୍ଦିନ୍ ସେହିପରି ଅଲ୍‌ଫାରୁକ୍‌ରେ ମଧ୍ୟ ଲେଖାଯାଇଅଛି । କିନ୍ତୁ ଆରବୀ ପୁସ୍ତକ ଗୁଡ଼ିକରେ ତାହାଙ୍କ ନାମ ଅଫରୋଜିନ୍ ଲେଖାଯାଇଅଛି ଅର୍ଥାତ ଦାଲ୍ ପରିବର୍ତେ ଜାଲ୍ ଲେଖାଅଛି । ସେ ଯାହା ହେଉ ନା କାହିଁକି ଏପରି ଫରକ ରହିଛି ଯେହେତୁ ଲୋକମାନେ ଏହାକୁ ନେଇ ତର୍କ କରିବା ଆରମ୍ଭ କରିଦେଇଥାନ୍ତି ତେଣୁ ଏଠାରେ ମୁଁ ଏହି ସ୍ୱଷ୍ଟିକରଣ କରିଦେବା ଉଚିତ ମଣିଲି ।

ଇସ୍‌ଲାମ୍ ଧର୍ମ ଅଯଥା ସାମଗ୍ରୀର ମୂଲ୍ୟବୃଦ୍ଧି ଓ ବ୍ୟବହାରରେ ଅପଚୟ କରିବାକୁ ବାରଣ କରିଥାଏ । ସେହିପରି ଅନ୍ୟମାନଙ୍କୁ କ୍ଷତି ପହଂଚାଇବା ଓ ସେମାନଙ୍କୁ ବାଣିଜ୍ୟ ବ୍ୟବସାୟରେ କ୍ଷତି ପହଂଚାଇବା ତଥା ଲୋକମାନଙ୍କ ବ୍ୟବସାୟରେ ହାନି କରିବା ଉଦ୍ଦେଶ୍ୟରେ ମୂଲ୍ୟ ହ୍ରାସ କରିବାକୁ ମଧ୍ୟ ବାରଣ କରିଛି । ପ୍ରତିଦ୍ୱନ୍ଦିତାରେ ସ୍ୱଚ୍ଛ ମୂଲ୍ୟରେ ସାମଗ୍ରୀ ବିକ୍ରି କରିବାକୁ ମଧ୍ୟ ବାରଣ କରିଛି । ସାମଗ୍ରୀରେ ମୂଲ୍ୟ ଖସାଇ ଅବୈଧ ଅର୍ଥ ଉପାର୍ଜନ କରିବାକୁ ମଧ୍ୟ ବାରଣ କରିଛି କାରଣ ଏହା ଦ୍ୱାରା ଶକ୍ତିଶାଳୀ ବେପାରୀମାନଙ୍କର ଦୁର୍ବଳ ଓ କ୍ଷୁଦ୍ର ବେପାରୀମାନଙ୍କୁ ଧୂଳିସାତ କରିବା ପାଇଁ ଓ ସେମାନଙ୍କର ମେରୁଦଣ୍ଡ ଭାଙ୍ଗିଦେବା ପାଇଁ ଉଦ୍ଦେଶ୍ୟ ରହିଥାଏ । ସେମାନଙ୍କୁ ଦେବାଳିଆ କରିଦେବା ସେମାନଙ୍କର ଲକ୍ଷ୍ୟ ରହିଥାଏ ।

ହଜ୍‌ରତ୍ ଉମର୍ ର:ଅ ଏକଦା ବଜାରର ଗସ୍ତ କରୁଥିଲେ, ଜଣେ ପରଦେଶୀ ଲୋକଙ୍କୁ ଦେଖିଲେ ଯେ, ସେ ଶୁଖିଲା ଅଙ୍ଗୁର୍ ଖୁବ୍ କମ୍ ଦାମ୍‌ରେ ବିକ୍ରି କରୁଥିଲା । ଯେଉଁ ଦାମ୍‌ରେ ମଦିନାରେ ବେପାରୀମାନେ ବିକ୍ରି କରିପାରୁନଥିଲେ । ଆପଣ ତାହାକୁ ଆଦେଶ ଦେଲେ ଯେ, ତୁମେ ନିଜ ମାଲ୍ ମଣ୍ଡିରୁ ଉଠାଇ ନିଅ ଅଥବା ଯାହା ବଜାରର ଦର ଅଛି ସେହି ଦରରେ ଜିନିଷ ବିକ୍ରୀ କର । ଯେତେବେଳେ ଆପଣଙ୍କୁ ଏଭଳି ଆଦେଶ ଦେବାର କାରଣ ପଚରାଗଲା । ସେତେବେଳେ ଆପଣ ଅର୍ଥାତ ହଜ୍‌ରତ୍ ଉମର୍ ର:ଅ ଉତର ଦେଲେ ଯେ, ଯଦି ମୁଁ ତାଙ୍କୁ ଏପରି ଦରରେ ଜିନିଷ ବିକ୍ରି କରିବାକୁ ଅନୁମତି ଦେଇଥାନ୍ତି, ଯେଉଁଭଳି ସେ ବିକୁଥିଲେ । ତା'ହେଲେ ମଦିନାର ବେପାରୀମାନେ କ୍ଷତି ସହିଥାନ୍ତେ । ଅର୍ଥାତ ସେମାନଙ୍କର କ୍ଷତି ହୋଇଥାନ୍ତା । ଏଥିରେ କୌଣସି ସନ୍ଦେହ ନାହିଁ ଯେ ହଜ୍‌ରତ୍ ଉମର୍ ର:ଅଙ୍କର ଏହି ଆଦେଶ ବିପକ୍ଷରେ କେତେକ ସାହାବା ଏହି ତର୍କ ବାଢ଼ିଥିଲେ ଯେ, ହଜୁର ସ:ଆ:ସ ମଣ୍ଡିର ଦରଦାମ୍‌ରେ ଦଖଲ ଦେବାକୁ ମନା କରିଛନ୍ତି । ଯେବେ କି ସେମାନଙ୍କର ଏହି ଆପତି ସଠିକ୍ ନଥିଲା । କାରଣ ହଜୁର ସ:ଆ:ସ ଶସ୍ୟ ଉତ୍ପାଦକ ଓ ମଣ୍ଡିରେ ତାହା ପ୍ରବେଶ କରିବା ପୂର୍ବରୁ ବାଟ ମାରଣା କରିବାକୁ ମନା କରିଛନ୍ତି ଅର୍ଥାତ ସପ୍ଲାୟ ଓ ଡ଼ିମାଣ୍ଡର ନିୟମରେ ଦଖଲ ଦେବାକୁ

ହଜୁର ବାରଣ କରିଛନ୍ତି । କାରଣ ଏପରି କରିବା ଦ୍ୱାରା ମଧ୍ୟ ବେପାରିଙ୍କର କ୍ଷତି ହୋଇଥାଏ ।

*(ଇସ୍‌ଲାମ୍ କା ଇକ୍‌ତିସାଦି ନିଜାମ୍, ଅନ୍‌ୱାରୁଲ୍ ଉଲୁମ୍ ଖଣ୍ଡ-୧୮, ପୃ-୫୩)*

ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ଏହା ଉଲ୍ଲେଖ ରହିଛି ଯେ, ହଜ୍‌ରତ୍ ଉମର୍ ର:ଅ ଶିକ୍ଷାର ପ୍ରଚାର ପ୍ରସାର ପାଇଁ ଆପ୍ରାଣ ଉଦ୍ୟମ କରିଥିଲେ । ସମସ୍ତ ଦେଶରେ ମଦରସାମାନ ସ୍ଥାପନ କରାଯାଇଥିଲା ଓ ସେହି ମଦ୍‌ରସା ଗୁଡ଼ିକରେ ପବିତ୍ର କୁର୍‌ଆନ୍, ହଦୀସ୍ ଓ ଫିକାର ଶିକ୍ଷା ଦିଆଯାଉଥିଲା । ବଡ଼ ବଡ଼ ବିଦ୍ୱାନ ସାହାବାମାନଙ୍କୁ ଏଥି ନିମନ୍ତେ ନିୟୋଜିତ କରାଯାଇଥିଲା । ଶିକ୍ଷକମାନଙ୍କର ଦରମା ମଧ୍ୟ ନିର୍ଦ୍ଧାରିତ କରାଯାଇଥିଲା ।

*(ଅଲ୍‌ଫାରୁକ୍ ଅଜ୍ ଶିବ୍‌ଲି ନୁମାନୀ, ପୃ-୨୫୦.....କରାଚି ୨୦୦୪)*

ଏହିପରି ହିଜ୍‌ରୀ କ୍ୟାଲେଣ୍ଡରର ପ୍ରାରମ୍ଭ କିପରି ହେଲା ? ଏ ସଂକ୍ରାନ୍ତରେ ସହୀ ବୁଖାରୀରେ ବର୍ଣ୍ଣନା ଉଲ୍ଲେଖ ରହିଛି ଯେ, ହଜ୍‌ରତ୍ ସ୍ୱହେଲ୍ ବିନ୍ ସାଆଦ୍ ର:ଅ ବର୍ଣ୍ଣନା କରନ୍ତି, ସାହାବାମାନେ ନବୀ କରିମ୍ ସ:ଆ:ସଙ୍କ ଅବତାରତ୍ୱଠାରୁ ତାରିଖର ଗଣନା କରିନାହାନ୍ତି ନା ହିଁ ହଜୁର ସ:ଆ:ସଙ୍କ ବିୟୋଗ ପରେ ବରଂ ହଜୁର ସ:ଆ:ସଙ୍କ ମଦିନା ଆଗମନରୁ ହିଁ ତାରିଖର ଗଣନା ଆରମ୍ଭ କରିଛନ୍ତି ।

*(ସହି ବୁଖାରୀ..... କିତାବ ମନାକିବୁଲ୍ ଅନ୍‌ସାର୍....... ହଦିସ୍ ନଂ-୩୯୩୪)* ।

ବୁଖାରୀର ବ୍ୟାଖ୍ୟାକାରୀ ଅଲାମା ଇବ୍‌ନେ ହଜର ଅସ୍‌କଲାନି କୁହନ୍ତି, ଇମାମ୍ ସ୍ୱହେଲ୍‌ଙ୍କ ନିକଟରେ ସାହାବାମାନେ ହିଜ୍‌ରତ୍‌ଠାରୁ ହିଁ ତାରିଖର ପ୍ରାରମ୍ଭର ବିଚାର ଅଲ୍ଲାଃ ତାଲାଙ୍କ କଥନ **ଲମସ୍‌ଜିଦୁନ୍ ଉସ୍‌ସିସା ଅଲତ୍ ତକ୍‌ୱା ମିନ୍ ଅୱ୍ୱଲି ୟୋମିନ୍** ରୁ ନେଇଛନ୍ତି ଅର୍ଥାତ **ମିନ୍ ଅୱ୍ୱଲି ୟୋମିନ୍** ର ଅର୍ଥ ସେହି ଦିନ ହେବ ଯହିଁରେ ନବୀ କରିମ୍ ସ:ଆ:ସ ଓ ଆପଣଙ୍କ ସାହାବାମାନେ ମଦିନାରେ ପ୍ରବେଶ କରିଥିଲେ **ୱଲ୍ଲାହୁ ଆଲମୁ** ଅର୍ଥାତ ଅଲ୍ଲାଃ ହିଁ ସଠିକ୍ ଜାଣିଛନ୍ତି । ହିଜ୍‌ରୀ କ୍ୟାଲେଣ୍ଡରର ଆବଶ୍ୟକତା କହିଁକି ପଡ଼ିଲା ? ଏ ସଂକ୍ରାନ୍ତରେ ବିଭିନ୍ନ ବର୍ଣ୍ଣନା ଦେଖିବାକୁ ମିଳିଥାଏ । ହଜରତ ଅବୁ ମୁସା ର:ଅ ହଜ୍‌ରତ୍ ଉମର୍ ର:ଅଙ୍କ ନିକଟକୁ ପତ୍ର ଲେଖିଲେ ଯେ, ହେ ଅମୀରୁଲ୍ ମୁମିନିନ୍! ଆପଣଙ୍କ ପକ୍ଷରୁ ଆମକୁ ପତ୍ର ହସ୍ତଗତ ହୋଇଛି ଯେଉଁ ପତ୍ରରେ କୌଣସି ତାରିଖ ଉଲ୍ଲେଖ ନାହିଁ । ସୁତରାଂ ହଜ୍‌ରତ୍ ଉମର୍ ର:ଅ ଲୋକମାନଙ୍କ ପରାମର୍ଶ ଦେବା ପାଇଁ ଏକାଠି କଲେ । ଅଲାମା ଇବ୍‌ନେ ହଜ୍‌ର କୁହନ୍ତି ବୁଖାରୀ କିତାବୁଲ୍ ଅଦବ୍‌ରେ, ହାକିମ୍ ମେମୁନ୍ ବିନ୍ ମେହ୍‌ରାନ୍‌ଙ୍କ ଜରିଆରେ ବର୍ଣ୍ଣନା କରିଛନ୍ତି ଯେ, ହଜ୍‌ରତ୍ ଉମର୍ ର:ଅ ସେବାରେ ଗୋଟିଏ ଚେକ୍ ଉପସ୍ଥାପିତ କରାଗଲା ଯାହାର ଅବଧି ସାବାନ୍ ମାସ ପର୍ଯ୍ୟନ୍ତ ଥିଲା ଆପଣ କହିଲେ, କେଉଁ ଶାବାନ୍ ମାସ କ'ଣ ସେହି ଶାବାନ୍ ମାସ ଯାହା ଅତିକ୍ରାନ୍ତ ହୋଇଯାଇଛି ଅବା ଯେଉଁ ମାସ ଦେଇ ଆମେ ଗତି କରୁଛେ କିମ୍ବା ସେହି ଶାବାନ୍ ମାସ ଯାହାକି ଆଗାମୀରେ ଆସିବାର ଅଛି ଆପଣ ର:ଅ କହିଲେ, ଲୋକମାନଙ୍କ ପାଇଁ କୌଣସି ତାରିଖ ନିର୍ଦ୍ଧାରିତ କରନ୍ତୁ ଯାହା ସମସ୍ତଙ୍କୁ ଜ୍ଞାତ ରହିବ ।

ଇବ୍‌ନେ ସିରିନ୍ କୁହନ୍ତି ଯେ, ଜଣେ ବ୍ୟକ୍ତି ୟମନ୍‌ରୁ ଆସିଲା ସେ କହିଲା ମୁଁ ୟମନ୍‌ରେ ଗୋଟିଏ କଥା ଦେଖି ଆସିଛି ସେମାନେ ତାରିଖ ବୋଲି କୁହନ୍ତି ସେମାନେ ଏହାକୁ ଏହିପରି ଭାବରେ ଲେଖନ୍ତି କି ଅମୁକ ମାସ ବା ଅମୁକ ବର୍ଷ । ହଜ୍‌ରତ୍ ଉମର୍ ର:ଅ କହିଲେ ଏହା ଅତ୍ୟନ୍ତ ଉତମ ପନ୍ଥା ତୁମେ ମଧ୍ୟ ସେହିପରି କର । ହିଜ୍‌ରୀର ଆରମ୍ଭ କେବେଠାରୁ ହେଲା ଏ ସମ୍ବନ୍ଧରେ ଭିନ୍ନ ଭିନ୍ନ ମତ ରହିଛି । ପ୍ରଥମ କଥନ ଅନୁଯାୟୀ ନବୀ କରିମ୍ ସ:ଆ:ସ ତାରିଖ କ୍ରମବର୍ଦ୍ଧିତା ସଂଗ୍ରହ କରିବାପାଇଁ ଆଦେଶ ଦେଲେ ଓ ରବିୱ୍ୱଲ୍ ଅୱ୍ୱଲ୍ ମାସରେ ତାରିଖ ଲେଖାଯିବାର ଉଲ୍ଲେଖ କରାଯାଇଛି ଅତଏବ ହାକିମ୍ ନିଜର ପୁସ୍ତକ **ଅଲ୍‌ଇକଲିଲ୍** ରେ ଇବ୍‌ନେ ଶିହାବ୍ ଜୁରହ୍‌ରୀଙ୍କଠାରୁ ବର୍ଣ୍ଣନା କରନ୍ତି, **ଅନନ୍ ନବୀୟା ଏମ୍ମେ କଦିମାଲ୍ ମଦିନତା ଅମରା ବିତ୍‌ତାରିଖ୍ ଫକୁତିବା ଫି ରିବଇଲ୍ ଅୱ୍ୱଲ୍ ।** ଯେତେବେଳେ ନବୀ କରିମ୍ ସ:ଆ:ସ ମଦିନା ଚାଲିଗଲେ ସେତେବେଳେ ଆପଣ ତାରିଖ ଲେଖିବାପାଇଁ ଆଦେଶ ଦେଲେ ସୁତରାଂ ତାହା ରବିଉଲ୍ ଅୱ୍ୱଲ୍ ମାସରେ ଲେଖାଗଲା । ଅଲାମା ଇବ୍‌ନେ ହଜ୍‌ର କୁହନ୍ତି ଏହି ରିୱ୍ୱାୟତ ହେଉଛି ମୁଅଜଲା ମୁଅଜଲ୍ ର ଅର୍ଥ ହେଉଛି ଯାହାର ପ୍ରମାଣରେ ଅହରହ ଦୁଇ କିମ୍ବା ତତ୍‌ଧିକ ବର୍ଣ୍ଣନାକାରୀ ନୀରବ ରହିଥିବେ । ଆଉ ଏକ ବର୍ଣ୍ଣନା ଉଲ୍ଲେଖ ରହିଛି ଯେ ତାରିଖର ପ୍ରାରମ୍ଭ ସେହି ଦିନରୁ ହେଲା ଯେଉଁ ଦିନ ରସୁଲେ୍ କରିମ୍ ସ:ଆ:ସ ହିଜ୍‌ରତ୍ କରି ମଦିନା ଆସିଥିଲେ । ପ୍ରଶିଦ୍ଧ କଥା ଏହାର ବିପରୀତ ଅଟେ ତାହା ହେଉଛି ଏହି କି ଯେ, ଉମର୍ ର:ଅଙ୍କ ଖିଲାଫତ୍ ଶାସନ କାଳରେ ପଂଚାଙ୍ଗ ତାରିଖ ହିଜ୍‌ରୀ ସ୍ଥାପିତ ହୋଇଥିଲା ।

ଇବ୍‌ନେ ସଲାହା କୁହନ୍ତି ସେ ଅବୁ ତାହେର୍ ମୁହସିସ୍‌ଙ୍କ ପୁସ୍ତକ ଅଶ୍‌ଶୁରୁତରେ ଉଲ୍ଲେଖ ଥିବାର ଦେଖିଛନ୍ତି ଯେ, ରସୁଲେ୍ କରିମ୍ ସ:ଆ:ସ ଇତିହାସ ଲେଖିବାର ଆଦେଶ ଦେଲେ କାରଣ ଯେତେବେଳେ ଆପଣ ଅର୍ଥାତ ହଜୁର ସ:ଆ:ସ ନଜ୍‌ରାନ୍‌ର ଖ୍ରୀଷ୍ଟିୟାନ୍ ମାନଙ୍କୁ ପତ୍ର ପ୍ରେରଣ କରିବାର ଆଦେଶ ଦେଲେ ସେତେବେଳେ ହଜ୍‌ରତ୍ ଅଲୀ ର:ଅ କହିଲେ ଏଥିରେ **ଲିଖ୍‌ମସିନ୍ ମିନଲ୍ ହିଜ୍‌ରତି** ଲେଖନ୍ତୁ ଅର୍ଥାତ ପ୍ରବାସର ପଂଚମ ବର୍ଷ ଅତଏବ ଏହି ଦୃଷ୍ଟିକୋଣରୁ ପ୍ରଥମ ଇତିହାସ୍‌ବିତ୍ ହେଉଛନ୍ତି ରସୁଲେ୍ କରିମ ସ:ଆ:ସ ଏବଂ ହଜ୍‌ରତ୍ ଉମର୍ ର:ଅ ତହିଁରେ ହଜୁର ସ:ଆ:ସଙ୍କ ଅନୁସରଣ କରିଛନ୍ତି । ଦ୍ୱିତୀୟ କଥନ ଅନୁଯାୟୀ ହଜ୍‌ରତ୍ ୟାଲା ବିନ୍ ଉମୈୟା ର:ଅ ଇତିହାସର ପ୍ରାରମ୍ଭ କରିଥିଲେ ଅର୍ଥାତ ଲେଖିବା ଆରମ୍ଭ କରିଥିଲେ । ହଜ୍‌ରତ୍ ୟାଲା ବିନ୍ ଉମୈୟା ୟମନ୍‌ର ଅଧିବାସୀ ଥିଲେ । ଇମାମ୍ ଅହେମଦ୍ ଏହାକୁ ବର୍ଣ୍ଣନା କରିଛନ୍ତି । କିନ୍ତୁ ତହିଁରେ ବିଚ୍ଛେଦନ ରହିଛି । ଅର୍ଥାତ ଅମ୍‌ରୋ ଓ ୟାଲାଙ୍କ ମଧ୍ୟରେ ବିଚ୍ଛେଦନ ରହିଛି । ତୃତୀୟ ଏବଂ ପ୍ରଶିଦ୍ଧ କଥନ ଅନୁଯାୟୀ ହିଜ୍‌ରୀ କ୍ୟାଲେଣ୍ଡରର ପ୍ରାରମ୍ଭ ହଜ୍‌ରତ୍ ଉମର୍ ର:ଅଙ୍କ ଖିଲାଫତ୍ ଶାସନ କାଳରେ ହୋଇଥିଲା ।

ହିଜ୍‌ରୀ କ୍ୟାଲେଣ୍ଡର ପାଇଁ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ପ୍ରବାସ ହିଁ କେନ୍ଦ୍ରବିନ୍ଦୁ ସାଜିଥିଲା । ଯେତେବେଳେ ହଜ୍‌ରତ୍ ଉମର୍ ର:ଅ ବର୍ଷ ନିର୍ଦ୍ଧାରିତ ସକାଶେ ପରାମର୍ଶ ଲୋଡ଼ିଲେ ସେତେବେଳେ ଏହି ପରାମର୍ଶ ମିଳିଲା ଯେ, ହଜୁର ସ:ଆ:ସଙ୍କ ଜନ୍ମଠାରୁ ଏହା ପ୍ରାରମ୍ଭ କରାଯାଉ । ଦ୍ୱିତୀୟ ପରାମର୍ଶ ମିଳିଲା ଯେ, ହଜୁର ସ:ଆ:ସଙ୍କ ଅବତାରତ୍ୱଠାରୁ ଏହାର ଆରମ୍ଭ କରାଯାଉ ଅର୍ଥାତ ଗଣନା ଆରମ୍ଭ କରାଯାଉ । ତୃତୀୟ ପରାମର୍ଶ ଏହା ମିଳିଥିଲା ଯେ, ହଜୁର ସ:ଆ:ସଙ୍କ ବିୟୋଗ ବର୍ଷଠାରୁ ଏହାର ଆରମ୍ଭ କରାଯାଉ । ଚତୁର୍ଥ ମତାମତ ଏହା ମିଳିଥିଲା ଯେ, ହଜୁର ସ:ଆ:ସଙ୍କ ହିଜ୍‌ରତ୍ ଅର୍ଥାତ ପ୍ରବାସ ବର୍ଷଠାରୁ ଏହାର ଆରମ୍ଭ କରାଯାଉ ଏବଂ ହିଜ୍‌ରତ୍ ବର୍ଷକୁ ଉଚିତ ମଣାଯାଇଥିଲା । କାରଣ ଜନ୍ମ ଓ ଅବତାରତ୍ୱ ବର୍ଷର ନିର୍ଦ୍ଧାରଣରେ ମତାନ୍ତର ଥିଲା । ବିୟୋଗର ଯେଉଁଠି ପ୍ରଶ୍ନ ରହିଛି ତେବେ ତାହା ଏଥିପାଇଁ ନିର୍ବାଚିତ କଲେ ନାହିଁ କାରଣ ନବୀ କରିମ୍ ସ:ଆ:ସଙ୍କ ବିୟୋଗ ଯୋଗୁଁ ମୁସଲମାନମାନଙ୍କ ଅବସ୍ଥା ଶୋକ ଓ ଦୁଃଖର ସର୍ବୋଚ୍ଚ ପର୍ବତ ଭାଙ୍ଗି ପଡ଼ିଥିଲା ସେମାନେ ଅର୍ଥାତ ମୁସଲମାନମାନେ ଦୁଃଖରେ ଭାଙ୍ଗି ପଡ଼ିଥିଲେ । ଅତଏବ ସାହାବାମାନେ ହିଜ୍‌ରତ୍‌କୁ ହିଁ ଯଥେଷ୍ଟ ବୋଲି ମନେ କଲେ ।

ସାହାବାମାନେ ରିବଉଲ୍ ଅୱ୍ୱଲ୍ ବଦଳରେ ମହ୍‌ରମ୍‌ଠାରୁ ହିଁ ବର୍ଷର ଆରମ୍ଭ କରିଥିଲେ । ଏହାର କାରଣ ଏହି କି ଯେ, ରସୁଲେ୍ କରିମ୍ ସ:ଆ:ସ ହିଜ୍‌ରତ୍ କରିବା ପାଇଁ ଯେଉଁ ସଂକଳ୍ପ ନେଇଥିଲେ ସେହି ସଂକଳ୍ପ ମହ୍‌ରମ୍ ମାସରେ ହିଁ କରିଥିଲେ । ଜୁଲ୍‌ହଜା ମାସରେ ବୟତେ ଅକ୍‌ବା ସାନିୟା ହୋଇସାରିଥିଲା ଏବଂ ତାହା ହିଁ ପ୍ରବାସର ଆୟମାରମ୍ଭ ଥିଲା । ଏହିପରି ବୟତୁଲ୍ ଅକ୍‌ବା ସାନିୟା ଓ ହିଜ୍‌ରତ୍‌ର ଦୃଢ଼ ସଂକଳ୍ପ କରିନେବା ପରେ ଯେଉଁ ମାସର ଚନ୍ଦ୍ର ଉଦିତ ହେଲା ତାହା ମୋହ୍‌ରମ ମାସର ଚାନ୍ଦ ଥିଲା ଏହା ହିଁ ଉଚିତ ମଣାଯାଇଥିଲା ଯେ, ଏହାକୁ ହିଁ ପ୍ରାରମ୍ଭିକ କେନ୍ଦ୍ରବିନ୍ଦୁ କରାଯାଉ । ଅଲ୍ଲାମା ଇବ୍‌ନେ ହଜର୍ ଅସ୍‌କଲାନି କହୁଛନ୍ତି ଯେ ଇସ୍‌ଲାମୀୟ କ୍ୟାଲେଣ୍ଡର ମୋହରମ୍ ମାସରୁ ଆରମ୍ଭ ହୋଇଥିବାର ମୋ ନିକଟରେ ଏହା ହିଁ ସବୁଠାରୁ ମଜ୍‌ଭୁତ୍ ପ୍ରମାଣ *(ଫତହ୍‌ଲ୍ ବାରି ଲେ ଇବ୍‌ନେ ହଜ୍‌ର ...... ଖଣ୍ଡ-୭, ପୃ-୩୧୪-୩୧୫ ...... ହଦିସ୍ ୩୯୩୪ ......କାହିରା ୧୯୮୬)* *(ସୁବୁଲୁଲ୍‌ହୁଦା...... ଖଣ୍ଡ-୧୨, ପୃ-୩୬-୩୭....... ବେରୁତ ୧୯୯୩)* । ଅଲ୍ଲାଃ ତାଲାଙ୍କ ଧାର୍ଯ୍ୟ ବିଧାନ ଅନୁଯାୟୀ ।

ନବୀ କରିମ୍ ସ:ଆ:ସ ମଦିନା ଗମନ ସମ୍ପର୍କରେ ଭିନ୍ନ ଭିନ୍ନ ମତ ରହିଛି । ହଜୁର ସ:ଆ:ସ ବିଭିନ୍ନ ସ୍ଥାନରେ ବିଶ୍ରାମ ନେଇ ରବିଉଲ୍ ଅୱ୍ୱଲ୍ ୧୪ ତାରିଖରେ ଅର୍ଥାତ ସେପ୍ଟେମ୍ବର ମାସ ୨୦ ତାରିଖ ୬୨୨ ମସିହାରେ ମଦିନାରେ ପହଂଚିଥିଲେ । କେତେକ ଐତିହାସବିତ୍‌ଙ୍କ ନିକଟରେ ତାହା ରବିଉଲ୍ ଅୱ୍ୱଲ ମାସର ଆଠ ତାରିଖ ଥିଲା । ଅନ୍ୟ କେତେକଙ୍କ ନିକଟରେ ଆପଣ ସ:ଆ:ସ ସଫର ମାସରେ ମଦିନା ଅଭିମୁଖେ ବାହାରି ଥିଲେ ଏବଂ ରବିଉଲ୍ ଅୱ୍ୱଲ୍ ମାସରେ ମଦିନାରେ ପହଂଚିଥିଲେ । ଆଉ କେତେକ କୁହନ୍ତି ଯେ, ହଜୁର ରବିଉଲ୍ ଅୱ୍ୱଲ୍ ମାସର ଆରମ୍ଭ ଦିନ ଅର୍ଥାତ ପ୍ରଥମ ତାରିଖରେ ମକ୍କାରୁ ପ୍ରବାସ କରିବା ଆରମ୍ଭ କରିଥିଲେ ଏବଂ ୧୨ ରବିଉଲ୍ ଅୱ୍ୱଲ୍ ଦିନ ମଦିନାରେ ପହଂଚିଥିଲେ । *(ସିରତ୍ ଖାତ୍‌ମୁନ୍ ନବିୟିନ୍........ ପୃ-୨୪୩ ମିର୍ଜା ବଶିର୍ ଅହ୍‌ମଦ୍ ସାହେବ୍ ଏମ୍.ଏ) (ଶରହ୍ ଜର୍‌କାନୀ.... ଖଣ୍ଡ-୨, ପୃ-୧୦୨......ବେରୁତ ୧୯୯୬)*

ହିଜ୍‌ରୀ କ୍ୟାଲେଣ୍ଡର କେଉଁ ବର୍ଷ ହୋଇଥିଲା ? ଏ ସମ୍ବନ୍ଧରେ ଭିନ୍ନ ଭିନ୍ନ ମତ ରହିଛି ଯେ ଏହା କେବେ ଆରମ୍ଭ ହେଲା ? କେତେକ କୁହନ୍ତି ୧୬ ହିଜ୍‌ରୀରେ ଆରମ୍ଭ ହୋଇଥିଲା ତ' ଆଉ କେତେକ କୁହନ୍ତି ତାହା ୧୭ ହିଜ୍‌ରୀରେ ହୋଇଥିଲା । ପୁନଶ୍ଚ କେତେକ ୧୮ ହିଜ୍‌ରୀରେ କୁହନ୍ତି ତ' କେତେକ ୨୧ ହିଜରୀରେ ହୋଇଥିଲା ବୋଲି ମତ ଦେଇଛନ୍ତି । *(ଫତହୁଲ୍‌ବାରି ଲେ ଇବ୍‌ନେ ହଜର୍....... ଖଣ୍ଡ-୭, ପୃ-୩୧୫..... ହଦିସ୍ ୩୯୩୪...... କାହିରା ୧୯୮୬) (ଅଲ୍‌କାମିଲ୍ ଫିତ୍ ତାରିଖ୍ ଲେ ଇବ୍‌ନେ ଅସିର୍..... ଖଣ୍ଡ-୧, ପୃ-୧୩...... ବେରୁତ ୨୦୧୨) (ଅଲ୍‌ଫାରୁକ୍.......ପୃ-୨୪୮.....କରାଚି ୨୦୦୪)* କିନ୍ତୁ ସେ ଯାହା ହେଉ ନା କାହିଁକି ଏହି କଥନ ଉପରେ ସମସ୍ତଙ୍କର ଏକମତ ଯେ, ହଜ୍‌ରତ୍ ଉମର୍ ର:ଅଙ୍କ ଶାସନକାଳରେ ହିଁ ଏହି କ୍ୟାଲେଣ୍ଡରର ଶୁଭାରମ୍ଭ ହୋଇଥିଲା ।

ଇସ୍‌ଲାମୀୟ ମୁଦ୍ରା ସାଧାରଣ ଐତିହାସିକଙ୍କ ନିକଟରେ ଆରବ ଦେଶରେ ସର୍ବପ୍ରଥମେ ଅବ୍‌ଦୁଲ୍ଲ ମଲିକ ବିନ୍ ମୁରୱ୍ୱାନ୍ ପ୍ରଚଳନ କରିଥିଲେ । ପବିତ୍ର ମଦିନା ନଗରୀ କେତେକ ଐତିହାସିକ କୁହନ୍ତି ଯେ, ସର୍ବପ୍ରଥମେ ଇସ୍‌ଲାମୀୟ ମୁଦ୍ରା ହଜ୍‌ରତ୍ ଉମର୍ ର:ଅଙ୍କ ଶାସନ କାଳରେ ପ୍ରଚଳିତ ହୋଇଥିଲା । ସେହି ମୁଦ୍ରାଗୁଡ଼ିକ ଉପରେ ଅଲହମ୍‌ଦୁଲ୍ଲିଲାଃ ଖୋଦିତ ହୋଇଥିଲା ଓ କେତେକ ମୁଦ୍ରା ଉପରେ ମୁହମ୍ମଦ ରସୁଲୁଲ୍ଲାଃ ସ:ଆ:ସ ଖୋଦିତ ହୋଇଥିଲା ଏବଂ ଆଉ କେତେକ ମୁଦ୍ରାରେ ଲା ଇଲାହା ଇଲ୍ଲଲ୍ଲାଃହୁ ୱ୍ୱହ୍‌ଦଦୁ ଖୋଦିତ ହୋଇଥିଲା କିନ୍ତୁ ସାସାନୀ ଇରାନୀୟ ରାଜାମାନଙ୍କ ଛବିଗୁଡ଼ିକ ପ୍ରତି କୌଣସି ବିବାଦ ନଥିଲା । ଏକ ଗବେଷଣା ଅନୁଯାୟୀ ସର୍ବପ୍ରଥମ ଇସ୍‌ଲାମୀୟ ମୁଦ୍ରା ଦମିସ୍କରେ ୧୭ ହିଜ୍‌ରୀରେ ହଜ୍‌ରତ୍ ଉମର୍ ର:ଅଙ୍କ ଖିଲାଫତ କାଳରେ ପ୍ରଚଳନ ହୋଇଥିଲା । କିନ୍ତୁ ସେହି ମୁଦ୍ରାଗୁଡ଼ିକ ଉପରେ

ମଧ୍ୟ କେତେକ ବା ଜନ୍‌ତିନି ମହାରାଜାଙ୍କ ଚିତ୍ର ଓ ଲ୍ୟାଟିନ୍ ଭାଷାର ଲେଖା ଉଲ୍ଲେଖ ଥିବାର ବର୍ଣ୍ଣନା ମିଳୁଛି । ଅନ୍ୟ ଏକ ବର୍ଣ୍ଣନା ଅନୁଯାୟୀ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ଖିଲାଫତ୍ ଶାସନ କାଳରେ ୨୮ ହିଜରୀରେ ସର୍ବପ୍ରଥମେ ନିଜର ମୁଦ୍ରା ବ୍ୟବହାର ହୋଇଥିଲା । ସାମୟିକ ରୂପେ ସାସାନୀମାନଙ୍କ ଅଂଚଳରେ ପ୍ରଚଳିତ ଥିବା ମୁଦ୍ରାଗୁଡ଼ିକୁ ହିଁ ପ୍ରଚଳନ କରାଯାଇଥିଲା । ଏହି ମୁଦ୍ରା ଗୁଡ଼ିକ ଉପରେ ସାସାନୀ ରାଜାମାନଙ୍କର ଚିତ୍ର ଅଙ୍କିତ ହୋଇଥିଲା କିନ୍ତୁ ଏହା ଉପରେ କୁଫି ଅକ୍ଷର ଶୈଳୀରେ ବିସ୍‌ମିଲ୍ଲାଃ ଲେଖି ଦିଆଗଲା ।

***(ଅଲ୍‌ଫାରୁକ୍......ପୃ-୨୫୦.....କରାଚି ୨୦୦୪) (ଜୁସ୍‌ତୁଯୁଏ ମଦିନା, ପୃ-୩୧୦.......ପାକିସ୍ତାନ)***

ପୁନଶ୍ଚ ହଜ୍‌ରତ୍ ଉମର୍ ର:ଅ କେଉଁ କେଉଁ କଥା ଆରମ୍ଭ କରିଥିଲେ, କେଉଁ ବିଶେଷ କାର୍ଯ୍ୟର ଶୁଭାରମ୍ଭ କରିଥିଲେ ଯାହାକୁ ଅୱ୍‌ଲିୟତେ ଫାରୁକୀ ନାମରେ ନାମିତ କରାଯାଏ ସେ ବିଷୟରେ ଅଲାମା ସିବ୍‌ଲି ନୁମାନି ନିଜର ପୁସ୍ତକ ଅଲ୍‌ଫାରୁକ୍‌ରେ ଉଲ୍ଲେଖ କରିଛନ୍ତି ଯେ, ହଜ୍‌ରତ୍ ଉମର୍ ର:ଅ ପ୍ରତ୍ୟେକ ମାଧ୍ୟମକୁ ବିନିଯୋଗ କରି ଯେଉଁ ଯେଉଁ ନୂତନ କଥା ଉଭାବନ କରିଥିଲେ ସେହି ସମସ୍ତ ଉନ୍ନୟନ ମୂଳକ ପ୍ରକଳ୍ପକୁ ଐତିହାସିକମାନେ ଗୋଟିଏ ସ୍ଥାନରେ ଏକାଠି କରି ଉଲ୍ଲେଖ କରିଛନ୍ତି, ତାହାକୁ ଅୱ୍‌ଲିୟତେ କୁହାଯାଏ । ନିମ୍ନଲିଖିତ ଏହି କେତେକ କଥା ହଜ୍‌ରତ୍ ଉମର୍ ର:ଅଙ୍କ ଦ୍ୱାରା ଆରମ୍ଭ କରାଯାଇଥିଲା । ୦୧. ବୟତୁଲ୍ ମାଲ୍ ଅର୍ଥାତ ରାଜକୋଷର ସ୍ଥାପନ କଲେ । ୦୨. ନ୍ୟାୟାଳୟ ସ୍ଥାପନ କଲେ ଓ ବିଚାରକମାନଙ୍କୁ ନିଯୁକ୍ତ କଲେ । ୦୩. ଇତିହାସ ଓ ମସିହା ଗଣନା ଆରମ୍ଭ କଲେ ଯାହାକି ଆଜି ପର୍ଯ୍ୟନ୍ତ ଅଭ୍ୟାହତ ରହିଛି । ୦୪. ହଜ୍‌ରତ୍ ଉମର୍ ର:ଅ ଉପସ୍ଥିତ ଖଲିଫା ପାଇଁ "ଅମିରୁଲ୍ ମୁମିନିନ୍" ଉପାଧିର ପ୍ରାରମ୍ଭ କରିଥିଲେ । ୦୫. ସେନା କାର୍ଯ୍ୟାଳୟକୁ କ୍ରମବଦ୍ଧତା ପ୍ରଦାନ କଲେ । ୦୬. ସ୍ୱେଚ୍ଛାସେବୀମାନଙ୍କର ଦରମା ବା ବେତନ ନିର୍ଦ୍ଧାରଣ କଲେ । ୦୭. ଦଫ୍‌ତର୍ ମାଲ୍ ସ୍ଥାପନ କଲେ । ୦୮. କ୍ଷେତ୍ରମାପ ଜାରି କଲେ ଅର୍ଥାତ ଜମିଜୁମାର ମାପ କରିବାର ମାକପ ଆରମ୍ଭ କଲେ । ୦୯. ଜନଗଣନା ବ୍ୟବସ୍ଥା ଜାରି କଲେ । ୧୦. କେନାଲ୍ ଖନନ କଲେ । ୧୧. ସହରକୁ ଜନବସିତ ଯୋଗ୍ୟ କରାଇଲେ ଅର୍ଥାତ କୁଫା ବସ୍‌ରା, ଯିଜାଃ, ଫୁସ୍‌ତାତ୍, ମୋସୁଲ୍ ଇତ୍ୟାଦି ସହରମାନ ବସାଇଲେ । ୧୨. ଅଧିକୃତ ରାଷ୍ଟ୍ରକୁ ପ୍ରଦେଶରେ ବିଭକ୍ତ କଲେ । ୧୩. ଉଶ୍‌ରା ଅର୍ଥାତ ଦଶଭାଗରୁ ଏକଭାଗ ଟିକସ ବାବଦରେ କର ଆଦାୟ ବ୍ୟବସ୍ଥା କଲେ । ଉଶୁର୍ ହଜ୍‌ରତ୍ ଉମର୍ ର:ଅଙ୍କ ଉଭାବନ ଯାହାର ଆରମ୍ଭ ଏପରି ହୋଇଥିଲା କି ମୁସଲମାନମାନେ ଯେଉଁମାନେ ଅନ୍ୟ ରାଷ୍ଟ୍ରକୁ ବାଣିଜ୍ୟ ବ୍ୟବସାୟ କରିବା ସକାଶେ ଯାଉଥିଲେ ସେମାନଙ୍କଠାରୁ ସେ ଦେଶରନିୟମାନୁଯାୟୀ ବ୍ୟବସାୟ ଅର୍ଥର ଦଶପ୍ରତିଶତ ଟିକସ ଆଦାୟ କରାଯାଉଥିଲା । ସୁତରାଂ ହଜ୍‌ରତ୍ ଅବୁ ମୁସା ଅଶ୍‌ଅରୀ ର:ଅ ହଜ୍‌ରତ୍ ଉମର୍ ର:ଅଙ୍କୁ ଉକ୍ତ ଘଟଣାର ସୁଚନା ପ୍ରଦାନ କରିଥିଲେ, ହଜ୍‌ରତ୍ ଉମର୍ ର:ଅ ଆଦେଶ ଦେଲେ ଯେ, ସେହି ଦେଶମାନଙ୍କର ବ୍ୟବସାୟୀମାନଙ୍କଠାରୁ ଯେଉଁମାନେ ଆମ ଦେଶକୁ ଆସୁଛନ୍ତି, ସେମାନଙ୍କରଠାରୁ ମଧ୍ୟ ସେହି ସମ ପରିମାଣର ଟିକସ ଆଦାୟ କରାଯାଉ । ଅର୍ଥାତ ସେମାନଙ୍କ ଠାରୁ ମଧ୍ୟ ଦଶ ପ୍ରତିଶତ କର ଆଦାୟ କରାଯାଉ । ୧୪. କାର୍ଯ୍ୟଟି ଏହା ଥିଲା କି ନଦୀଜାତ ଦ୍ରବ୍ୟ ଉପରେ ମଧ୍ୟ ଟିକସ ଲାଗୁ କରିଥିଲେ ଏବଂ ଏଥିପାଇଁ କର ଆଦାୟକାରୀମାନଙ୍କୁ ମଧ୍ୟ ନିଯୁକ୍ତ କରିଥିଲେ । ୧୫. ପନ୍ଦରରେ ଯୁଦ୍ଧ ବ୍ୟବସାୟୀଙ୍କୁ ଦେଶରେ ଆସି ବ୍ୟବସାୟ କରିବା ପାଇଁ ଅନୁମତି ପ୍ରଦାନ କରିଥିଲେ । ୧୬. ବନ୍ଦୀଶାଳା ନିର୍ମାଣ କରିଥିଲେ । ୧୭. ଦୁର୍‌ରାର ବ୍ୟବହାର କରାଗଲା, ୧୮. ରାତ୍ରରେ ନଗର ପରିକ୍ରମା କରିବା, ପ୍ରଜାମାନଙ୍କର ଅବସ୍ଥା ବୁଝିବା ଆଦି ପ୍ରକ୍ରିୟା ଆରମ୍ଭ କରାଯାଇଥିଲା. ୧୯. ପୋଲିସ ବିଭାଗର ଶୁଭାରମ୍ଭ କରାଯାଇଥିଲା । ୨୦. ନାନା ସ୍ଥାନରେ ସେନା ଛାଉଣୀମାନ ସ୍ଥାପନ କରାଯାଇଥିଲା । ୨୧. ଘୋଡ଼ା ପ୍ରଜାତିମାନଙ୍କ ମଧ୍ୟରୁ ଅସିଲ୍ ଓ ମୁଜ୍‌ନସ୍ ପ୍ରଜାତିରେ ପ୍ରାର୍ଥକ୍ୟ କରାଯାଇଥିଲା, ଏହା ସେତେବେଳେ ଆରବ ଦେଶରେ ପ୍ରଚଳିତ ନଥିଲା । ୨୨. ପାମ୍ଫଲେଟର ନିଯୁକ୍ତ କଲେ । ୨୨. ପବିତ୍ର ମକ୍କାରୁ ମଦିନା ମୁନୱ୍ୱରା ପ୍ରର୍ଯ୍ୟନ୍ତ ଯାତ୍ରିମାନଙ୍କ ବିଶ୍ରାମ ନିମନ୍ତେ ରାସ୍ତାରେ ବିଶ୍ରାମ ଗୃହମାନ ନିର୍ମାଣ କରାଯାଇଥିଲା । ୨୪. ଅନାଥ ସନ୍ତାନମାନଙ୍କ ଲାଳନପାଳନ ପାଇଁ ଦୈନିକ ଭତା ବ୍ୟବସ୍ଥାର ଶୁଭାରମ୍ଭ କରାଯାଇଥିଲା । ୨୫. ବିଭିନ୍ନ ସହରରେ ଅତିଥିମାନଙ୍କ ପାଇଁ ଅତିଥିଶାଳା ନିର୍ମାଣ କରାଯାଇଥିଲା । ୨୬. ଏହି ନିୟମ କଲେ ଯେ, ଆରବବାସୀ, ସେ ପଛେ ଅବିଶ୍ୱାସକାରୀ ହୁଅନ୍ତୁ ନା କାହିଁକି ସେମାନଙ୍କୁ କ୍ରୀତଦାସ କରାଯାଇପାରିବ ନାହିଁ । ୨୭. ନିର୍ଦ୍ଧନ ଏବଂ ଗରୀବ ଖ୍ରୀଷ୍ଟଧର୍ମାଲମ୍ବୀ ଓ ୟହୁଦୀମାନଙ୍କ ପାଇଁ ଦୈନିକ ଭତା ସ୍ଥିର କରାଯାଇଥିଲା । ୨୮. ବିଦ୍ୟାଳୟମାନ ସ୍ଥାପନ କରାଯାଇଥିଲା । ୨୯. ଶିକ୍ଷକ ଓ ମଦ୍‌ରସାଗୁଡ଼ିକରେ କବିତା ଆଲୋଚନ ଚକ୍ର ସ୍ଥିର କରାଗଲା ଏବଂ ଶିକ୍ଷକମାନଙ୍କ ଦରମା ଧାର୍ଯ୍ୟ କରାଯାଇଥିଲା । ୩୦. ହଜ୍‌ରତ୍ ଅବୁବକର ର:ଅଙ୍କୁ ବାଧ୍ୟ କରାଯାଇ ପବିତ୍ର କୁର୍‌ଆନ୍ କରିମ୍‌ର ଏକତ୍ରିକରଣ କରିବାପାଇଁ ରାଜି କରାଯାଇଥିଲା ଏବଂ ସ୍ୱଉଦ୍ୟମ ତଥା ଆନୁକୂଲ୍ୟରେ ଉକ୍ତ କାର୍ଯ୍ୟକୁ ହଜ୍‌ରତ୍ ଉମର୍ ର:ଅ ସମ୍ପୂର୍ଣ୍ଣ କରିଥିଲେ । ୩୧. ପୁଣି ଫରାଇଜ୍‌ରେ "ଅଓଲ୍" ବ୍ୟବସ୍ଥା ଆରମ୍ଭ କଲେ ଅର୍ଥାତ ଖାଦ୍ୟବସ୍ତ୍ର, ବାସଗୃହର ବ୍ୟବସ୍ଥା କରିବା ଆଦି ସମସ୍ୟାର ସମାଧାନ କରିବା ପାଇଁ କେତେକ ଲୋକଙ୍କୁ ପରିବାରରେ ଅର୍ନ୍ତଭୁକ୍ତ କରିବା । ୩୨. ଏହିପରି ନମାଜ ତରାବି ବାଯମାତ୍ ରୂପେ ଆରମ୍ଭ କରାଯାଇଥିଲା । ୩୩. କୟାସ୍‌ର ନିୟମ ଓ ସିଦ୍ଧାନ୍ତ ସ୍ଥାପନ କଲେ । ୩୪. ଏକ ସମୟରେ ଯେଉଁ ତିନି ତଲାକ ଅର୍ଥାତ ଛାଡ଼ପତ୍ର ଯାହାକୁ ଏକ ସମୟରେ ଦିଆଯାଉଥିଲା ତାହାକୁ ତଲାକେ ବାଇନ୍ ବୋଲି ବିବେଚନା କରାଯାଇଥିଲା ଏହା ଶାସ୍ତି ସଦୃଶ ଆପଣ ସ୍ଥିର କରିଥିଲେ । ୩୫. ମଦ୍ୟପାନ କରିଥିବା ବ୍ୟକ୍ତି ନିମନ୍ତେ ଏହି ଦଣ୍ଡ ବିଧାନ କରିଥିଲେ ଯେ, ମଦ୍ୟପକୁ ଅଶି ଚାବୁକ ପ୍ରହାର କରାଯିବା ଧାର୍ଯ୍ୟ କରାଯାଇଥିଲା । ୩୬. ବାଣିଜ୍ୟ ଅଶ୍ୱ ଉପରେ ଜକାତ୍ ଧାର୍ଯ୍ୟ କରାଯାଇଥିଲା । ୩୭. ବନୁ ସାଲ୍‌ବା ଖ୍ରୀଷ୍ଟିୟାନମାନଙ୍କ ଉପରେ ଟିକସ ପରିବର୍ତ୍ତେ ଜକାତ୍ ଧାର୍ଯ୍ୟ କରାଯାଇଥିଲା । ୩୮. ୱକଫ୍‌ର ପନ୍ଥା ଉଭାବନ କରାଯାଇଥିଲା, ୩୯. ପୁଣି ନମାଜ ଯନାଜାଃ ଉପରେ ଚାରୋଟି ତକ୍‌ବିର ଉପରେ ସମସ୍ତ ଲୋକମାନଙ୍କର ଇଜ୍‌ମା ଅର୍ଥାତ ସହମତି ନିଆଯାଇଥିଲା । ସାଧାରଣ ଭାବରେ କହିବାକୁ ଗଲେ ସୁନ୍ନତର ପରମ୍ପରା ଅର୍ଥାତ ତିନୋଟି ତକ୍‌ବିର୍ କରିବା ଓ ପ୍ରଥମ ତକ୍‌ବିର ସହିତ ଶେଷ ତକ୍‌ବିର ପର୍ଯ୍ୟନ୍ତ ସଲାମ୍ ଫେରିବା ପୂର୍ବରୁ ଚତୁର୍ଥ ତକ୍‌ବିର କହିବା ଏହି କ୍ରମରେ ଚାରୋଟି ତକ୍‌ବିର୍ ହେଉଛି ଓ ଏହି ପରମ୍ପରା ଆଜି ପର୍ଯ୍ୟନ୍ତ ଅବ୍ୟାହତ ରହିଛି । ୪୦. ମସ୍‌ଜିଦ୍‌ରେ ଉପଦେଶ ଦେବାର ପନ୍ଥା ନିର୍ଦ୍ଧାରଣ କଲେ ଏବଂ ହଜ୍‌ରତ୍ ଉମର୍ ର:ଅଙ୍କ ଅନୁମତିକ୍ରମେ ତମିମ୍‌ଦାରୀ ଉପଦେଶ ଦେଲେ ଓ ଏହା ଇସ୍‌ଲାମ୍‌ରେ ପ୍ରଥମ ୱଅଜ୍ ଥିଲା । ୪୧. ଇମାମ୍ ଓ ମୁଅଜିନ୍‌ମାନଙ୍କର ଦରମା ସ୍ଥିର କରାଯାଇଥିଲା । ୪୨. ସେଥିଅନ୍ତେ ମସ୍‌ଜିଦ୍‌ର ରାତ୍ର ସମୟରେ ଆଲୋକର ବ୍ୟବସ୍ଥା କରାଯାଇଥିଲା । ୪୩. ନିନ୍ଦା ତଥା ବ୍ୟଙ୍ଗ ବିଦୁପକାରୀଙ୍କ ପାଇଁ ଦଣ୍ଡ ବିଧାନ କରାଯାଇଥିଲା । ୪୪. ଶେଷରେ ଯୁଦ୍ଧ କବିତାରେ ନାରୀମାନଙ୍କ ନାମ ନେବାକୁ ସ୍ପଷ୍ଟ ଭାବରେ ବାରଣ କରାଯାଇଥିଲା । ଯଦିଓ ପୂରାତନ କାଳରୁ ଆରବରେ ଦୀର୍ଘ କାଳ ଧରି ପ୍ରଚଳିତ ଥିଲା । ଅଲମା ସିବ୍‌ଲି ନୁମାନୀ ଉଲ୍ଲେଖ କରନ୍ତି ହଜ୍‌ରତ୍ ଉମର୍ ର:ଅଙ୍କ ଆହୁରି ଅନେକ ଅୱ୍‌ଲିୟାତ ରହିଛି ଯେଉଁଗୁଡ଼ିକୁ ଆମେମାନେ ବ୍ୟାପକତା ଯୋଗୁଁ ନିଜ ରଚନାରେ ଅନ୍ତର୍ଭୁକ୍ତ କରିନାହୁଁ ।

***(ଅଲ୍‌ଫାରୁକ୍.......ପୃ-୪୦୧-୪୦୩,୪୧୨, ଦାରୁଲ୍ ଇଶାଅତ୍ କରାଚି ୧୯୯୧)*** ସେ ଯାହା ହେଉ ନା କାହିଁକି ହଜ୍‌ରତ୍ ଉମର୍ ର:ଅ ଙ୍କ ଆଲୋଚ୍ୟ ଜୀବନୀ ଚର୍ଚ୍ଚାଟି ବର୍ତମାନ ଅବ୍ୟାହତ ରହିଛି ଯାହାର ଅବଶିଷ୍ଟାଂଶ ଇନ୍‌ଶାଅଲ୍ଲାଃ ତାଲା ଆଗମି ଖୁତ୍‌ବାରେ ଆଲୋଚନା କରିବି ।

ବର୍ତମାନ ମୁଁ କେତେକ ମୃତକଙ୍କର ଯନାଜାଃ ସମ୍ପର୍କରେ ଚର୍ଚ୍ଚା କରିବାକୁ ଚାହୁଁଛି । ନମାଜ ଜୁମା ପରେ ସେମାନଙ୍କର ନମାଜ ଯନାଜାଃ ଗାଏବ ମଧ୍ୟ ପଢ଼ାଇବି । ତନ୍ମଧ୍ୟରୁ ପ୍ରଥମ ମୃତକ ହେଲେ ସ୍ୱର୍ଗତ (Suripto Hadi Siswoyo) ସୋରିପ୍‌ତୋ ହାଦି ସିସ୍‌ୱୋୟୋ ସାହେବଙ୍କର । ମୃତକ ଇଣ୍ଡୋନେସିଆ ଅଧିବାସୀ ଥିଲେ । ମୃତକଙ୍କ ଦେହାନ୍ତ ଗତମାସରେ ୭୯ ବର୍ଷ ବୟସରେ ହୋଇଛି । **ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍ ।** ସ୍ୱର୍ଗତ ୨୧ ବର୍ଷ ବୟସରେ ବୟତ କରିଥିଲେ ଏବଂ ମୃତ୍ୟୁପର୍ଯ୍ୟନ୍ତ ସେ ଅହେମଦୀୟତ ଉପରେ କାଏମ୍ ରହିଥିଲେ । ସ୍ୱର୍ଗତଙ୍କ ପତ୍ନୀ ଉଲେଲ୍ଲଖ କରନ୍ତି ଯେ, ସେ ଆଠଜଣ ସନ୍ତାନସନ୍ତତି ଛାଡ଼ି ଯାଇଛନ୍ତି ତାଙ୍କର ଗୋଟିଏ ପୁତ୍ର ମୁବଲିଗ୍ ଭାବରେ ଦାୟିତ୍ୱ ନିର୍ବାହ କରୁଛନ୍ତି । ସ୍ୱର୍ଗତ ଅନେକଥର ଯମାତ୍‌ର ସଦର ଭାବରେ ସେବା ସମ୍ପାଦନ କରିଛନ୍ତି । ଇଣ୍ଡୋନେସିଆ ସ୍ଥିତ ଦାରୁଲ୍ କଜା କାର୍ଯ୍ୟାଳୟରେ ମଧ୍ୟ ସେ ସେବା ସମ୍ପାଦନ କରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ସ୍ୱର୍ଗତଙ୍କ ତବ୍‌ଲିଗ୍ କରିବା ପ୍ରତି ପ୍ରବଳ ଅଭିରୁଚି ରହିଥିଲା । ସେ ଜଣେ ସକ୍ରିୟ ଦାଇ ଇଲଲ୍ଲାହ୍ ଥିଲେ । ଯେ କୌଣସି କଠିନ ପରିସ୍ଥିତିରେ, ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ତାଙ୍କ ତବ୍‌ଲିଗ୍ ପ୍ରତି ଥିବା ଆଗ୍ରହରେ କିଛି ଉଣା ନଥିଲା । ତାଙ୍କର ସୁପୁତ୍ର ଉର୍‌ୱାନ୍ ହବିବୁଲ୍ଲାଃ ମୁବ୍‌ଲିଗ୍ ସିଲ୍‌ସିଲା କୁହନ୍ତି ଏପରି ଅନେକ ଥର ହୋଇଛି ଯେ, ସ୍ୱର୍ଗତ ପିତାଶ୍ରୀ ଦୁଇଚକିଆ ଯାନ କୌଣସି ବ୍ୟକ୍ତିଙ୍କ ଘରେ ରଖିଦେଇ ତବ୍‌ଲିଗ୍ ପାଇଁ ୨୦ କିମି ପର୍ଯ୍ୟନ୍ତ ପଦଯାତ୍ରା କରିଥାନ୍ତି । ଅନ୍ୟ ଗ୍ରାମକୁ ଯିବା ନିମନ୍ତେ ଅନେକ ନଦନଦୀ, ଗିରିପଥ, ଶୃଙ୍ଗ ଓ ଦୁରୁହ୍ ପଥ ଅତିକ୍ରମ କରି ତବ୍‌ଲିଗ୍ ପାଇଁ ବାହାରି ଯାଉଥିଲେ । ଏହି ଯାତ୍ରା ନିମନ୍ତେ ତାଙ୍କୁ ବହୁତ କଷ୍ଟ କରିବାକୁ ପଡୁଥିଲା । ସ୍ୱର୍ଗତ ପିତାଶ୍ରୀ ଅତ୍ୟନ୍ତ ପରିଶ୍ରମି ବ୍ୟକ୍ତି ଥିଲେ । ଯେତେବେଳେ ପିତାଶ୍ରୀ ଶିକ୍ଷକ ବୃତି କରୁଥିଲେ ସେତେବେଳେ ସେ ବିଦ୍ୟାଳୟର ପ୍ରିନ୍ସିପାଲ୍‌ଙ୍କୁ ନିବେଦନ କଲେ ଯେ ତାଙ୍କର ଅଧ୍ୟାପନା ଦିବସ ଚାରିଦିନ ମଧ୍ୟରେ ସୀମିତ ରଖାଯାଉ ଅର୍ଥାତ ସେ ଯେଉଁ କ୍ଲାସ୍ କରୁଛନ୍ତି, ସେ ସବୁକୁ ଚାରିଦିନରେ ସମାପ୍ତ କରିଦିଅନ୍ତୁ ଏବଂ ଅନ୍ୟ ବାକି ଦିନଗୁଡ଼ିକ ତାଙ୍କ ପାଇଁ ଛୁଟି କରିଦିଅନ୍ତୁ ଯଦ୍ୱାରା ତବ୍‌ଲିଗ୍ ପାଇଁ ଅଧିକ ସମୟ ମିଳିପାରିବ । ଗୁରୁବାର ଦିନ ବିଦ୍ୟାଳୟରୁ ଶିକ୍ଷାଦାନ ଶେଷ କରିବା ପରେ ସିଧା ତବ୍‌ଲିଗ୍ ପାଇଁ ବାହାରି ଯାଉଥିଲେ ଏବଂ ରବିବାର ସନ୍ଧ୍ୟା ସମୟରେ ହିଁ ଗୃହକୁ ଫେରୁଥିଲେ ଏବଂ ଏଭଳି ମଧ୍ୟ ହେଉଥିଲା ଯେ, କେତେକ ସମୟରେ ଗୃହକୁ ଫେରିବା ବେଳେ ସୋମବାର ହୋଇଯାଉଥିଲା ଅର୍ଥାତ ରବିବାର ଦିନ ବି ଫେରି ପାରନୁଥିଲେ ।

ବେଶାରତ୍ ଅହେମଦ୍ ସାହେବ୍ ମୁବଲ୍‌ଗ୍ ସିଲ୍‌ସିଲା ଉଲ୍ଲେଖ କରିଛନ୍ତି; ମଧ୍ୟଜାଭା ଦ୍ୱୀପର Wonosobo ଇଲାକାରେ ଦଶଟି ଯମାତ୍ ସ୍ୱର୍ଗତଙ୍କ ମାଧ୍ୟମରେ ସ୍ଥାପିତ ହୋଇଛି । ପ୍ରତ୍ୟେକ ପରିସ୍ଥିତିରେ ସ୍ୱର୍ଗତ ବିଶେଷ ରୂପେ ନମାଜ ତହ୍‌ଯୁଦ୍ ପାଠ କରିବାର ବ୍ୟବସ୍ଥା କରୁଥିଲେ । ପ୍ରତ୍ୟେକ ସ୍ତରର ଲୋକମାନଙ୍କ ପ୍ରତି ସମ୍ମାନ ଓ ବିନମ୍ରତା ଭାବ ପ୍ରଦର୍ଶନ କରୁଥିଲେ । ଏକଦା ସେ କହିଲେ ଯେ ମୋର ଏହି ଆକାଂକ୍ଷା ରହିଛି ଯେ, ମୁଁ ନିଜର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ତବ୍‌ଲିଗ୍‌ରେ ଅଭ୍ୟସ୍ତ ରହିବି ଏବଂ ତହିଁରେ ମୁଁ ମୋର ଆନନ୍ଦ ଓ ମୋର ନିରୋଗ ସ୍ୱାସ୍ଥ୍ୟର ଚାବିକାଠି ଅର୍ନ୍ତନିହିତ ରହିଛି ।

ଅହେମଦି ହିଦାୟତ୍ ସାହେବ ମୁବଲିଗ୍ ସିଲ୍‌ସିଲା ବର୍ଣ୍ଣନା କରନ୍ତି ଯେ, ସ୍ୱର୍ଗତ ହାଦି ସାହେବ ଜଣେ ସାହାସୀ, ଦାଇଇଲଲ୍ଲାଃ ଥିଲେ । ଯେତେବେଳେ ବିରୋଧ ପ୍ରଦର୍ଶନକାରୀ ଲୋକମାନଙ୍କ ପକ୍ଷରୁ ଧମକ ମିଳୁଥିଲା ସେତେବେଳେ ମଧ୍ୟ ସେ ଭୟ କରୁନଥିଲେ, ସାହାସିକତାର ସହିତ ଏହାର ମୁକାବିଲା କରୁଥିଲେ । ଅଲ୍ଲାଃ ତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ ।

ପରବର୍ତୀ ଯନାଜାଃ ହେଉଛି ଚୌଧୁରୀ ବଶୀର୍ ଅହେମଦ ଭଟ୍ଟି ସାହେବଙ୍କର । ସ୍ୱର୍ଗତଙ୍କ ପିତାଙ୍କ ନାମ ଅଲ୍ଲାଃ ଦାଦ୍ ସାହେବ ଭଟ୍ଟୁ ଥିଲେ ଓ ନନ୍‌କାନା ଜିଲ୍ଲାର ଅଧିବାସୀ ଥିଲେ । ଗତ ଜୁନ୍ ମାସରେ ୯୫ ବର୍ଷ ବୟସରେ ତାଙ୍କର ବିୟୋଗ ହୋଇଛି । **ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍ ।** ତାଙ୍କର ସୁପୁତ୍ର ମୁହମ୍ମଦ ଅଫଜଲ୍ ଭଟ୍ଟି ସାହେବ୍ ତାଞ୍ଜାନିଆର ମୁବଲ୍ଲିଗ୍ ସିଲ୍‌ସିଲା ଅଛନ୍ତି, ସେ କୁହନ୍ତି ଚୌଧୁରୀ ଅହେମଦ ଭଟ୍ଟି ସାହେବ ଜନ୍ମରୁ ଅହେମଦୀ ଥିଲେ, ନିୟମିତ ନମାଜ ପାଠକାରୀ ତଥା ରୋଜାଦାର ବ୍ୟକ୍ତି ଥିଲେ । ଜଣେ ନ୍ୟାୟପ୍ରୀୟ, ସ୍ୱଚ୍ଛ ଓ ସ୍ୱଷ୍ଟବାଦି ମଣିଷଟିଏ ଥିଲେ । ଅହେମଦିୟତ୍ ଓ ଖିଲାଫତ୍ ସହିତ ତାଙ୍କର ଗଭୀର ଆସକ୍ତି ଭାବ ଥିଲା । ଛୋଟ ବୟସରୁ ହିଁ କାଦିୟାନ୍ ଜଲ୍‌ସା ସାଲାନାରେ ଯୋଗ ଦେଉଥିଲେ । ଗାଁ ଗଣ୍ଡାର ତାବିଜ୍ ଗୁଣିଗାରେଡ଼ି କରୁଥିବା ବ୍ୟକ୍ତିମାନଙ୍କୁ ଗାଁ ଲୋକେ ଭୟ କରୁଥିଲେ । ଏହା ଆମ ଦେଶର ଏକ ସାଧାରଣ କଥା । ସୁତରାଂ ଚୌଧୁରୀ ବଶୀର୍ ସାହେବ୍ ସେହି ଲୋକମାନଙ୍କୁ କହୁଥିଲେ ଯେ, ଭୟ କରନାହିଁ ଏହି ଲୋକମାନେ ଅଲ୍ଲାଃ ତାଲାଙ୍କ ଇଚ୍ଛା ବ୍ୟତିରକେ ଆପଣମାନଙ୍କର କୌଣସି କ୍ଷତି କରିପାରିବେ ନାହିଁ କିନ୍ତୁ ଅନ୍ଧବିଶ୍ୱାସୀ ଗ୍ରାମ ଲୋକମାନେ ତାଙ୍କୁ ଏହା କହୁଥିଲେ ଯେ, ଆପଣମାନେ ତ' ଅହେମଦି ଆପଣମାନେ ଏହି ଅନ୍ଧବିଶ୍ୱାସ ଉପରେ ବିଶ୍ୱାସ କରନ୍ତି ନାହିଁ ତେଣୁ ଆପଣଙ୍କର କୌଣସି କ୍ଷତି ହେବ ନାହିଁ କିନ୍ତୁ ଆମେମାନେ ଏହି ଗୁଣିଗାରେଡ଼ି ଉପରେ ବିଶ୍ୱାସ ରଖୁଛୁ ତେଣୁ ଆମର ବହୁତ ଭୟ ରହିଛି । ୧୯୫୩ ମସିହାରେ ଯେତେବେଳେ ଉପଦ୍ରବ ଆରମ୍ଭ ହେଲା ସେତେବେଳେ ଅହେମଦୀୟତ୍‌କୁ ବିରୋଧ କରୁଥିବା ଲୋକମାନେ ସେ ଅଂଚଳରେ ଶୋଭା ଯାତ୍ରା ବାହାର କଲେ ଏବଂ ଅହେମଦି ମାନଙ୍କ ଘରକୁ ଅଗ୍ନୀ ସଂଯୋଗ କରିବାପାଇଁ ପ୍ରୟାସ କରିଥିଲେ । ସେତେବେଳେ ନିକଟବର୍ତୀ ଗ୍ରାମରୁ ସ୍ୱର୍ଗତଙ୍କ ବନ୍ଧୁବାନ୍ଧବ ଯେଉଁମାନଙ୍କର ନିଜ ଗ୍ରାମରେ ବେଶ୍ ପ୍ରଭାବ ଥିଲା କିନ୍ତୁ, ସେ ଅହେମଦୀ ନଥିଲେ, ସେହି ବିରୋଧିମାନେ ତାଙ୍କ ନିକଟକୁ ଆସି କହିଲେ, ଆପଣମାନେ ନିଜ ସମ୍ପର୍କୀୟମାନଙ୍କ ସହିତ ଅମେହଦି ବସ୍ତିରେ ରହନ୍ତି, ସେମାନଙ୍କୁ ଆପଣ ବୁଝାଇ ଦିଅନ୍ତୁ ଯେ ସେମାନେ କାଲି ସେଠାରୁ ପଳାୟନ କରିଯିବେ । କାଲି ଆମମାନଙ୍କର ସେଠାରେ ଅଗ୍ନୀ ସଂଯୋଗ କରିବାର ଯୋଜନା ରହିଛି ତେଣୁ ଆପଣମାନେ ସେଠାରୁ ପଳାୟନ କରନ୍ତୁ କିମ୍ବା ଅହେମଦିୟତ୍ ଛାଡ଼ି ଦିଅନ୍ତୁ ଅନ୍ୟଥା ପରିଣାମ ବେଶ୍ ଭୟଙ୍କର ହେବ । ଅତଏବ ସେହି ବନ୍ଧୁବାନ୍ଧବମାନେ ଅହେମଦିମାନଙ୍କୁ କହିଲେ ଆପଣମାନେ ସାମୟିକ ଭାବରେ ଅହେମଦିୟତ୍‌ର ଅସ୍ୱୀକାର କରିଦିଅନ୍ତୁ ନଚେତ ବିରୋଧିମାନଙ୍କ ଜୁଲୁସ୍ ଦ୍ୱାରା ଆପଣମାନଙ୍କର ବେଶ୍ କ୍ଷୟକ୍ଷତି ଘଟିବ । ପ୍ରତ୍ୟୁତରରେ ସ୍ୱର୍ଗତ କହିଲେ କି ଆପଣ ଜମା ବ୍ୟସ୍ତ ହୁଅନ୍ତୁ ନାହିଁ ଆମେ ଭାବିଚିନ୍ତି ଅହେମଦିୟତ ସ୍ୱୀକାର କରିଛୁ, ସେଥିରେ ଅନ୍ତର୍ଭୁକ୍ତ ହୋଇଅଛୁ, ଆମାର କୌଣସି କ୍ଷତି ହେବ ନାହିଁ । ଆମେମାନେ ଅହେମଦିୟତ ପାଇଁ ନିଜର ପ୍ରାଣବଳି ଦେବାପାଇଁ ପ୍ରସ୍ତୁତ ଅଛୁ କିନ୍ତୁ ମୂହୁର୍ତକ ପାଇଁ ଏହା ପସନ୍ଦ କରିବୁ ନାହିଁ ଯେ, ଆମେ ନିଜ ବିଶ୍ୱାସରୁ ଓହରି ଯିବୁ । ସେ ଯାହା ହେଉ ନା କାହିଁକି ସେ କହିଲେ ଯଦି ତୁମେ କିଛି କରିପାରିବନାହିଁ ତା'ହେଲେ କିଛି କରନାହିଁ । ଆମେ ଅଲ୍ଲାଃ ତାଲାଙ୍କ ଉପରେ ଆସ୍ଥା ଓ ଭରସା କରୁଛୁ । କିନ୍ତୁ ଅଲ୍ଲାଃ ତାଲା ଏଭଳି ବ୍ୟବସ୍ଥା କରିଦେଲେ ଯେ, ବିରୋଧିମାନଙ୍କ ଶୋଭାଯାତ୍ରା କିଛି ଦୂର ପର୍ଯ୍ୟନ୍ତ ଆସିବା ପରେ ଆପଣାଛାଏଁ ଛିନ୍ନ ଭିନ୍ନ ହୋଇଗଲା ଏବଂ ସେମାନେ ଅହେମଦିମାନଙ୍କ ବାସଗୃହ ପର୍ଯ୍ୟନ୍ତ ପହଂଚିବାର ସାହାସ ଜୁଟାଇ ପାରିଲେ ନାହିଁ ।

ମୃତକଙ୍କ ପରିବାରରେ ଦୁଇଜଣ ଝିଅ ଓ ପାଂଚଜଣ ପୁତ୍ର ସନ୍ତାନ ଅଛନ୍ତି । ଗୋଟିଏ ପୁତ୍ର ସମ୍ମାନନୀୟ ଅଫଜଲ୍ ଭଟ୍ଟି ସାହେବ ତାଞ୍ଜାନିୟାରେ ମୁବଲିଗ୍ ସିଲ୍‌ସିଲା ଭାବରେ ସେବା ସମ୍ପାଦନ କରୁଛନ୍ତି । ନିଜ କର୍ମଭୂମିରେ ସେବା କରୁଥିବା ଯୋଗୁଁ ସେ ନିଜ ପିତାଙ୍କ ଯନାଜାଃରେ ସାମିଲ ହୋଇପାରିଲେନାହିଁ ଅଲ୍ଲାଃ ତାଲା ତାଙ୍କୁ ଧୈର୍ଯ୍ୟ ଓ ସାହାସ ପ୍ରଦାନ କରନ୍ତୁ ଓ ମୃତକଙ୍କୁ ସ୍ୱର୍ଗରେ ତାଙ୍କର ସ୍ତର ଉନ୍ନୀତ କରନ୍ତୁ । ସ୍ୱର୍ଗତଙ୍କ ସନ୍ତାନମାନଙ୍କୁ ତାଙ୍କର ପୂର୍ଣ୍ୟାବଳୀଗୁଡ଼ିକୁ ଅଭ୍ୟାହତ ରଖିବାପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ପରବର୍ତୀ ଯନାଜାଃ ହେଉଛି ହମିଦୁଲ୍ଲାଃ ଖାଦିମ୍ ମଲହି ସାହେବଙ୍କର । ସେ ଚୌଧୁରୀ ଅଲ୍ଲାଃରଖା ମଲହି ସାହେବ ଦାରୁଲ୍ ନସର୍ ଗର୍ବି ରବ୍‌ୱା ନିବାସୀଙ୍କ ସୁପୁତ୍ର ଥିଲେ । ୮୨ ବର୍ଷ ବୟସରେ ତାଙ୍କର ଦେହାନ୍ତ ହେଲା **ଲା ଇଲାହା ଇଲ୍ଲଲ୍ଲାହୁ ମୁହମ୍ମଦୁର୍ ରସୁଲୁଲ୍ଲାଃ** ସେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସାହାବି ଚୌଧୁରୀ ଅଲ୍ଲାଃ ବଖ୍‌ଶ୍ ଭୁଲର୍ ସାହେବଙ୍କ ନାତି ଥିଲେ ଓ ସେ ନସିରୁଲ୍ଲାଃ ମଲହି ସାହେବ ଶହୀଦ୍ ମୁରବୀ ସିଲ୍‌ସିଲାଙ୍କ ବାପା ଥିଲେ । ମରହୁମ୍ ନମାଜ ଓ ରୋଜା ନିୟମିତ ପାଳନ କରନ୍ତି । ସେ ସରଳ, ଭଦ୍ର, ଗରୀବ ଲୋକଙ୍କ ସାହାଯ୍ୟକର୍ତା ଏବଂ ଜଣେ ନିଷ୍ଠାବାନ ଓ ଉତ୍ସର୍ଗୀ ଅହେମଦୀ ଥିଲେ । ଚାକିରି କରିବା ସମୟରେ ବହୁତ ସାହାସର ସହିତ ବିରୋଧକୁ ସାମନା କରିଛନ୍ତି । ତାଙ୍କର ଜଣେ ପୁତ୍ର ଓ୍ୱାକିଫେ ଜିନ୍ଦେଗୀ ଅଛନ୍ତି ଓ ସେ ତାହେର୍ ହାର୍ଟ ଇନ୍‌ଷ୍ଟିଚ୍ୟୁଟ୍ ରବ୍‌ୱାରେ କାମ କରୁଛନ୍ତି । ଅଲ୍ଲାଃ ତାଲା ସ୍ୱର୍ଗତଙ୍କ ସହିତ ଦୟା ଓ କ୍ଷମତେ ଆଚରଣ କରନ୍ତୁ ।

ପରବର୍ତୀ ଯନାଜାଃ ହେଉଛି ସମ୍ମାନନୀୟ ସ୍ୱର୍ଗତ ମୁହମ୍ମଦ ଅଲୀ ଖାନ୍ ସାହେବଙ୍କର । ସେ ପେଶାଓ୍ୱର ଜିଲ୍ଲାର ଅଧିବାସୀ ଓ ଶରୀଫୁଲ୍ଲାଃ ଖାନ୍ ସାହେବଙ୍କର ସୁପୁତ୍ର ଥିଲେ । ୭୯ କି ୮୯ ବର୍ଷ ବୟସରେ ତାଙ୍କର ସ୍ୱର୍ଗବାସ ହୋଇଛି । **ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍ ।** ଅଲ୍ଲାଃ ତାଲାଙ୍କ କୃପାରୁ ସେ ଏକ ଅଷ୍ଟମାଂସର ଅର୍ଥାତ ୧/୮ର ଓ୍ୱସିୟତ କରିଥିଲେ ଅର୍ଥାତ ନିଜ ସମ୍ପତିର ଆଠଭାଗରୁ ଏକ ଭାଗ ଯମାତ୍ ପାଇଁ ଉତ୍ସର୍ଗ କରିଦେଇଛନ୍ତି । ମୃତକଙ୍କ ପରିଜନଙ୍କ ମଧ୍ୟରେ ତିନିଜଣ ପୁତ୍ରୀ ଓ ସାତଜଣ ପୁତ୍ର ସନ୍ତାନ ଅଛନ୍ତି । ତାଙ୍କର ଗୋଟିଏ ପୁତ୍ରୀ ସଲିମା ସାହେବା ଯିଏକି ଇସ୍‌ଲାମାବାଦ୍‌ରେ ରୁହନ୍ତି, ସେ ବୁର୍‌ହାନ୍ ସାହେବଙ୍କର ପତ୍ନୀ ଅଟନ୍ତି । ସେ ଉଲ୍ଲେଖ କରିଛନ୍ତି ପୂର୍ବେ ତାଙ୍କ ଖାନ୍‌ଦାନ୍‌ର ଲୋକମାନେ ଅଣଅହେମଦୀ ଥିଲେ । ୧୯୫୪ ମସିହାରେ ଖଲିଫା ସାନି ର:ଅଙ୍କ ହସ୍ତରେ ତାଙ୍କ ବାପା ବୟତ କରିଥିଲେ ଏବଂ ଆଜୀବନ ଯମାତ୍ ଓ ଖିଲାଫତ୍ ସହିତ ସଂଶ୍ଲିଷ୍ଟ ରହିଥିଲେ । ମରହୁମ୍ ଧାର୍ମିକ ସ୍ୱାଭିମାନ ତଥା ଯମାତ୍ ସହିତ ଗଭୀର ସଂଶ୍ଳିଷ୍ଟତାର ଉତ୍କୃଷ୍ଟ ନମୁନା ପ୍ରଦର୍ଶନ କରିଥିଲେ । ତାଙ୍କ ପିତାଶ୍ରୀ ୧୯୫୪ ମସିହାରେ ବୟତ କରିଥିଲେ । ସେ ଯାହା ହେଉ ନା କାହିଁକି ବୟତ ପରେ ତାଙ୍କୁ ଯମାତ୍‌ର ସେବା କରିବାକୁ ସୌଭାଗ୍ୟ ଲାଭ ହୋଇଥିଲା । ସ୍ୱର୍ଗତ ମୁହମ୍ମଦ ଅଲୀ ଖାନ୍ ସାହେବ ଖୁଦାମୁଲ୍ ଅହେମଦୀୟାର ଜିଲାଇ କାଏଦ୍ ମଧ୍ୟ ରହିଥିଲେ । ପୁନଶ୍ଚ ସେକ୍ରେଟାରୀ ଓ୍ୱସାୟା, ସେକ୍ରେଟାରୀ ତାଲିମୁଲ୍ କୁର୍‌ଆନ୍ ଆଦିର ସଦସ୍ୟ ମଧ୍ୟ ରହି ଦାୟିତ୍ୱ ତୁଲାଇ ଥିଲେ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପୁସ୍ତକର ଗଭୀର ଅନୁଧ୍ୟାନ ଓ ଅଧ୍ୟୟନ କରିଥିଲେ । ପବିତ୍ର କୁର୍‌ଆନ୍ କରିମ୍‌କୁ ସେ ଆପ୍ରାଣ ଭଲ ପାଉଥିଲେ । ସର୍ବଦା ପବିତ୍ର କୁର୍‌ଆନ୍‌ର ତିଲାଓ୍ୱତ୍ କରୁଥିଲେ । ପବିତ୍ର କୁର୍‌ଆନ୍‌ର ଅନେକ ଅଂଶ ତାଙ୍କର ମୁଖସ୍ତ ରହିଥିଲା । ସେ ଜଣେ ଦୁଆକାରୀ, ପୂର୍ଣ୍ୟବାନ, ଅତିଥିସତ୍କାରୀ ଓ ଜଣେ ପ୍ରକୃତ ନିଷ୍ଠାପର ବ୍ୟକ୍ତି ଥିଲେ । ଦରୁଦ୍ ଶରିଫ୍ ବହୁତ ଜପ କରୁଥିଲେ ଅଭାବି ଲୋକମାନଙ୍କୁ ଆର୍ଥିକ ସାହାର୍ଯ୍ୟ ପ୍ରଦାନ କରୁଥିଲେ । ତାଙ୍କର ଜଣେ ଅହେମଦି ସମ୍ପର୍କୀୟ ତାଙ୍କୁ କହିଲେ ଯେ ଯଦି ଆପଣ ଅହେମଦିୟତ ଛାଡ଼ି ଦିଅନ୍ତି ତାହେଲେ ଆମେମାନେ ଆପଣଙ୍କ ପାଦ ତଳେ ନିଜକୁ ଉତ୍ସର୍ଗ କରିଦେବାପାଇଁ ପ୍ରସ୍ତୁତ ଅଛୁ । ପ୍ରତ୍ୟୁତରରେ ସ୍ୱର୍ଗତ ମୁହମ୍ମଦ ଅଲୀ ଖାନ୍ ସାହେବ ତାଙ୍କୁ ଉତର ଦେଇଥିଲେ ଯେ, ମୋତେ ତୁମର ଉତ୍ସର୍ଗର କୌଣସି ଆବଶ୍ୟକତା ନାହିଁ ମୁଁ ତ ସ୍ୱୟମ କୁର୍ବାନ ହୋଇଯାଇଛି ଅର୍ଥାତ ଉତ୍ସର୍ଗ ହୋଇସାରିଛି । ବର୍ତମାନ ମୋ କଥା ଧ୍ୟାନ ଦେଇ ଶୁଣ ଓ ମସିହ ମଉଦ୍ ଆ:ସଙ୍କୁ ସ୍ୱୀକାର କରିନିଅ ଯିଏ ଆସିବାର ଥିଲା ସେ ଆସି ସାରିଲେଣି ଏବଂ ନିଜ ଜୀବନକୁ ଶୃଙ୍ଖଳିତ କରିନିଅ । ସେ ଯାହା ହେଉ ନା କାହିଁକି ସେମାନେ ଏଥିପ୍ରତି କର୍ଣ୍ଣପାତ କଲେନାହିଁ । ଧିରେ ଧିରେ ତାଙ୍କର ସମସ୍ତ ବନ୍ଧୁ ପରିଜନମାନେ ତାଙ୍କଠାରୁ ଦୁରେଇ ଯାଇଥିଲେ କିନ୍ତୁ ଦିନକୁ ଦିନ ଅହେମଦିୟତ ସହିତ ତାଙ୍କର ସମ୍ପର୍କ ଦୃଢ଼ିଭୂତ ହୋଇଥିଲା ଓ ଉନ୍ନତି କରିଚାଲିଥିଲା । ଅଲ୍ଲାଃ ତାଲା ସ୍ୱର୍ଗତ ମୁହମ୍ମଦ ଅଲୀ ଖାନ୍ ସାହେବଙ୍କ ପ୍ରତି ସଦୟ ହୁଅନ୍ତୁ ଓ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ ।

ପରବର୍ତୀ ଯନାଜାଃ ହେଉଛି ସମ୍ମାନନୀୟ ସ୍ୱର୍ଗତ ସାହେବ୍‌ଜାଦା ମେହ୍‌ଦୀ ଲତିଫ୍ ସାହେବଙ୍କର । ସେ ଆମେରିକା ଅନ୍ତର୍ଗତ ମେରିଲ୍ୟାଣ୍ଡ୍ ପ୍ରଦେଶର ଅଧିବାସୀ ଥିଲେ । ୮୭ ବର୍ଷ ବୟସରେ ତାଙ୍କର ବିୟୋଗ ହୋଇଛି । **ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍ ।** ସାହେବ୍‌ଜାଦା ମେହ୍‌ଦୀ ଲତିଫ୍ ସାହେବ ହେଉଛନ୍ତି ସାହେବ୍‌ଜାଦା ଅବ୍‌ଦୁଲ୍ଲ ଲତିଫ୍ ଶହୀଦ ସାହେବଙ୍କର ପୌତ୍ର । ସ୍ୱର୍ଗତ ସାହେବ୍‌ଜାଦା ମୋହମ୍ମଦ ତୟବ ଲତିଫ୍ ସାହେବଙ୍କ ସୁପୁତ୍ର । ଅଲ୍ଲାଃ ତାଲାଙ୍କ କୃପାରୁ ସ୍ୱର୍ଗତ ମେହେଦୀ ସାହେବ ଓ୍ୱସିୟତ କରିଥିଲେ । ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ପୁସ୍ତକଗୁଡ଼ିକୁ ଗଭୀର ଭାବରେ ଅଧ୍ୟୟନ କରିଥିଲେ । ନିୟମିତ ପାଂଚବେଳା ନମାଜ ପାଠ କରୁଥିଲେ । ଖିଲାଫତ୍ ସହିତ ତାଙ୍କର ନିବିଡ଼ ସମ୍ପର୍କ ରହିଥିଲା । ସେ ବିନିତ ତଥା ବିନମ୍ର ସ୍ୱଭାବ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ତବ୍‌ଲିଗ୍ କରିବାକୁ ତାଙ୍କର ବହୁତ ଆଗ୍ରହ ଥିଲା । ସର୍ବଦା ଅନ୍ୟମାନଙ୍କୁ ତବ୍‌ଲିଗ୍ କରିବାପାଇଁ ଅନୁପ୍ରାଣିତ କରୁଥିଲେ । ଅଲ୍ଲାଃ ତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଓ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ ।

ପରବର୍ତୀ ଯନାଜାଃ ହେଉଛି ସ୍ୱର୍ଗତ ଫୈଜାନ୍ ଅହେମଦ୍ ସମୀର୍ ସାହେବଙ୍କର । ସେ ଶେହ୍‌ଜାଦ୍ ଅକ୍‌ବର୍ ସାହେବଙ୍କର ସୁପୁତ୍ର ଥିଲେ । ସ୍ୱର୍ଗତଙ୍କ ପିତା ରବ୍‌ୱା ସ୍ଥିତ ପ୍ରାଇଭେଟ୍ ସେକ୍ରେଟାରୀ କାର୍ଯ୍ୟାଳୟରେ ଜଣେ କର୍ମଚାରୀ ଭାବରେ କାର୍ଯ୍ୟ କରୁଛନ୍ତି । କୋଭିଡ଼୍ ଯୋଗୁଁ ୧୬ ବର୍ଷ ବୟସରେ ଫୈଜାନ୍ ଅହ୍‌ମଦ୍ ସମୀର୍ ସାହେବଙ୍କର ଅକାଳ ବିୟୋଗ ଘଟିଛି । **ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍ ।** ଅତ୍ୟନ୍ତ ବିଚକ୍ଷଣ ବୁଦ୍ଧିମାନ ବାଳକ ଥିଲେ, କମ୍ କଥା କହୁଥିବା ପୂର୍ଣ୍ୟବାନ ବାଳକଟିଏ ଥିଲେ । ସ୍ୱର୍ଗତ ଓ୍ୱକ୍‌ଫେ ନୌରେ ସାମିଲ ଥିଲେ ନିଜର ପାଠପଢ଼ା ପ୍ରତି ତାଙ୍କର ପ୍ରବଳ ଅଭିରୁଚି ରହିଥିଲା । ଅନାବଶ୍ୟକ କାର୍ଯ୍ୟ ଓ ଖେଳକୁଦରେ ସମୟ ନଷ୍ଟ କରୁନଥିଲେ । ବିଦ୍ୟାଳୟ ବ୍ୟତୀତ ଅଧିକ ସମୟ ସେ ଘରେ ରହି ଅତିବାହିତ କରୁଥିଲେ । ତାଙ୍କ ନାନା ଅର୍ଥାତ ଅଜା ଖ୍ୱାଜା ଅବ୍‌ଦୁର୍ ଶକୁର୍ ସାହେବ ଦୀର୍ଘ ସମୟ ପର୍ଯ୍ୟନ୍ତ ଯମାତ୍‌ର ସେବା କରିଥିଲେ । ଅଲ୍ଲାଃ ତାଲା ସ୍ୱର୍ଗତ ବାଳକ ପ୍ରତି ସଦୟ ହୁଅନ୍ତୁ ଓ ବୈକୁଣ୍ଠରେ ତା'ର ସ୍ତରକୁ ଉନ୍ନୀତ କରନ୍ତୁ ସ୍ୱର୍ଗତଙ୍କ ମାଆ ବାପାଙ୍କୁ ମଧ୍ୟ ଧୈର୍ଯ୍ୟ ପ୍ରଦାନ କରନ୍ତୁ । ଆମିନ୍......

⌘⌘⌘⌘⌘⌘⌘⌘⌘⌘

**ହଜ୍‌ରତ୍ ମୁହମ୍ମଦ ସ:ଆ:ସ କହିଛନ୍ତି: ଉରିତୁନ୍ ନାରା ଫଇଜା ଅକ୍‌ସରୁ ଅହ୍‌ଲିହନ୍ ନିସାଉ ୟକ୍‌ଫୁର୍‌ନା ଅର୍ଥାତ ମତେ ନର୍କର ଦୃଶ୍ୟ ଦେଖାଇ ଦିଆଗଲା । ସେଠାରେ ଯେଉଁ ମହିଳାମାନେ ନିଜର କୁକର୍ମ ଯୋଗୁଁ ନର୍କଦଣ୍ଡ ଭୋଗୁଥିଲେ, ସେମାନଙ୍କ ମଧ୍ୟରେ ଅଧିକାଂଶ ମହିଳା ଏପରି ଥିଲେ ଯେଉଁମାନେ ନିଜ ସ୍ୱାମୀଙ୍କ ପ୍ରତି କୃତଜ୍ଞ ନଥିଲେ ।**

ନୋଟ୍:- ସୟଦନା ହଜ୍‌ରତ୍ ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ବିଭିନ୍ନ ସମୟରେ ନିଜର ଚିଠି ଏବଂ ଏମ୍‌ଟିଏ ର ବିଭିନ୍ନ ପ୍ରୋଗ୍ରାମରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକ ଉପରେ ଯେଉଁ ସବୁ ମୂଲ୍ୟବାନ ବାଣୀମାନ ପ୍ରଦାନ କରିଛନ୍ତି, ପାଠକ/ପାଠିକାମାନେ ଲାଭ ଉଠାଇବା ପାଇଁ ସେଥିରୁ କିଛି ବିଷୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ୍‌ଙ୍କୁ ଧନ୍ୟବାଦ ଅର୍ପଣ କରି ପ୍ରକାଶ କରାଯାଉଅଛି । (କାର୍ଯ୍ୟାଳୟ)

## ଦ୍ୱିତୀୟ ଭାଗ

ପ୍ରଶ୍ନ:- ଆଷ୍ଟ୍ରେଲିଆରେ ଅନୁଷ୍ଠିତ ୱାକିଫାତେ ନୌ ର ଏହି ପ୍ରୋଗ୍ରାମ ''ଗୁଲ୍‌ଶନେ ୱକ୍‌ଫେ ନୌ'ରେ ଗୋଟିଏ ଝିଅ ହଜୁର ଅନୱ୍ୱର ଅ:ବ:ଅଙ୍କୁ ପଚାରିଲେ ଯେ ଆମେ ରମ୍‌ଜାନ୍‌ର ରୋଜାଗୁଡ଼ିକ କେତେ ବୟସରୁ ରଖିବା ଆରମ୍ଭ କରିବୁ? ଏହି ପ୍ରଶ୍ନର ଉତର ଦେଇ ହଜୁର ଅନୱ୍ୱର ଅ:ବ:ଅ କହିଲେ:

ଉତର: ରୋଜା ତୁମମାନଙ୍କ ଉପରେ ସେତେବେଳେ ଧାର୍ଯ୍ୟ ହୋଇଥାଏ ଯେତେବେଳେ ତୁମେ ସମ୍ପୂର୍ଣ୍ଣ ରୂପେ Mature ହୋଇଯାଇଥାଅ । ଯଦି ତୁମେ ଛାତ୍ର ଓ ତୁମର ପରୀକ୍ଷା ଚାଲିଥିବ ତେବେ ସେହି ଦିନମାନଙ୍କରେ ଯଦି ତୁମର ବୟସ ତେର, ଚଉଦ ତଡା ପନ୍ଦର ବର୍ଷ ହୋଇଥିବ ତେବେ ତୁମେ ରୋଜା ରଖନାହିଁ । ଯଦି ତୁମେ ରୋଜା ରଖିବାକୁ ବରଦାସ୍ତ କରିପାରିବ ତେବେ ପନ୍ଦର ଶୋହଳ ବର୍ଷ ବସୟରେ ରୋଜା ରଖିବା ଠିକ୍ । କିନ୍ତୁ ସାଧାରଣତଃ ଫର୍ଜ (ଧାର୍ଯ୍ୟ) ରୋଜା ସତର ଅଠର ବର୍ଷ ବୟସରେ ଧାର୍ଯ୍ୟ ହୋଇଥାଏ । ତା'ପରେ ରୋଜା ରଖିବା ଉଚିତ । ବାକି ଯଦି ତୁମେ ସଉକ କରି ଗୋଟିଏ, ଦୁଇଟି ବା ତିନି ଚାରୋଟି ରୋଜା ରଖିବାକୁ ଚାହୁଁଛ ତା'ହେଲେ ଆଠ, ଦଶ ବର୍ଷ ବୟସରେ ରଖିପାରିବ । କିଛି ବାଧ୍ୟତା ମୂଳକ ନୁହେଁ । ତୁମମାନଙ୍କ ଉପରେ ରୋଜା ରଖିବା ସେତେବେଳେ ବାଧ୍ୟତା ମୂଳକ ହେବ ଯେବେ ତୁମେ ବଡ଼ ହୋଇଯିବ ଓ ରୋଜା ବରଦାସ୍ତ କରିପାରୁଥିବ । ଏଠାରେ (ଅଷ୍ଟ୍ରେଲିଆରେ) ଭିନ୍ନ ଭିନ୍ ଋତୁରେ ଏକତେ ଫରକ ରହିଥାଏ । Day light କେତେ ଘଂଟାରେ ହୁଏ? ସହ୍‌ରୀ (ରାତିରେ ଉଠି ରୋଜା ରଖିବା ପାଇଁ ଖିଆଯାଉଥିବା ଖାଦ୍ୟ) ଏବଂ ଇଫ୍‌ତାରି (ସୂର୍ଯ୍ୟାସ୍ତ ପରେ ଖିଆଯାଇଥିବା ଖାଦ୍ୟ) ସମୟ ମଧ୍ୟରେ କେତେ ବ୍ୟବଧାନ ରହିଛି? ବାର ଘଂଟା? ଗ୍ରୀଷ୍ମ ଋତୁରେ କେତେ ଘଂଟା? ଉଣେଇଶି ଘଂଟା? ହଁ ତା'ହେଲେ ତୁମେ ଉଣେଇଶି ଘଂଟା ଭୋକିଲା ରହିପାରିବ ନାହିଁ । ଗତ ଗ୍ରୀଷ୍ମ ଋତୁରେ ୟୁ.କେରେ ମଧ୍ୟ ରୋଜା ଦିନଗୁଡ଼ିକ ବଡ଼ ଥିଲା ଯେବେ କି ତୁମର ରୋଜା ସମୟ ଛୋଟ ଥିଲା । ୟୁ.କେରେ ସାଢ଼େ ଅଠର ଘଂଟା ରୋଜା ରଖାଯାଉଥିଲା । ସ୍ୱୀଡ଼େନ୍ ଇତ୍ୟାଦି ଦେଶମାନଙ୍କରେ ୨୨ ଘଂଟାର ରୋଜା ହୁଏ । ସେଠାରେ ସମୟକୁ Adjust କରିବାକୁ ପଡ଼ିଥାଏ । କାରଣ ଏତେ ଲମ୍ବା ସମୟ ରୋଜା ରଖାଯାଇ ପାରିବ ନାହିଁ । କିନ୍ତୁ ରୋଜା ରଖିବାକୁ ବରଦାସ୍ତ ସେତେବେଳେ ହୋଇଥାଏ ଯେତେବେଳେ ତୁମେମାନେ ଯୁବତୀ ହୋଇଯାଅ । ଅତିକମ୍‌ରେ ସତର ଅଠର ବର୍ଷର ହୋଇଯାଅ ସେତେବେଳେ ରୋଜା ରଖିବା ଠିକ୍ ହେବ । ପୁଣି ରୋଜା ରଖ । ବୁଝିପାରିଲ? ତୁମ ମାଆବାପା କ'ଣ କହୁଛନ୍ତି? କ'ଣ ଦଶ ବର୍ଷ ବୟସରେ ତୁମ ଉପରେ ରୋଜା ଧାର୍ଯ୍ୟ ହୋଇଯାଇଛି? କିନ୍ତୁ ଅଭ୍ୟାସ କରୁଥାଅ । ଛୋଟ ପିଲାମାନଙ୍କୁ ରମ୍‌ଜାନ ମାସରେ ଦୁଇ ତିନୋଟି ରୋଜା ରଖିବା ଉଚିତ । ଏହା ଦ୍ୱାରା ଅନୁଭବ ହେବ ଯେ, ରମ୍‌ଜାନ ମାସ ଚାଲିଛି । କିନ୍ତୁ ଯଦି ରୋଜା ନ ରଖିବ ତା'ହେଲେ ମଧ୍ୟ ଭୋରରୁ ଉଠ ଓ ମାଆବାପାଙ୍କ ସହିତ ସହ୍‌ରୀ ଖାଅ, ନଫିଲ୍ ନମାଜ ପଢ଼ ଏବଂ ନିୟମିତ ନମାଜ ପଢ଼ । ତୁମମାନଙ୍କର ଛୋଟ ଛୋଟ ଝିଅ ପିଲାମାନଙ୍କର, ଛାତ୍ରମାନଙ୍କର ରମ୍‌ଜାନ୍ ହେଉଛି ଏହାକି ରମ୍‌ଜାନ୍‌ରେ ନିଶ୍ଚିତ ରୂପେ ଓ ସହରୀ ଖାଅ ଏବଂ ସହରୀ ପୂର୍ବରୁ ଦୁଇ ଚାରି ରେକାତ ନଫିଲ୍ ନମାଜ ପଢ଼ । ପୁଣି ଧାର୍ଯ୍ୟ ନମାଜକୁ ନିୟମିତ ପାଠ କର । ପବିତ୍ର କୁର୍‌ଆନ୍ ନିୟମିତ ପାଠ କର ।

***ସଙ୍କଳକ: ଜହିର୍ ଅହମଦ୍ ଖାନ୍, ପ୍ରାଇଭେଟ୍ ସେକ୍ରେଟାରୀ ଲଣ୍ଡନ କାର୍ଯ୍ୟାଳୟ, ଅଭିଲେଖାଗାର ବିଭାଗ (ଅଖ୍‌ବାର୍ ଅଲ୍‌ଫଜଲ୍ ଇଂଟରନ୍ୟାଶ୍‌ନାଲ ସଂଖ୍ୟା ୨୭ ଅକ୍ଟୋବର ୨୦୨୦କୁ ଧନ୍ୟବାଦ)***

ପ୍ରଶ୍ନ:- ଜଣେ ବନ୍ଧୁ ହଜୁର ଅନୱ୍ୱର ଅ:ବ:ଅଙ୍କ ଗୋଚରେ ଜାଣିବାକୁ ଚାହିଁଲେ ଯେ ଇସ୍‌ଲାମ୍‌ରେ ଭିନ୍ନ ଭିନ୍ନ ପଶୁମାନଙ୍କର ମାଂସକୁ କେଉଁ ଆଧାରରେ ହଲାଲ୍ ଏବଂ ହରାମ୍ (ଅର୍ଥାତ ବୈଧ ଓ ଅବୈଧ) ଅଭିହିତ କରାଯାଏ? ହଜୁର ଅନୱ୍ୱର ଅ:ବ:ଅ ନିଜର ଚିଠି ଲିଖିତ ୧୧ ଏପ୍ରିଲ୍ ୨୦୧୬ ମସିହାରେ ନିମ୍ନଲିଖିତ ଉତର ପ୍ରଦାନ କରିଛନ୍ତି । ହଜୁର ଅନୱ୍ୱର ଅ:ବ:ଅ କହିଲେ:-

ଉତର:- କୌଣସି ବସ୍ତୁର ହଲାଲ୍ ଏବଂ ହରାମ୍ ହେବା ସମ୍ବନ୍ଧରେ ଇସ୍‌ଲାମ୍‌ର ସିଦ୍ଧାନ୍ତ ହେଉଛି ଏହା କି ଯେଉଁ ଜିନିଷ ଗୁଡ଼ିକୁ ଶରିୟତ ମନା କରିନାହିଁ, ତାହା ଅନୁମୋଦିତ । ସୁତରାଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଛନ୍ତି

''ଅସଲ କଥା ହେଉଛି ଜିନିଷଗୁଡ଼ିକ ବୈଧ ହୋଇଥାଏ । ଯେପର୍ଯ୍ୟନ୍ତ ସ୍ପଷ୍ଟ ଭାବରେ ପ୍ରମାଣିତ ନ ହୋଇଛି ସେ ପର୍ଯ୍ୟନ୍ତ ହୁର୍‌ମତ୍ (ଅର୍ଥାତ ଜିନିଷଗୁଡ଼ିକ ଅବୈଧ) ହୋଇନଥାଏ ।'' ***(ମଲ୍‌ଫୁଜାତ ଖଣ୍ଡ-୨, ପୃ-୪୭୪)***

ପବିତ୍ର କୁର୍‌ଆନ୍ ମୁର୍ଦ୍ଦାର, ବହିଯାଇଥିବା ରକ୍ତ, ଘୁଷୁରି ମାଂସ ଏବଂ ଅଲ୍ଲାଃଙ୍କ ନାମ ବ୍ୟତୀତ ଅନ୍ୟ ନାମରେ ଜେଭ କରାଯାଇଥିବା ପଶୁମାନଙ୍କୁ ହରାମ୍ (ଅର୍ଥାତ ଅବୈଧ) ଅଭିହିତ କରିଛି । ***(ସୁରଃ ଅନ୍‌ଆମ୍:୧୪୬)***

ପବିତ୍ର କୁର୍‌ଆନ୍‌ରେ ବର୍ଣ୍ଣିତ ହୋଇଥିବା ଏହି ଚାରୋଟି ଜିନିଷକୁ ହରାମ୍ କୁହାଯାଇଅଛି । ଯେବେ କି ଏପରି କେତେକ ଜିନିଷ ଅଛନ୍ତି, ଯାହାକୁ ଖାଇବା ପାଇଁ ହଜ୍‌ରତ୍ ମୁହମ୍ମଦ ସ:ଆ:ସ ମନା କରିଛନ୍ତି । ଉଦାହରଣ ସ୍ୱରୁପ ଯେଉଁ ପଶୁଗୁଡ଼ିକ ଶିକାରୀ ପଶୁ, ସେଗୁଡ଼ିକ ମନା କରାଯାଇଅଛି । ଏଥିରେ ହିଂସ୍ର ପଶୁ ଓ ଶିକାରୀ ପକ୍ଷୀମାନେ ଅନ୍ତର୍ଭୁକ୍ତ । ଏମାନଙ୍କୁ ହଦିସ୍ ଆଧାରରେ ଖାଇବା ମନା । ହଜ୍‌ରତ୍ ଇବ୍‌ନେ ଅବାସ୍ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ:- **ନହା ରସୁଲୁଲ୍ଲାହି ସ:ଆ:ସ ଅନ୍‌କୁଲ୍ଲି ଜି ନାବିନ୍ ମିନସ୍ ସିବାଇ ୱ ଅନ୍ କୁଲ୍ଲି ଜି ମିଖ୍‌ଲବିନ୍ ମିନତ୍ ତୈରି (ସହି ମୁସ୍‌ଲିମ୍)**

ଅର୍ଥାତ:- ରସୁଲୁଲ୍ଲାଃ ସ:ଆ:ସ ପ୍ରତ୍ୟେକ ମୁନିଆ ଦାନ୍ତ ରଖିଥିବା ମାଂସାସୀ ପଶୁ ଏବଂ ପଞ୍ଝାଥିବା ପକ୍ଷୀମାନଙ୍କୁ ଖାଇବା ନିଷେଧ କରିଛନ୍ତି । ସେହିଭଳି ହଦିସ୍‌ରେ ଆସିଛି ଯେ:

**ଅନ୍ ଇବ୍‌ନେ ଉମର୍ ଅନ୍ନା ରସୁଲଲ୍ଲାହି ସ:ଆ:ସ ନହା ୟୋମା ଖୈବରା ଅନ୍ ଲୁହୁମିଲ୍ ହୁମୁରିଲ୍ ଅହ୍‌ଲିୟାତି (ସହି ବୁଖାରୀ)**

ଅର୍ଥାତ:- ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଉମର୍ ର:ଅ ବର୍ଣ୍ଣନା କରୁଛନ୍ତି ଯେ ରସୁଲୁଲ୍ଲାଃ ସ:ଆ:ସ ଖୈବର ଯୁଦ୍ଧ ଅବସରରେ ପୋଶ ଗଧର ମାଂସ ଖାଇବା ପାଇଁ ମନା କଲେ ।

ହରାମ୍ ଏବଂ ମମ୍‌ନୁଉ (ଅର୍ଥାତ ଅବୈଧ ଓ ନିଷେଧ)ର ବ୍ୟାଖ୍ୟା କରି ହଜ୍‌ରତ୍ ଖଲିଫତୁଲ ମସିହ୍ ସାନି (ଦ୍ୱିତୀୟ) ର:ଅ କହିଛନ୍ତି:-

''ଏକଥା ମନେ ରଖିବା ଉଚିତ ଯେ ଇସ୍‌ଲାମୀୟ ଶରିୟତ୍‌ରେ ଯେଉଁ ଜିନିଷଗୁଡ଼ିକୁ ଖାଇବା ପାଇଁ ମନା କରାଯାଇଅଛି, ତାହା ଦୁଇ ପ୍ରକାରର । ପ୍ରଥମଟି ହରାମ୍, ଦ୍ୱିତୀୟଟି ମମ୍‌ନୁଉ । ଅଭିଧାନ ଅନୁସାରେ ହରାମ୍ ଶବ୍ଦଟି ଉକ୍ତ ଦୁଇ ପ୍ରକାରର ଜିନିଷ ଉପରେ ପ୍ରାଧାନ୍ୟ ରଖିଛି । କିନ୍ତୁ ପବିତ୍ର କୁର୍‌ଆନ୍ ଏହି ଆୟତ (ବକ୍‌ରାଃ:୧୭୪) ରେ କେବଳ ଚାରୋଟି ଜିନିଷକୁ ହରାମ୍ (ଅବୈଧ) ଅଭିହିତ କରାଯାଇଅଛି । ଅର୍ଥାତ ମୁର୍ଦ୍ଦାର, ରକ୍ତ, ଘୁଷୁରୀ ମାଂସ ଏବଂ ସେହି ସମସ୍ତ ବସ୍ତୁକୁ ଯାହା ସହିତ ଅଲ୍ଲାଃଙ୍କ ବ୍ୟତୀତ ଅନ୍ୟ କାହାରି ନାମ ସଂଯୋଗ କରାଯାଇଥାଏ । ଏତଦ୍‌ବ୍ୟତୀତ ଶରିୟତ୍‌ରେ ଆଉ କିଛି ଜିନିଷଗୁଡ଼ିକୁ ବ୍ୟବହାର କରିବା ପାଇଁ ବାରଣ କରାଯାଇଅଛି । ଯଦିଓ ଏହି ଜିନିଷଗୁଡ଼ିକ ମମ୍‌ନୁଉ (ବାରଣ ଯୋଗ୍ୟ) ଜିନିଷର ସୂଚୀରେ ତ' ଆସିବେ କିନ୍ତୁ ପବିତ୍ର କୁର୍‌ଆନ୍‌ର ସଂଜ୍ଞା ଅନୁସାରେ ତାହା ହରାମ୍ ହେବ ନାହିଁ ।.....

ଏହି ନିର୍ଦ୍ଦେଶ ଏହି ଆୟତ ତଥା ଅନ୍ୟ ଆୟତଗୁଡ଼ିକର ବିଷୟବସ୍ତୁର ବିରୋଧି ନୁହେଁ । କାରଣ ଯେଉଁଭଳି ଅୱାମିର (ଆଦେଶାବଳୀ) ଗୁଡ଼ିକ ଅନେକ ପ୍ରକାରର ରହିଛି । କିଛି ଫର୍ଜ (ଅର୍ଥାତ ବାଧ୍ୟତାମୂଳକ) କିଛି ୱାଜିବ୍ (ଉଚିତ) ଓ କିଛି ସୁନ୍ନତ ରହିଛି । ସେହିଭଳି ନହି (ଅର୍ଥାତ ଯେଉଁ କଥା କରିବାକୁ ମନା କରାଯାଇଅଛି) ମଧ୍ୟ ଅନେକ ପ୍ରକାରର ଗୋଟିଏ ହେଉଛି ନହି ମୋହ୍‌ରମା ଆଉ ଗୋଟିଏ ନହି ମାନେଏ ଏବଂ ଆଉ ଗୋଟିଏ ନହି ହେଉଛି ତନ୍‌ଜିହି । ଅତଏବ ହରାମ୍ ହେଉଛି ସେହି ଚାରୋଟି ଜିନିଷ । ବାକି ସବୁ ମମ୍‌ନୁଉ (ଅର୍ତାତ ବାରଣ ଯୋଗ୍ୟ) । ଏମାନଙ୍କଠାରୁ ଅଧିକା ବାରଣ ଯୋଗ୍ୟ ହେଉଛି ନହି ତନ୍‌ଜିହି । ଅର୍ଥାତ ମଣିଷ ତା'ଠାରୁ ଦୁରେଇ ରହିବା ଭଲ । ହରାମ୍ ଏବଂ ମମ୍‌ନୁଉରେ ସେହି ସମ୍ବନ୍ଧ ରହିଛି ଯାହା ଫର୍ଜ ଏବଂ ୱାଜିବ୍‌ରେ ରହିଛି । ତେଣୁ ଯେଉଁ ଜିନିଷଗୁଡ଼ିକୁ ପବିତ୍ର କୁର୍‌ଆନ୍ ହରାମ୍ ଅଭିହିତ କରିଛି ତାହାର ହୁର୍‌ମତ୍ (ଅର୍ଥାତ ତାହା ଅବୈଧ ହେବା) ଅଧିକ ଦୃଢ଼ ଏବଂ ଯେଉଁ ଜିନିଷଗୁଡ଼ିକୁ ହଜ୍‌ରତ୍ ମୁହମ୍ମଦ ସ:ଆ:ସ ମନା କରିଛନ୍ତି ତାହା ପବିତ୍ର କୁର୍‌ଆନ୍‌ର ହୁର୍‌ମତ୍ ଜିନିଷଠାରୁ ତୁଳନାରେ କମ୍ ।....... ଅର୍ଥାତ ଯେଉଁ ଜିନିଷଗୁଡ଼ିକୁ ପବିତ୍ର କୁର୍‌ଆନ୍ ହରାମ୍ ଅଭିହିତ କରିଛି, ଯଦି ମଣିଷ ତାହାକୁ ବ୍ୟବହାର କରେ ତା'ହେଲେ ତାହାର ଦଣ୍ଡ ଅଧିକ କଠୋର ହେବ ଏବଂ ଯେଉଁ ଜିନିଷଗୁଡ଼ିକୁ ହଜ୍‌ରତ୍ ମୁହମ୍ମଦ ସ:ଆ:ସ ମନା କରିଛନ୍ତି, ତାହାର ବ୍ୟବହାର କରିବା ଯୋଗୁଁ ତା'ଠାରୁ କମ ସ୍ତରର ଦଣ୍ଡ ମିଳିବ । କିନ୍ତୁ ଉଭୟ କ୍ଷେତ୍ରରେ ଦୋଷ ଦଣ୍ଡନୀୟ ଓ ଅଲ୍ଲାଃଙ୍କ କ୍ରୋଧର କାରଣ ହେବ । ହରାମ୍ କାର୍ଯ୍ୟ କରିବା ଦ୍ୱାରା ମଣିଷର ଇମାନ୍ ଉପରେ ପ୍ରଭାବ ପଡ଼ିଥାଏ ଓ ତାହାର ଫଳାଫଳ ମଧ୍ୟ ଖରାପ ହୋଇଥାଏ । କିନ୍ତୁ ଅନ୍ୟ ଜିନିଷଗୁଡ଼ିକ ବ୍ୟବହାର କରିବା ଯୋଗୁଁ ସେଥିରେ ବେଇମାନି ଓ ଖରାପ ଫଳାପଳ ବାହାରିନଥାଏ । ସୁତରାଂ ଦେଖିନିଅ ମୁସଲମାନମାନଙ୍କ ମଧ୍ୟରୁ କିଛି ଫିର୍କା ଏପରି ଅଛନ୍ତି ଯେଉଁମାନେ ସେହି ଜିନିଷଗୁଡ଼ିକୁ ଭିନ୍ନ ଭିନ୍ନ ଆଳ ଦେଖାଇ ବୈଧ ବିବେଚିତ କରୁଛନ୍ତି ଓ ତାହାକୁ ଖାଇ ନେଉଛନ୍ତି । ଉଦାହରଣ ସ୍ୱରୁପ ମାଲିକି ଫିର୍କାର ଲୋକମାନେ କିନ୍ତୁ ସେହି ଜିନିଷର ପ୍ରଭାବ ତାଙ୍କ ଇମାନ୍ ଉପରେ ପଡୁନାହିଁ ଓ ଏହା କରିବା ଦ୍ୱାରା ବେଇମାନି ଓ ଖରାପ ଫଳାଫଳ ବାହାରୁନାହିଁ । ବରଂ ବିଗତ ସମୟରେ ତ' ସେମାନଙ୍କ ମଧ୍ୟରେ ଅଉଲିୟା ଅଲ୍ଲାଃ ମଧ୍ୟ ଜନ୍ମ ନେଇଛନ୍ତି । କିନ୍ତୁ ଘୁଷୁରୀର ମାଂସ ବା ମୁର୍ଦ୍ଦାର ଖାଉଥିବା କୌଣସି ବ୍ୟକ୍ତି ୱଲିଉଲ୍ଲାଃ ହୋଇବାର ଦେଖିବାର ପାଇବନାହିଁ । ସୁତରାଂ ହୁର୍‌ମତ୍‌ର ମଧ୍ୟ ବିଭିନ୍ନ ସ୍ତର ରହିଛି ଓ ଉପରୋକ୍ତ ଚାରୋଟି ହରାମ୍ ଜିନିଷକୁ ଛାଡ଼ିଦେଲେ ବାକି ସମସ୍ତ ଜିନିଷ ଯାହାକୁ ସାଧାରଣତଃ ହରାମ୍ କୁହାଯାଉଅଛି ତାହା ବାସ୍ତବିକ ମମ୍‌ନୁଆତ୍ (ବାରଣ ଯୋଗ୍ୟ) ଅଟେ ଓ ପବିତ୍ର କୁର୍‌ଆନ୍‌ର ଆଧାରରେ ଏହା ହରାମ୍ ନୁହେଁ'' । ***(ତଫ୍‌ସିର୍ କବୀର ଖଣ୍ଡ-୨, ପୃ-୩୪୦)***

***କ୍ରମଶଃ......***

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......*

ମସ୍‌ଜିଦ୍‌ର ବାହ୍ୟ ପ୍ରାଙ୍ଗଣରେ ଲଗାଯାଇଥିବା ଫଳକ ଉନ୍ମୋଚନ କଲେ । ତା'ପରେ ଦୁଆ କରାଇଲେ । ଦୁଆ ପରେ ହଜୁର ଅନଓ୍ୱର ଅ:ବ:ଅ ମସ୍‌ଜିଦ୍ ଭିତରକୁ ପ୍ରବେଶ କଲେ ଓ ଜୋହର୍ ଏବଂ ଅସର୍ ନମାଜ ଜମା କରି ପଢ଼ାଇଲେ । ଏହି ନମାଜ ପଢ଼ା ସହିତ ମସ୍‌ଜିଦ୍‌ର ଉଦ୍‌ଘାଟନୀ କାର୍ଯ୍ୟ ଆରମ୍ଭ ହେଲା ।

ତା'ପରେ ହଜୁର ଅନଓ୍ୱର ଅ:ବ:ଅ ମସ୍‌ଜିଦ୍‌ର ବାହ୍ୟ ପ୍ରାଙ୍ଗଣରେ ଆଲୁବୁଖାରାର ଗୋଟିଏ ଚାରା ରୋପଣ କଲେ ଓ ଲର୍ଡ଼ ମେୟର ମାର୍କେଲ୍ ଫିଲିପ୍ ଗୋଟିଏ ବାଦାମ ଗଛ ଲଗାଇଲେ ।

ତା'ପରେ ହଜୁର ଅନଓ୍ୱର ଅ:ବ:ଅ ମସ୍‌ଜିଦ୍‌ର ବାହ୍ୟ ପ୍ରାଙ୍ଗଣରେ ଲଗାଯାଇଥିବା ସାମିୟାନ ଭିତରକୁ ପ୍ରବେଶ କଲେ ଯେଉଁଠି ଠିକ୍ ୭:୨୫ ମିନିଟରେ ମସ୍‌ଜିଦ୍ ଉଦ୍‌ଘାଟନୀ ଉତ୍ସବ ସମ୍ବନ୍ଧିତ ସଭାର ଶୁଭାରମ୍ଭ ପବିତ୍ର କୁର୍‌ଆନ୍ ପାଠ ଦ୍ୱାରା ହେଲା । ମୋକରମ୍ ସୟଦ୍ ସଲ୍‌ମାନ୍ ଶାହ୍ ସାହେବ୍ ମୁବ୍‌ଲିଗ୍ ସିଲ୍‌ସିଲା ଜର୍ମାନୀ ପବିତ୍ର କୁର୍‌ଆନ୍‌ର ପଂକ୍ତିଗୁଡ଼ିକୁ ଆବୃତି କଲେ ପୁଣି ତାହାର ଜର୍ମାନୀ ଭାଷାରେ ଅନୁବାଦ ମୋକରମ୍ ବିଲାଲ୍ ନଓ୍ୱାଜ୍ ସାହେବ୍ ପୁଣି ତା'ପରେ ଉର୍ଦ୍ଦୁ ଭାଷାରେ ଅନୁବାଦ ମୋକରମ୍ ଅଜ୍‌ମତ୍ ଅଲୀ ସାହେବ୍ ପେଶ୍ କଲେ ।

ତା'ପରେ ମୋକରମ୍ ଅବ୍‌ଦୁଲ୍ଲାଃ ଓ୍ୱାଗସ୍ ହାଉଜର୍ ସାହେବ୍ (ଅମୀର ଯମାତ୍ ଜର୍ମାନୀ) ନିଜର ପରିଚୟମୂଳକ ଅଭିଭାଷଣ ଉପସ୍ଥାପନ କଲେ ଏବଂ ଆଚେନ୍ ସହରର ଇତିହାସ ବିଷୟରେ ବର୍ଣ୍ଣନା କରି ବତାଇଲେ ଯେ, ଆଚେନ୍ ସହରଟି ଓ୍ୱେଷ୍ଟ ଫାଲମ୍ ପ୍ରଦେଶରେ ଅବସ୍ଥିତ ଓ ଜର୍ମାନୀର ସବୁଠାରୁ ଅଧିକା ପଶ୍ଚିମ ଇଲାକାରେ ଅବସ୍ଥିତ ।

ଏହି ସହରର ଲୋକ ସଂଖ୍ୟା ହେଉଛନ୍ତି ୨ ଲକ୍ଷ ୫୧ ହଜାର । ହଲାଣ୍ଡ ଏବଂ ବେଲ୍‌ଜିୟମର ସୀମା ଏହି ସହର ସହିତ ଲାଗିଛି । ଗନ୍ଧକ ମିଶିଥିବା ଗରମପାଣୀର ଝରଣା (ଉଷ୍ଣପ୍ରସବଣ) ଏଠାରେ ରହିଛି । ପ୍ରାୟ ଖ୍ରୀ.ପୂ. ତିନି ହଜାରରୁ ଏହି ଇଲାକାରେ ଜନବସତି ଥିବାର ଆଭାସ ମିଳିଥାଏ । ଲିଖିତ ଆକାରରେ ଏହି ସହରର ନାମ ୭୬୫ ଖ୍ରୀଷ୍ଟାବ୍ଦରେ ବ୍ୟବହୃତ ହୋଇଥିବାର ମିଳୁଅଛି ।

ରୋମୀମାନେ ନିଜ ଯୁଗରେ ନିଜ ସେନାମାନଙ୍କ ପାଇଁ Thermal Bath କରାଉଥିଲେ ଏବଂ ପୁଣି Corlingian ଙ୍କ ଯୁଗରେ ଏହି ସହରରେ ୩୦ ଜଣ ସମ୍ରାଟଙ୍କୁ ସିଂହାସନରେ ବସାଯାଇଥିଲା । ସେହିଭଳି ନେପୋଲିୟନ୍ ମଧ୍ୟ ଏହି ସହରରେ ଆସି ରହୁଥିଲା ।

୯୬୩ ଖ୍ରୀଷ୍ଟାବ୍ଦରେ ଜର୍ମାନୀର ପ୍ରଥମ ସମ୍ରାଟଙ୍କୁ ସିଂହାସନରେ ବସାଇ ଦିଆଗଲା । ସେବେଠାରୁ ନେଇ ୬୦୦ ବର୍ଷ ପର୍ଯ୍ୟନ୍ତ ଆଚେନ୍ ସହରଟି ଜର୍ମାନୀର ସମ୍ରାଟମାନଙ୍କର ରାଜଧାନୀ ହୋଇଆସିଅଛି ଏବଂ ଏଠାରେ ଅନେକ ସମ୍ରାଟ ଦଫନ (ପୋତା) ହୋଇଛନ୍ତି ।

*ଅବଶିଷ୍ଟାଂଶ ପୃଷ୍ଠା- ୦୨ ରେ ଦେଖନ୍ତୁ...*

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।''

*(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

*ତାଲିବେ ଦୁଆ: Abdul Chand & Family, Jamat Ahmadiyya, Kerang (Odisha)*

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ଓ୍ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

*ତାଲିବେ ଦୁଆ: Idrish Khan, Jamat Ahmadiyya, Kerang (Odisha)*

## ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

*ତାଲିବେ ଦୁଆ: Anisha Begum, Jamat Ahmadiyya, Kerang (Odisha)*

## ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ

''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ''

*ତାଲିବେ ଦୁଆ: Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

# କାଦିଆନ୍‌ର ଶିକ୍ଷାନୁଷ୍ଠାନଗୁଡ଼ିକରେ ମହିଳା ଶିକ୍ଷୟତ୍ରୀ ଆବଶ୍ୟକ

ତାଲିମୁଲ୍ ଇସ୍‌ଲାମ୍ ସିନିୟର୍ ସେକେଣ୍ଡାରୀ ସ୍କୁଲ୍ ଏବଂ ନୁସ୍‌ରତ୍ ଗାର୍ଲସ ହାଇସ୍କୁଲ୍‌ରେ Punjabi, Physical Education, Physics, Mathematics, English, Computer ଏବଂ Hindi ବିଷୟଗୁଡ଼ିକ ପଢ଼ାଇବା ପାଇଁ ମହିଳା ଶିକ୍ଷୟତ୍ରୀମାନଙ୍କ ନିମନ୍ତେ କିଛି ପୋଷ୍ଟ ଖାଲିଅଛି । ସିଲ୍‌ସିଲା ନିମନ୍ତେ ସେବା ମନୋଭାବ ଏବଂ ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ରଖିଥିବା ଇଚ୍ଛୁକ ପ୍ରାର୍ଥୀ ନଜାରତ୍ ଦିଓ୍ୱାନ୍‌ଙ୍କ ତରଫରୁ ପ୍ରକାଶିତ ଫର୍ମ ପୂରଣ କରି ନିଜ ନିଜର ଆବେଦନ ପତ୍ରଗୁଡ଼ିକୁ ଦାଖଲ କରିପାରିବେ । ଖାଲିଥିବା ପୋଷ୍ଟଗୁଡ଼ିକର ବିବରଣୀ ନିମ୍ନରେ ଦିଆଗଲା ।

(1) P.G.T (ପୋଷ୍ଟ ଗ୍ରାଜୁଏଟ୍ ଟିଚର) Physics

ଶିକ୍ଷାଗତ ଯୋଗ୍ୟତା: ସମ୍ବନ୍ଧିତ ବିଷୟରେ ୫୫% ନମ୍ବର ରଖି ପୋଷ୍ଟ ଗ୍ରାଜୁଏଶନ୍ ଏବଂ B.Ed ସହିତ କୌଣସି ସରକାରୀ ଅନୁମୋଦିତ ଅନୁଷ୍ଠାନରେ ଦୁଇ ବର୍ଷର ଶିକ୍ଷାଦାନ ଅଭିଜ୍ଞତା ଥିବ ।

(2) T.G.T (ଟ୍ରେନିଂ ଗ୍ରାଜୁଏଟ୍ ଜେନେରାଲ୍ ଲାଇନ୍ ଟିଚର୍)

ଶିକ୍ଷାଗତ ଯୋଗ୍ୟତା: ୫୫% ନମ୍ବର ରଖି ଗ୍ରାଜୁଏଶନ୍ ଏବଂ B.Ed ସହିତ କୌଣସି ସରକାରୀ ଅନୁମୋଦିତ ଅନୁଷ୍ଠାନରେ ତିନି ବର୍ଷର ଶିକ୍ଷାଦାନ ଅଭିଜ୍ଞତା ଥିବ (ପୋଷ୍ଟ ଗ୍ରାଜୁଏଟ୍‌ଙ୍କୁ ଅଗ୍ରାଧିକାର ଦିଆଯିବ)

(3) Computer Teacher

ଶିକ୍ଷାଗତ ଯୋଗ୍ୟତା: ସମ୍ବନ୍ଧିତ ବିଷୟରେ ଗ୍ରାଜୁଏଶନ୍ (B.C.A) 55% ନମ୍ବର ରଖିଥିବେ ଏବଂ କୌଣସି ଅନୁମୋଦିତ ଅନୁଷ୍ଠାନରେ ତିନିବର୍ଷର ଅଭିଜ୍ଞତା ଥିବ । ପୋଷ୍ଟ ଗ୍ରାଜୁଏଟ୍‌ଙ୍କୁ ଅଗ୍ରାଧିକାର ଦିଆଯିବ ।

(4) Physical Education Teacher

ଶିକ୍ଷାଗତ ଯୋଗ୍ୟତା: ସମ୍ବନ୍ଧିତ ବିଷୟରେ ଗ୍ରାଜୁଏଶନ୍ (B.P.Ed) ରେ 55% ନମ୍ବର ସହିତ କୌଣସି ଅନୁମୋଦିତ ଶିକ୍ଷାନୁଷ୍ଠାନରେ ତିନିବର୍ଷର ଅଭିଜ୍ଞତା ଥିବ ।

* TET ବା CTET କ୍ୱାଲିଫାଏଡ଼୍ ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ ।
* ପ୍ରାର୍ଥୀଙ୍କ ବୟସ ୨୦ ବର୍ଷରୁ କମ୍ ଏବଂ ୪୦ ବର୍ଷରୁ ଅଧିକ ହୋଇନଥିବ । ଆବଶ୍ୟକ ପଡ଼ିଲେ ବୟସର ସୀମାରେ ରିହାତି କରିବା ପାଇଁ ଚିନ୍ତା କରାଯିବ ।
* କେବଳ ସେହି ପ୍ରାର୍ଥୀମାନଙ୍କୁ ଚୟନ କରାଯିବା ଉପରେ ବିଚାର କରାଯିବ ଯେଉଁମାନେ ନିଯୁକ୍ତି କେନ୍ଦ୍ରୀୟ କମିଟିଙ୍କ ଦ୍ୱାରା ନିଆଯାଇଥିବା ଲିଖିତ ପରୀକ୍ଷା ଓ ମୌଖିକ ଇଂଟରଭ୍ୟୁରେ ସଫଳ ହେବେ ଏବଂ ଡ଼ାକ୍ତରଖାନାର ଡ଼ାକ୍ତରୀ ରିପୋର୍ଟ ଅନୁଯାୟୀ ସୁସ୍ଥ ହୋଇଥିବେ ।
* Selection ହେବା କ୍ଷେତ୍ରରେ ପ୍ରାର୍ଥୀଙ୍କୁ କାଦିଆନ୍‌ରେ ରହିବାର ବ୍ୟବସ୍ଥା ନିଜକୁ କରିବାକୁ ହେବ ।
* ଇଂଟରଭ୍ୟୁ ପାଇଁ କାଦିଆନ୍ ଡ଼କାଇବା କ୍ଷେତ୍ରରେ ଯାତାୟାତର ପରିବହନ ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ ।
* ଇଂଟରଭ୍ୟୁର ଧାର୍ଯ୍ୟ ତାରିଖ ବିଷୟରେ ପରେ ଅବଗତ କରାଇ ଦିଆଯିବ ।
* ମୁଦ୍ରିତ ଫର୍ମ ଦଫ୍‌ତର୍ ନଜାରତ୍ ଦିଓ୍ୱାନ୍ ବା ନିମ୍ନଲିଖିତ ଠିକଣା/Email ରୁ ହାସଲ କରିପାରିବେ ।
* ଦରଖାସ୍ତଗୁଡ଼ିକ ଶିକ୍ଷାଗତ ଯୋଗ୍ୟତା ଏବଂ ଅଭିଜ୍ଞତା ସାର୍ଟିଫିକେଟ୍‌ଗୁଡ଼ିକ ଉପରେ (Self Attested) କରି ତାହାର ଅବିକଳ ନକଲ ନଜାରତ୍ ଦିଓ୍ୱାନ୍‌ଙ୍କ ନିକଟରେ ଏହି ଘୋଷଣାର ଦୁଇ ମାସ ମଧ୍ୟରେ ପହଂଚିବା ଆବଶ୍ୟକ ।
* ଜୀବିକା ଭତା (Allowance) ଏବଂ ଅନ୍ୟାନ୍ୟ ସୂଚନା ପ୍ରାପ୍ତ କରିବାପାଇଁ ନିମ୍ନଲିଖିତ E-mail ଏବଂ ଫୋନ୍ ନମ୍ବର ଗୁଡ଼ିକରେ ଅଫିସ୍ ସମୟରେ ଯୋଗାଯୋଗ କରାଯାଇପାରିବ ।

**ନଜାରତ୍ ଦିଓ୍ୱାନ୍ ସଦର୍ ଅଞ୍ଜୁମନ୍ ଅହେମଦୀୟା କାଦିୟାନ୍**
**ଜିଲ୍ଲା- ଗୁର୍‌ଦାସ୍‌ପୁର୍, ପିନ୍-୧୪୩୫୧୬**
**ମୋବାଇଲ୍:-୦୯୬୮୨୬୨୭୫୯୨, ୦୯୬୮୨୫୮୭୭୧୩**
**ଅଫିସ୍ ଫୋନ୍ ନଂ- ୦୧୮୭୨-୫୦୧୧୩୦**
**Email: diwan@qadian.in**
**(ନାଜିର୍ ଦିଓ୍ୱାନ୍, ସଦର ଅଞ୍ଜୁମନ ଅହେମଦୀୟା କାଦିୟାନ୍)**

## ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

***ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧***

ସମୟ: ପ୍ରତ୍ୟଃ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ, ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

## ହଜୁର ଅନଓ୍ୱର ଅ:ବ:ଅ www.ahmadipedia.orgର ଶୁଭାରମ୍ଭ କଲେ । ସେଥିରେ ଜମାତ୍‌ର ପୁସ୍ତକ, ବ୍ୟକ୍ତିତ୍ୱ, ଘଟଣାବଳୀ ଏବଂ ବିଶ୍ୱାସ ଓ ପ୍ରଥା ଇତ୍ୟାଦି ମୌଳିକ ସୂଚନାମାନ ପ୍ରଦାନ କରାଯାଇଅଛି । କୌଣସି ବିଷୟବସ୍ତୁ ଉପରେ ଆପଣମାନେ ମଧ୍ୟ ନିଜର ସୂଚନା, ପ୍ରମାଣ ଏବଂ ଡ଼କ୍ୟୁମେଂଟ ସେଥିରେ ଉପଲବ୍ଧ କରାଇପାରିବେ ।

ଅଲ୍‌ହମ୍‌ଦୋ ଲିଲ୍ଲାଃ ସୟଦନା ହଜ୍‌ରତ୍ ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଜୁଲାଇ ମାସ ୨ ତାରିଖ ୨୦୨୧ ମସିହା ପବିତ୍ର ଯୁମା ଦିନ ନମାଜ ଯୁମା ପରେ ଜମାତ୍ ଅହେମଦୀୟାର ଗୋଟିଏ ନୂଆ ୱେବ୍‌ସାଇଟ୍ www.ahmadipedia.org ର ଶୁଭାରମ୍ଭ କଲେ । ତାହାର ସବିଶେଷ ବିବରଣୀ ପ୍ରଦାନ କରି ହଜୁର ଅନଓ୍ୱର ଅ:ବ:ଅ ନିଜର ଖୁତ୍‌ବା ଯୁମାରେ କହିଲେ:

''ଗୋଟିଏ ଘୋଷଣା କରିବାକୁ ଚାହୁଁଛି । ତାହା ହେଉଛି ଏହା କି ଗୋଟିଏ ଅହେମଦୀୟା ଏନ୍‌ସାଇକ୍ଲୋପିଡ଼ିଆ ତିଆରି କରାଯାଇଅଛି, ତାହା ଆଜି ଲଂଚ କରାଯିବ । କେନ୍ଦ୍ରୀୟ ଅଭିଲେଖାଗାର ବିଭାଗ ଓ ଅନୁସନ୍ଧାନ ବିଭାଗ ଏହାକୁ ତିଆରି କରିଛି । ଏହି ୱେବ୍‌ସାଇଟ୍‌କୁ ଜମାତ୍‌ର ସଦସ୍ୟମାନଙ୍କ ପାଇଁ ଅନ୍‌ଲାଇନ୍ ଉପଲବ୍ଧ କରାଯାଉଅଛି । ସେଥିରେ ପ୍ରବେଶ www.ahmadipedia.org ମାଧ୍ୟରେ କରାଯାଇପାରିବ ଯେଉଁଠି ଗୋଟିଏ ସର୍ଚ୍ଚ ଇଞ୍ଜିନ୍ ଶୈଳୀରେ Homepageରେ ବିଷୟବସ୍ତୁଗୁଡ଼ିକୁ ଖୋଜିବା ପାଇଁ ଖୋଲିଯିବ । ଏହାକୁ ବହୁତ ସରଳ ଏବଂ ବ୍ୟବହାର କରିବା ପାଇଁ ସହଜ କରାଯାଇଅଛି । ପ୍ରତ୍ୟେକ ଇଂଟରଭ୍ୟୁ ସହିତ ସମ୍ବନ୍ଧିତ ୱେବସାଇଟ୍, ଭିଡ଼ିଓ ଏବଂ ଜମାତର ଖବରକାଗଜଗୁଡ଼ିକରେ ପ୍ରକାଶ ପାଇଥିବା ବିଷୟବସ୍ତୁଗୁଡ଼ିକର ଲିଙ୍କ୍ ଉପଲବ୍ଧ କରାଯାଇଅଛି ଯଦ୍ୱାରା ସେହି ଉତ୍ସଗୁଡ଼ିକରୁ ବିସ୍ତୃତ ସୂଚନା ପ୍ରାପ୍ତ କରାଯାଇପାରିବ । ସବିଶେଷ ବିବରଣୀ ପାଇଁ ଦିଆଯାଇଥିବା ସେହି ଲିଙ୍କ୍‌ଗୁଡ଼ିକରୁ ଏ ଲାଭ ମଧ୍ୟ ମିଳିବ ଯେ ଜମାତ୍ ଅହେମଦୀୟାର ଅନ୍ୟ ୱେବସାଇଟଗୁଡ଼ିକ ପର୍ଯ୍ୟନ୍ତ ଉପଭୋକ୍ତାମାନେ ପ୍ରବେଶ କରିପାରିବେ ଫଳତ ସେମାନେ ସମସ୍ତ ଖବରକାଗଜ ଓ ପତ୍ରିକାଗୁଡ଼ିକରୁ ଲାଭ ଉଠାଇ ପାରିବେ । ସାରା ଦୁନିଆରେ ବ୍ୟାପି ଯାଇଥିବା ଜମାତ୍‌ର ଲୋକମାନଙ୍କ ନିକଟରେ ବହୁତ ଉପଯୋଗୀ ସୂଚନାମାନ ରହିଛି ଯାହା କୌଣସି ସ୍ଥାନରେ ରେକର୍ଡ଼ ହୋଇନାହିଁ । ଅହେମଦୀପିଡ଼ିଆର ୱେବ୍‌ସାଇଟ୍‌ରେ Contribute ନାମରେ ଗୋଟିଏ ଅପ୍‌ସନ୍ ମଧ୍ୟ ଦିଆଯାଇଅଛି ଯେଉଁଠି ସେମାନେ କୌଣସି ବିଷୟ ଉପରେ ନିଜର ସୂଚନା, ପ୍ରମାଣ କିମ୍ବା ଦଲିଲ୍ ଯୋଗାଇ ପାରିବେ । ଏପରି ନୁହେଁ କି ନିଜେ ତାହାକୁ ସିଧାସଳଖ ରଖିଦେବେ ବରଂ ସେଗୁଡ଼ିକୁ ସେ ଇନ୍‌ତେ ଜାମିଆ ଅର୍ଥାତ ପରିଚାଳକ ଓ ବ୍ୟବସ୍ଥାପକଙ୍କୁ ଯୋଗାଇ ଦେବେ । ଯୋଗାଇ ଦିଆଯାଇଥିବା ବିଷୟବସ୍ତୁ ଗୁଡ଼ିକର ଅନୁସନ୍ଧାନ ଓ ଯାଂଚ ପରେ ତାହାକୁ ସମ୍ବନ୍ଧିତ ବିଷୟବସ୍ତୁଗୁଡ଼ିକର ଏଂଟ୍ରିରେ ଅନ୍ତର୍ଭୁକ୍ତ କରିଦିଆଯିବ । ଏହିପରି ଏହି ୱେବସାଇଟ୍ ସମସ୍ତ ଜମାତ୍‌ର ସହଯୋଗରେ ଜାରି ରହିଥିବା ଏକ ପ୍ରକଳ୍ପ ହେବ ଏବଂ ଇନ୍‌ଶାଅଲ୍ଲାଃ ପ୍ରତ୍ୟେକ ଅହେମଦୀଙ୍କ ପାଇଁ ଲାଭଦାୟକ ହେବ । ଯଦି କାହାକୁ ଏହି ୱେବ୍‌ସାଇଟ୍‌ରେ ଚାହୁଁଥିବା ବିଷୟବସ୍ତୁ ନ ମିଳେ ତା'ହେଲେ ସେ ଅହେମଦୀପିଡ଼ିଆ ସହିତ ଯୋଗାଯୋଗ କରିପାରିବେ । ପୁଣି ଏମାନେ ୱେବ୍‌ସାଇଟ୍‌ରେ ଆବଶ୍ୟକ ବିଷୟବସ୍ତୁକୁ ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରିବେ । ଯଦିଓ ଏହି ସମସ୍ତ ସୂଚନା ବିଶ୍ୱସନୀୟ ମାଧ୍ୟମ ଦ୍ୱାରା ଯୋଗାଇ ଦିଆଯାଇଅଛି । ଏହା ସତ୍ତ୍ୱେ ମଧ୍ୟ ଯଦି କୌଣସି ଉପଭୋକ୍ତାଙ୍କ ନିକଟରେ ଏପରି ତଥ୍ୟ ଥିବ ଯାହା କୌଣସି ସୂଚନାର ବିପରୀତ ଥିବ ତା'ହେଲେ ସେ ଆମକୁ ଏପରି ତଥ୍ୟ ଯୋଗାଇ ଦିଅନ୍ତୁ ଯଦ୍ୱାରା ଯାଂଚ ପଡ଼ତାଲ କରିବା ପରେ ଜମାତ୍‌ର ଇତିହାସକୁ ପ୍ରାମାଣିକ ଭାବରେ ସୁରକ୍ଷିତ କରି ରଖିବା ପାଇଁ ବ୍ୟବସ୍ଥା କରାଯାଇପାରିବ । ଏହି ୱେବ୍‌ସାଇଟକୁ ପ୍ରସ୍ତୁତ କରିବା ପାଇଁ କେନ୍ଦ୍ରୀୟ ଆଇ.ଟି ବିଭାଗ ସମସ୍ତ ଯାନ୍ତ୍ରିକ ପଦକ୍ଷେପ ବହୁତ ସୁନ୍ଦର ଓ ଉତମ ଭାବରେ ସମ୍ପାଦନ କରିଛନ୍ତି ଏବଂ ଆଇ.ଟି ବିଭାଗ ଏଥି ସକାଶେ ବହୁତ ପରିଶ୍ରମ କରିଛି । ସେଥିରେ ତାଙ୍କର ସ୍ଥାୟୀ କର୍ମୀମାନଙ୍କ ବ୍ୟତୀତ ସ୍ୱେଚ୍ଛାସେବୀମାନେ ମଧ୍ୟ ସାମିଲ ହୋଇଛନ୍ତି । ବିଷୟବସ୍ତୁଗୁଡ଼ିକର ପ୍ରସ୍ତୁତି ନିମନ୍ତେ କେନ୍ଦ୍ରୀୟ ଅଭିଲେଖାଗାର ବିଭାଗର ମୂରବୀମାନେ ବହୁତ ପରିଶ୍ରମ କରିଛନ୍ତି । ଏହି ୱେବ୍‌ସାଇଟର ପ୍ରସ୍ତୁତି ନିମନ୍ତେ ଯେଉଁମାନେ କାମ କରିଛନ୍ତି ଅଲ୍ଲାଃ ତାଲା ସେ ସମସ୍ତଙ୍କୁ ଏହାର ପୂଣ୍ୟ ଫଳ ପ୍ରଦାନ କରନ୍ତୁ । ଯୁମା ନମାଜ ପରେ ଆଜି ଇନ୍‌ଶାଅଲ୍ଲାଃ ମୁଁ ତାହାର ଲଂଚ କରିବି ।''

ଯୁମା ନମାଜ ପରେ ହଜୁର ଅନଓ୍ୱର ଅ:ବ:ଅ ତାହାକୁ ଲଂଚ କଲେ ଏବଂ ଦୁଆ (ନୀରବ ପ୍ରାର୍ଥନା) କରାଇଲେ । ଅହେମଦୀମାନେ ଏମ୍.ଟି.ଏର ସିଧାପ୍ରସାରଣ ଜରିଆରେ ନୀରବ ପ୍ରାର୍ଥନାରେ ସାମିଲ ହେଲେ । ପ୍ରାର୍ଥନା କରୁଅଛୁ ଯେ ଅଲ୍ଲାଃ ତାଲା ଏହି ନୂଆ ୱେବ୍‌ସାଇଟ୍‌ର ଶୁଭାରମ୍ଭକୁ ଜମାତ୍ ନିମନ୍ତେ ପ୍ରତିକ୍ଷେତ୍ରରୁ ବାବର୍‌କତ୍ (ମଙ୍ଗଳମୟ) କରନ୍ତୁ । ଆମିନ୍ (କାର୍ଯ୍ୟାଳୟ)

## ମଜ୍‌ଲିସ୍ ଖୁଦ୍ଦାମୁଲ୍ ଅହେମଦୀୟା ବ୍ରିଟେନ୍ ଆନୁକୂଲ୍ୟରେ ଏକ ଦିନିଆ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ଏବଂ ହଜୁର ଅନଓ୍ୱର ଅ:ବ:ଅଙ୍କ ପ୍ରତ୍ୟକ୍ଷ ଉପସ୍ଥିତି

୦୪ ଜୁଲାଇ ୨୦୨୧ ଦିନ ୱିଓ୍ୱର୍ ଲି ଇବେ ସ୍କୁଲ୍ ଟିଲ୍‌ଫୋର୍ଡ଼ଠାରେ ମଜ୍‌ଲିସ୍ ଖୁଦ୍ଦାମୁଲ୍ ଅହେମଦୀୟା ବ୍ରିଟେନ୍ ତରଫରୁ ଏକ ଦିନିକିଆ ଖେଳ ପ୍ରତିଯୋଗିତା ଅନୁଷ୍ଠିତ କରାଗଲା । ଏହି ଖେଳକୁ କୋରୋନା ଏସ୍ ଓ ପିଜ୍ ର ଧ୍ୟାନ ରଖାଯାଇ ଅନୁଷ୍ଠିତ କରାଗଲା । ସେଥିରେ ସାମିଲ୍ ହେବି ପାଇଁ ଭାକ୍ସିନେଶନ୍‌ର ଦୁଇଟିଯାକ ଟିକା ଲଗାଇବା, କୋରୋନା ପରୀକ୍ଷା ନେଗେଟିଭ୍ ଥିବା, ମାସ୍କ ପିନ୍ଧିବା ଏବଂ ସାମାଜିକ ଦୂରତା ବଜାୟ ରଖିବା ଜରୁରୀ ସର୍ତାବଳୀ ଥିଲା । ଏହି ଖେଳ ଅନୁଷ୍ଠିତ କରିବାର ଉଦ୍ଦେଶ୍ୟ Mercy & Mankind ନାମରେ ମାନବସେବା ପାଇଁ ଚାନ୍ଦା ଏକାଠି କରିବାର ଥିଲା ।

ମୋକରମ୍ ସଦର୍ ସାହେବ୍ ମଜ୍‌ଲିସ୍ ଖୁଦ୍ଦାମୁଲ୍ ଅହେମଦୀୟା ବ୍ରିଟେନ୍‌ଙ୍କ ଅନୁରୋଧକୁ ଦୟା ପରବଶ ଗ୍ରହଣ କରି ହଜୁର ଅ:ବ:ଅ ଖେଳାଳିମାନଙ୍କୁ ଉତ୍ସାହିତ କରିବା ପାଇଁ ସେଠାରେ ପହଂଚିଲେ । ଖୁଦ୍ଦାମ ପିଲାମାନଙ୍କ ମଧ୍ୟରେ ହୋଇଥିବା ଦୌଡ଼ିଟଣା ପ୍ରତିଯୋଗିତାର ଫାଇନାଲ ଓ ପୁଣି ସ୍ଲୋ ସାଇକେଲିଙ୍ଗ ପ୍ରତିଯୋଗିତାକୁ ହଜୁର ଅନଓ୍ୱର ଦେଖିଲେ । ମସ୍‌ରୁର୍ ରିଜିଅନ୍ ସହିତ ସମ୍ବନ୍ଧ ରଖିଥିବା ଖାଦିମ୍ ଜାୟିବ୍ ଚିମା ସାହେବଙ୍କୁ ସ୍ଲୋ ସାଇକେଲ୍ ପ୍ରତିଯୋଗିତାରେ ଜିତିବା ଯୋଗୁଁ ହଜୁର ଅନଓ୍ୱର ଅ:ବ:ଅ ଉତ୍ସାହିତ କଲେ ଏବଂ ତାଙ୍କ ନାମ ପଚାରି ବୁଝିଲେ ।

ତା'ପରେ ରିଜିଓନଲ୍ କାଏଦ୍ ଏବଂ ନ୍ୟାଶ୍‌ନାଲ୍ ଅମେଲାର ସଦସ୍ୟମାନଙ୍କ ମଧ୍ୟରେ ଦୌଡ଼ିଟଣାର ପ୍ରଦର୍ଶନୀ ପ୍ରତିଯୋଗିତା ହେଲା । ହଜୁର ଅନଓ୍ୱର ଅ:ବ:ଅ ଦୟାପୂର୍ବକ ପ୍ରତିଯୋଗିତା ଚାଲିଥିବା ସମୟରେ କହିଲେ ଯେ ରିଜିଓନାଲ୍ କାଏଦିନ୍ ଯଦି ଟିକିଏ ବସି ରହିବେ ତା'ହେଲେ ଜିତିଯିବେ । ଅତଏବ ସେହିପରି ହେଲା ଏବଂ ରିଜିଓନଲ୍ କାଏଦିନ୍ ଟିମ୍ ଏହି ପ୍ରତିଯୋଗିତାକୁ ବାଜି ମାରିନେଲା ।

ପ୍ରାୟ ସାତଟା ବେଳେ ହଜୁର ଅନଓ୍ୱର ଅ:ବ:ଅ ଦୁଆ କରାଇଲେ ପୁଣି ଇସ୍‌ଲାମାବାଦ୍ ଲେଉଟି ଆସିଲେ । ମାର୍ଚ୍ଚ ୨୦୨୦ ଠାରୁ କୋରନା ଲକ୍‌ଡ଼ାଉନ୍ ଲଗାଯିବା ପରଠରୁ ଅମୀରୁଲ୍ ମୁମିନିନ୍ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଏପରି କୌଣସି ସର୍ବସାଧାରଣ କାର୍ଯ୍ୟକ୍ରମରେ ପ୍ରଥମ ଥର ପାଇଁ ଯୋଗ ଦେଇଥିଲେ ।

ନୋମାନ୍ ଅହ୍‌ମଦ୍ ମଜ୍‌ଲିସଦ୍ ମଚମପାର୍କ, ଶରିଫ୍ ରିଜିଅନ୍ ନିଜର ମନୋଭାବକୁ ପରିପ୍ରକାଶ କରି କହିଲେ ଯେ ଅଲ୍‌ହମ୍‌ଦୋଲିଲ୍ଲାଃ ବହୁ ଦିନ ପରେ ଆମ ପ୍ରୀୟ ହଜୁର ଆମ ଗହଣରେ ବିରାଜମାନ ହେଲେ । ହଜୁର ଅନଓ୍ୱର ଅ:ବ:ଅ ଯେତେବେଳେ ପଦାର୍ପଣ କଲେ ସେତେବେଳେ ଏପରି ଅନୁଭବ ହେଉଥିଲା ଯେ ଫରିସ୍ତାମାନଙ୍କର ଏକ ଦଳ ଆମ କାର୍ଯ୍ୟକ୍ରମରେ ସାମିଲ ହୋଇଯାଇଛି । ମୁଁ ନିଜକୁ ଯେତେବେଳେ ଦେଖୁଛି ମୁଁ ଏ ଯୋଗ୍ୟ ବୋଲି ମନେ କରୁନାହିଁ । କିନ୍ତୁ ଆମ ପ୍ରୀୟ ହଜୁର, ସାରା ଦୁନିଆର ଇମାମ୍ ଏବଂ ଯୁଗ ଖଲିଫା ଆମ ଗହଣରେ ବିରାଜମାନ ଥିଲେ । ଏକଥାକୁ ଚିନ୍ତା କରି ମୁଁ ଖୁବ୍ ଇସ୍‌ତେଗ୍‌ଫାର୍ କରୁଥିଲି । ମୋ ମନୋଭାବକୁ ବ୍ୟକ୍ତ କରିବା ପାଇଁ ମୋ ନିକଟରେ ଶବ୍ଦ ନାହିଁ ।

ଅଲ୍ଲାଃ ତାଲା ପ୍ରୀୟ ଆକାଙ୍କର ପ୍ରତି କ୍ଷଣ ସମର୍ଥକ ଓ ସାହାଯ୍ୟକାରୀ ହୁଅନ୍ତୁ ଏବଂ ରୁହୁଲ୍ କୁଦୁସ୍‌ଙ୍କ ଜରିଆରେ ପ୍ରତ୍ୟେକ ମୁହୂର୍ତ ସାହାଯ୍ୟ ଓ ସମର୍ଥନ କରିଚାଲନ୍ତୁ । ଆମିନ୍ । ***(ୱେବ୍‌ସାଇଟ ଅଲ୍‌ଫଜଲ୍ ଇଂଟର ନ୍ୟାସନାଲ ଲଣ୍ଡନକୁ ଧନ୍ୟବାଦ)***

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian
ସାପ୍ତାହିକ ବଦର କାଦିଆନ
Dist: Gurdaspur (Pb.) INDIA Qadian - 143516
Postal Reg. No.GDP-40/2020-2022 Vol.6 Thursday 12 Aug 2021 Issue No. 32

**MANAGER**
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.575/- (Per Issue:Rs.10/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଜର୍ମାନୀ ଗସ୍ତ - (ମଇ ଜୁନ୍ ୨୦୧୫)

*ହଜୁର ଅନଓ୍ୱର ଅ:ବ:ଅଙ୍କ ତାଜା ୟୁରୋପ ଗସ୍ତ (ସେପ୍ଟେମ୍ବର ଅକ୍ଟୋବର ୨୦୧୯)ର ରିପୋର୍ଟ ଗତ ସଂଖ୍ୟାରେ ଶେଷ ହୋଇଯାଇଛି । ଅଲ୍‌ହମ୍‌ଦୁଲିଲ୍ଲାଃ ଏବେ ଏହି ସଂଖ୍ୟାରୁ ୨୦୧୫ ମସିହାର ରିପୋର୍ଟ ପ୍ରକାଶିତ ହେବ । ଯେପର୍ଯ୍ୟନ୍ତ ହଜୁର ଅନଓ୍ୱର ଅ:ବ:ଅଙ୍କ ଗସ୍ତର କୌଣସି ତାଜା ରିପୋର୍ଟ ହସ୍ତଗତ ନ ହୋଇଛି ସେ ପର୍ଯ୍ୟନ୍ତ ବିଗତ ରିପୋର୍ଟ ଗୁଡ଼ିକ ଯାହା ପ୍ରକାଶିତ ହୋଇପାରିନାହିଁ ତାହା ଏଥିରେ ସାମିଲ କରାଯିବ । ତାଜା ରିପୋର୍ଟ ହସ୍ତଗତ ହେବାରେ ପୂର୍ବ ରିପୋର୍ଟଗୁଡ଼ିକୁ ରୋକି ଦିଆଯାଇ ତାଜା ରିପୋର୍ଟ ପ୍ରକାଶ କରାଯିବ । (କାର୍ଯ୍ୟାଳୟ)*

**୨୩ ମଇ ୨୦୧୫ (ଶନିବାର)**

ସୟଦନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଜର୍ମାନୀ ଗସ୍ତରେ ଯିବା ପାଇଁ ସକାଳ ଠିକ୍ ୧୦ଟା ବେଳେ ନିଜ ଆବାସସ୍ଥଳୀରୁ ବାହାରକୁ ବାହାରିଲେ । ନିଜ ପ୍ରୀୟ ମୂନୀବଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇବା ପାଇଁ ସକାଳୁ ଯମାତ୍‌ର ଆବାଳବୃଦ୍ଧବନିତା ମସ୍‌ଜିଦ୍ ବଇତୁଲ୍ ଫଜଲ୍ ଲଣ୍ଡନର ବାହ୍ୟ ପ୍ରାଙ୍ଗଣରେ ଜମା ହୋଇଥିଲେ ।

ହଜୁର ଅନଓ୍ୱର ଅ:ବ:ଅ କିଛି ସମୟ ପାଇଁ ଯମାତ୍‌ର ଏହି ଶ୍ରଦ୍ଧାଳୁମାନଙ୍କ ଗହଣରେ ବିରାଜମାନ ହେଲେ ପ୍ରତ୍ୟେକ ବ୍ୟକ୍ତି ନିଜ ପ୍ରୀୟ ଆକାଙ୍କ ଦର୍ଶନ କରିବାର ସୌଭାଗ୍ୟ ପାଇଲେ ।

ତା'ପରେ ହଜୁର ଅନଓ୍ୱର ଅ:ବ:ଅ ଦୁଆ କରାଇଲେ ପୁଣି ଚାରୋଟି ଗାଡ଼ି ବିଶିଷ୍ଟ କାଫିଲା ବ୍ରିଟେନ୍‌ର ଗୋଟିଏ ସମୁଦ୍ରକୂଳିଆ ସହର ଡ଼ୋଭର ଆଡ଼କୁ ଯାତ୍ରା କଲା ।

ଡୋଭର୍ ବନ୍ଦରଟି ଇଙ୍ଗଲିସ୍ତାନର ପ୍ରଶିଦ୍ଧ ବନ୍ଦରମାନଙ୍କ ମଧ୍ୟରୁ ଅନ୍ୟତମ । ଲଣ୍ଡନ ଏବଂ ତାହାର ଆଖପାଖ ଅଂଚଳର ଅଧିବାସୀମାନେ ୟୁରୋପର ଯାତ୍ରା Ferries ଜରିଆରେ ଏହି ବନ୍ଦରରୁ ହିଁ କରିଥାନ୍ତି ।

ଡୋଭର୍ ଠାରୁ ୧୧ ମାଇଲ୍ ପୂର୍ବେ ସେହି ପ୍ରଶିଦ୍ଧ ଚ୍ୟାନେଲ୍ ଟନେଲ୍‌ଟି ଆସିଥାଏ ଯାହା ସମୁଦ୍ରର ତଳେ ତଳେ ବ୍ରିଟେନ୍ ଓ ଫ୍ରାନ୍ସର ଉପକୂଳ ଇଲାକାକୁ ଆପୋଷରେ ଯୋଡ଼ିଥାଏ । ଏହି ସୁଡ଼ଙ୍ଗ ଜରିଆରେ କାର୍ ଏବଂ ଅନ୍ୟାନ୍ୟ ଗାଡ଼ିଗୁଡ଼ିକ ଟ୍ରେନ୍ ମାଧ୍ୟମରେ ଫ୍ରାନ୍ସର Calais ସହର ପର୍ଯ୍ୟନ୍ତ ପହଂଚିଥାନ୍ତି । ଆଜି ଏହି ଚ୍ୟାନେଲ୍ ଟନେଲ୍ ଜରିଆରେ ହଜୁରଙ୍କ କାଫିଲାଟି ଯାତ୍ରା କରିବାର ଥିଲା ।

ଲଣ୍ଡନରୁ ମୋକରମ୍ ରଫିତ୍ ଅହେମଦ୍ ହୟାତ୍ ସାହେବ ଅମୀର ଯମାତ୍ ଅହେମଦିୟା ୟୁ.କେ, ମୋକରମ୍ ଅତାଉଲ୍ ମୁଜିର୍ ରାଶିଦ୍ ସାହେବ୍ ନାଏବ୍ ଅମୀର୍ ଏବଂ ମୁବଲିଗ୍ ଇନ୍‌ଚାର୍ଜ ୟୁ.କେ, ମୋକରମ୍ ଓସିମ୍ ଅହେମଦ୍ ଚୌଧୁରୀ ସାହେବ୍ ସଦର ମଜ୍‌ଲିସ୍ ଅନ୍‌ସାରୁଲ୍ଲାଃ ୟୁ.କେ, ମୋକରମ୍ ମିର୍ଜା ମେହମୁଦ୍ ଅହେମଦ୍ ସାହେବ, ମୋକରମ୍ ନାସିର୍ ଇନ୍‌ଆମ୍ ସାହେବ୍ ପ୍ରିନ୍ସପାଲ୍ ଜାମିୟା ଅହେମଦିୟା ୟୁ.କେ, ମୋକରମ୍ ଏଖ୍‌ଲାଖ୍ ଅହେମଦ୍ ଅଞ୍ଜୁମ୍ ସାହେବ୍ (ଓ୍ୱକାଲତେ ତବ୍‌ଶିର୍), ମୋକରମ୍ ଜହୁର୍ ଅହେମଦ୍ ସାହେବ୍ (ପ୍ରାଇଭେଟ ସେକ୍ରେଟାରୀ କାର୍ଯ୍ୟାଳୟ), ମୋକରମ୍ ମେଜର୍ ମେହ୍‌ମୁଦ୍ ଅହେମ୍ମଦ୍ ସାହେବ୍ (ବିଶେଷ ସୁରକ୍ଷା ଦାୟିତ୍ୱରେ ଥିବା ଅଫିସର) ଏବଂ ମୋକରମ୍ ଇମ୍‌ରାନ୍ ଜଫର୍ ସାହେବ୍ (ମୋହତମିମ୍ ଉମୁମି) ଖୁଦାମ୍‌ଙ୍କ ସିକ୍ୟୁରିଟି ଟିମ୍ ସହିତ ହଜୁର ଅନଓ୍ୱର ଅ:ବ:ଅଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇବା ପାଇଁ କାଫିଲା ସହିତ ଚ୍ୟାନେଲ୍ ଟନେଲ୍ ପର୍ଯ୍ୟନ୍ତ ଆସିଥିଲେ ।

ପ୍ରାୟ ଏକ ଘଂଟା ୩୫ ମିନିଟ ଯାତ୍ରା କରିବା ପରେ ଠିକ୍ ୧୧:୪୦ ମିନିଟରେ କାଫିଲା ଚ୍ୟାନେଲ୍ ଟନେଲ୍‌ରେ ପହଂଚିଲା । ଇମିଗ୍ରେସନ୍ ଏବଂ ଅନ୍ୟାନ୍ୟ ଯାତ୍ରା ସମ୍ବନ୍ଧିୟ କାରବାଇ ସମ୍ପୂର୍ଣ୍ଣ କରିବା ପରେ ହଜୁର ଅନଓ୍ୱର ଅ:ବ:ଅ ଚ୍ୟାନେଲ୍ ଟନେଲ୍‌ର ପାର୍କିଙ୍ଗ ଏରିଆକୁ ଗଲେ ।

ଠିକ୍ ୧୨:୩୫ ମିନିଟରେ ଗାଡ଼ି ଗୁଡ଼ିକ ଟ୍ରେନ ଉପରେ ଲଦା ଗଲା ଏହି ଟ୍ରେନଟି ଦୁଇମହଲା ବିଶିଷ୍ଟ ଏବଂ ତା' ଭିତରେ ଏକାବେଳକେ ୧୨୮ଟି କାର୍ ଯାତ୍ରୀ ସମେତ ଲଦା ଯାଇଥାଏ । କାଫିଲାର ଗାଡ଼ି ଗୁଡ଼ିକ ପ୍ରଥମ ମହଲାରେ ବୋର୍ଡ଼ କରାଗଲା ।

ଟ୍ରେନ୍‌ଟି ଠିକ୍ ୧୨:୫୦ ମିନିଟରେ ଘଂଟାକୁ ୧୪୦ କିଲୋମିଟର ବେଗରେ ଫ୍ରାନ୍ସର ସମୁଦ୍ରକୂଳ ସହର କାଲାଇସ୍ ନିମନ୍ତେ ଯାତ୍ରା ଆରମ୍ଭ କଲା । ଏହି ସୁଡ଼ଙ୍ଗଟିର ମୋଟ ଦୀର୍ଘ ହେଉଛି ପ୍ରାୟ ୩୧ ମାଇଲ ଓ ସେଥିମଧ୍ୟରୁ ୨୪ ମାଇଲ ସମୁଦ୍ର ତଳେ ରହିଛି ।

ଏହି ସୁଡ଼ଙ୍ଗଟିର ଗଭୀରତମ ଭାଗଟି ସମୁଦ୍ର ପତନଠାରୁ ୭୫ ମିଟର ଅର୍ଥାତ ୨୫୦ ଫୁଟ୍ ତଳେ ରହିଛି । ସମୁଦ୍ର ତଳେ ତିଆରି ହୋଇଥିବା ଟନେଲ୍‌ମାନଙ୍କ ମଧ୍ୟରୁ ଏ ପର୍ଯ୍ୟନ୍ତ ଏହି ଟନେଲ୍‌ଟି ପୃଥିବୀର ସବୁଠାରୁ ବଡ଼ ଟନେଲ୍ ଅଟେ ।

ଠିକ୍ ୧୨:୫୦ ମିନିଟରେ ଟ୍ରେନ୍‌ଟି ଯାତ୍ରା ଆରମ୍ଭ କଲା ଏବଂ ପ୍ରାୟ ଅଧଘଂଟା ଯାତ୍ରା କରିବା ପରେ ଫ୍ରାନ୍ସର ସ୍ଥାନିୟ ସମୟ ମୁତାବକ ଠିକ୍ ୨:୨୦ ମିନିଟରେ ଫ୍ରାନ୍ସର ସହର କାଲାଇସ୍‌ଠାରେ ପହଂଚିଲା (ଫ୍ରାନ୍ସର ସମୟ ବ୍ରିଟେନ୍‌ର ସମୟଠାରୁ ଏକ ଘଂଟା ଆଗୁଆ) । ଟ୍ରେନ୍‌ଟି ରହିବା ପରେ ପ୍ରାୟ ପାଂଚ ମିନିଟ ପରେ ଗାଡ଼ି ଗୁଡ଼ିକ ଟ୍ରେନ୍‌ରୁ ବାହାରକୁ ବାହାରିଲେ । ତା'ପରେ ମୋଟର ଓ୍ୱେ ଉପରେ ଯାତ୍ରା ଆରମ୍ଭ ହେଲା ।

ପୂର୍ବରୁ ନିର୍ଦ୍ଧାରିତ ପ୍ରୋଗ୍ରାମ ମୁତାବକ ଏଠାରୁ କିଛି କିଲୋମିଟର ଦୂରତାରେ ଅବସ୍ଥିତ ଗୋଟିଏ ପେଟ୍ରୋଲ୍ ପମ୍ପର ପାର୍କିଙ୍ଗ ଏରିଆରେ ଜର୍ମାନୀର ଯମାତ୍ ଗୁଡ଼ିକରୁ ଆସିଥିବା ପ୍ରତିନିଧି ମଣ୍ଡଳ ହଜୁର ଅନଓ୍ୱର ଅ:ବ:ଅଙ୍କୁ ସ୍ୱାଗତ ଜଣାଇବାର ପ୍ରୋଗ୍ରାମ ଥିଲା ଏବଂ ଏହି ଇଲାକାର ଗୋଟିଏ ରେଷ୍ଟୁରାଂଟରେ ଲଂଚ କରିବାର ବ୍ୟବସ୍ଥା ମଧ୍ୟ କରାଯାଇଥିଲା ।

ହଜୁର ଅନଓ୍ୱର ଅ:ବ:ଅଙ୍କ ଗାଡ଼ି ଯେଉଁ କ୍ଷଣି ସେହି ପାର୍କିଙ୍ଗ ଏରିଆରେ ପହଂଚିଲା ସେହି କ୍ଷଣି ମୋକରମ୍ ଅବ୍‌ଦୁଲ୍ଲାଃ ଓ୍ୱାଗସ୍ ହାଉଜର୍ ସାହେବ୍ ଅମୀର ଯମାତ୍ ଜର୍ମାନୀ, ମୋକରମ ହେଇଦର୍ ଅଲୀ ଜଫର୍ ସାହେବ୍ ମୁବଲିଗ୍ ଇନ୍‌ଚାର୍ଜ ଜର୍ମାନୀ, ମୋକରମ୍ ମୁହମ୍ମଦ ଇଲିଆସ୍ ମଜୁକେ ସାହେବ୍ ଜେନେରାଲ୍ ସେକ୍ରେଟାରୀ ଓ ଅଫିସର ଜଲ୍‌ସା ସାଲାନା ଜର୍ମାନୀ, ମୋକରମ୍ ଜରିଉଲ୍ଲାଃ ସାହେବ୍ ମୁବ୍‌ଲିଗ୍ ସିଲ୍‌ସିଲା ଜର୍ମାନୀ, ମୋକରମ୍ ୟହିଆ ଯାହିଦ୍ ସାହେବ୍ ଆସିଷ୍ଟାଂଟ ଜେନେରାଲ୍ ସେକ୍ରେଟାରୀ, ମୋକରମ୍ ହସ୍‌ନାତ୍ ଅହେମଦ୍ ସାହେବ୍ ସଦର୍ ମଜ୍‌ଲିସ୍ ଖୁଦାମୁଲ୍ ଅହେମଦିୟା ଜର୍ମାନୀ, ମୋକରମ୍ ଡ଼ାକ୍ତର ଅତହର୍ ଜୁବୈର୍ ସାହେବ୍, ମୋକରମ୍ ଅବ୍‌ଦୁଲ୍ଲାଃ ସପ୍‌ରା ସାହେବ୍ ଏବଂ ମୋକରମ୍ ଫଏଜାନ୍ ଅମେହଦ୍ ଅହେମଦ୍ ସାହେବ୍ ଇନ୍‌ଚାର୍ଜ ବିଶେଷ ସୁରକ୍ଷା ଦଳ । ନିଜ ନିଜର ଖୁଦାମ୍ ମାନଙ୍କ ସିକ୍ୟୁରିଟି ଟିମ୍ ସହିତ ନିଜ ପ୍ରୀୟ ଆକାଙ୍କୁ ସ୍ୱାଗତ ଜଣାଇଲେ ।

ଏଠାରୁ ଖାଇବା ପିଇବା ଇତ୍ୟାଦି କାର୍ଯ୍ୟକ୍ରମ ଶେଷ କରିବା ପରେ ଠିକ୍ ୩:୪୫ ମିନିଟରେ ବେଲ୍‌ଜିୟମ୍ ଏବଂ ଜର୍ମାନୀର ସୀମାରେ ଥିବା Aachen ସହର ନିମନ୍ତେ ଯାତ୍ରା ଆରମ୍ଭ ହେଲା । ଆଜି ଫ୍ରାଙ୍କର୍ଫଟ ଯିବା ବେଳେ ଏଠି ରାସ୍ତାରେ ରହି ନୂତନ ଭାବେ ନିର୍ମାଣ କରାଯାଇଥିବା ମସ୍‌ଜିଦ୍ "ମସ୍‌ଜିଦ୍ ମନ୍‌ସୁର୍"ର ଉଦ୍‌ଘାଟନୀ ଉତ୍ସବର ପ୍ରୋଗ୍ରାମ ରଖାଯାଇଥିଲା ।

କାଲାଇସ୍ ସହରଠାରୁ AAchen ସହରର ଦୁରତା ହେଉଛି ୩୪୭ କିଲୋମିଟର । ୫୫ କିଲୋମିଟର ରାସ୍ତା ଅତିକ୍ରମ କରିବା ପରେ ଫ୍ରାନ୍ସର ସୀମା ପାର କରି ବେଲ୍‌ଜିୟମ ଦେଶର ସୀମା ମଧ୍ୟରେ ପ୍ରବେଶ କଲେ । ପୁଣି ଆହୁରି ୨୭୮ କିଲୋମିଟର ରାସ୍ତା ବେଲ୍‌ଜିୟମ୍ ମଧ୍ୟରେ ଅତିକ୍ରମ କରିବାପରେ ଠିକ୍ ୬:୧୫ ମିନିଟରେ ବେଲ୍‌ଜିୟମ୍‌ର ବର୍ଡ଼ରକୁ ପାର ହୋଇ ଜର୍ମାନୀର ବର୍ଡ଼ର ମଧ୍ୟରେ ପ୍ରବେଶ କଲେ । ଏଠାରୁ ଦଶମିନିଟର ରାସ୍ତା ପରେ Aachen ସହର ଆସିଥାଏ । ଏଠାରେ ପୂର୍ବରୁ ନିର୍ଦ୍ଧାରଣ କରାଯାଇଥିବା ପ୍ରୋଗ୍ରାମ ମୁତାବକ ହଜୁର ଅନଓ୍ୱର ଅ:ବ:ଅ କିଛି ସମୟ ପାଇଁ ମୋକରମ୍ ସିଦ୍ଦିକ୍ ଅହେମଦ୍ ଡ଼ୋଗର ସାହେବ୍‌ଙ୍କ ଘରକୁ ଗଲେ । ସିଦ୍ଦିକ୍ ଅହେମଦ୍ ଡ଼ୋଗର୍ ସାହେବ ହେଉଛନ୍ତି ଯମାତ୍‌ର ଜଣେ ନିଷ୍ଠାବାନ ଓ ଉତ୍ସର୍ଗୀ କର୍ମୀ ଏବଂ ଯମାତ୍ ଆଚେନ୍‌ର ପୁରୁଣା ଓ ପ୍ରାରମ୍ଭିକ ସଦସ୍ୟମାନଙ୍କ ମଧ୍ୟରୁ ଜଣେ । ଏଠାରେ ଯମାତ୍‌ର ମୂଳଦୁଆ, ସ୍ଥାପନା ଏବଂ ପ୍ରାରମ୍ଭିକ ସେଟଅପ୍‌ରେ ତାଙ୍କର ବହୁତ ବଡ଼ ଯୋଗଦାନ ରହିଛି । ସେ ମହାଶୟ ନିଜେ ଯମାତର ପ୍ରାଥମିକ ସଦର ମଧ୍ୟ ଥିଲେ ।

ଏଠାରୁ ଠିକ୍ ୬:୪୫ ମିନିଟରେ ମସ୍‌ଜିଦ୍ ମନ୍‌ସୁର୍ Aachen ନିମନ୍ତେ ଯାତ୍ରାର ଆରମ୍ଭ ହେଲା । ପୋଲିସ୍ ର ଗାଡ଼ିଗୁଡ଼ିକ କାଫିଲାକୁ ଏସ୍କର୍ଟ କଲା । ଠିକ୍ ୭ଟାରେ ହଜୁର ଅନଓ୍ୱର ଅ:ବ:ଅ ମସ୍‌ଜିଦ୍ ମନ୍‌ସରଠାରେ ପଦାର୍ପଣ କଲେ । ସେଠାରେ ଯମାତ୍‌ର ଲୋକମାନେ ବହୁ ସଂଖ୍ୟାରେ ନିଜ ପ୍ରୀୟ ଆକାଙ୍କୁ ବହୁତ ଉତ୍ସାହିତ ହୋଇ ସ୍ୱାଗତ କଲେ ଏବଂ ହାତକୁ ଉପରକୁ ଉଠାଇ ହଜୁରଙ୍କୁ ସ୍ୱାଗତ ଜଣାଇଲେ । ଛୋଟ ଛୋଟ ପୁଅ ଓ ଝିଅ ପିଲାମାନେ ସ୍ୱାଗତ ସମ୍ବର୍ଦ୍ଧନା ମୂଳକ ତରାନା ଉପସ୍ଥାପନ କଲେ ।

ଏହି ଅବସରରେ ସଦର ଯମାତ୍ Aachen ମୋକରମ୍ ବଶିର୍ ଅହେମଦ୍ ଡୋଗର ସାହେବ ହଜୁର ଅନଓ୍ୱର ଅ:ବ:ଅଙ୍କୁ ସ୍ୱାଗତ ଜଣାଇ ହାତ ମିଳାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

ଆଜି ମସ୍‌ଜିଦ୍‌ର ଏହି ଉଦ୍‌ଘାଟନ ଉତ୍ସବରେ ସାମିଲ ହେବାପାଇଁ ଆସିଥିବା ଅତିଥିମାନଙ୍କ ମଧ୍ୟରେ Lord Mayor Marcel Philipp, ରାଜ୍ୟସଭା ସଦସ୍ୟ Honble Schultheih Karl ଏବଂ ଆଚନ୍ ସହରର ପାର୍ଲାମେଂଟ ସଦସ୍ୟ Jansen Bjorn ସାହେବ ମଧ୍ୟ ହଜୁର ଅନଓ୍ୱର ଅ:ବ:ଅଙ୍କୁ ସ୍ୱାଗତ ଜଣାଇଲେ ଏବଂ ହଜୁରଙ୍କ ସହିତ ହାତ ମିଳାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

ଆଚନ୍ ସହରର ଗୋଟିଏ କ୍ଲବର ଆଠଜଣ ଅଶ୍ୱାରୋହୀ ନିଜ ନିଜ ଘୋଡ଼ା ଉପରେ ବସି ନିଜର ବିଶେଷ ପୋଷାକ ପରିଧାନ କରି ହଜୁର ଅନଓ୍ୱର ଅ:ବ:ଅଙ୍କୁ ସ୍ୱାଗତ ଜଣାଇବା ପାଇଁ ପ୍ରସ୍ତୁତ ଥିଲେ । ସେମାନେ ନିଜର ବିଶେଷ ଶୈଳୀରେ ହଜୁର ଅନଓ୍ୱର ଅ:ବ:ଅଙ୍କୁ ସଲାମୀ ଦେଲେ ଓ ସ୍ୱାଗତ ଜଣାଇଲେ । ଏହି ଅବସରରେ ପ୍ରେସ୍‌ର ଫଟୋଗ୍ରାଫର ମଧ୍ୟ ଉପସ୍ଥିତ ଥିଲେ ଓ ସେମାନେ ଅନବରତ ଫଟୋ ଉଠାଉଥିଲେ ।

ତା'ପରେ ହଜୁର ଅନଓ୍ୱର ଅ:ବ:ଅ

*ଅବଶିଷ୍ଟାଂଶ ପୃଷ୍ଠା- ୧୦ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan